ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.222 Bhubaneswar Saturday, October 23, 2021 | ୨୪ତମ ବର୍ଷ ସଂଖ୍ୟା-୨୨୨ ଭୁବନେଶ୍ୱର, ଶନିବାର, ଅକ୍ଟୋବର ୨୩, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବରିପଦାଠାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ ହେଲ୍‌ଥ କାର୍ଡ଼ ବଣ୍ଟନ ପ୍ରକଳ୍ପର ଲୋକାର୍ପଣ ଓ ଶୀଳାନ୍ୟାସ କରୁଛନ୍ତି

# ଗୋଟିଏ ଦିନରେ ୪୬୭ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୨।୧୦(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୪୬୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୩୭୫୨୩ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୮୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୨୪ ହଜାର ୪୨୨ ହୋଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୭୪୭ ରହିଛି। ଆଜି ଚିହ୍ନଟ ହୋଇଥିବା ୪୬୭ ଜଣଙ୍କ ମଧ୍ୟରୁ ୨୭୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୯୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୩ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୨୪୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି।ଗତ ୨୪ ଘଂଟା ମଧରେ ଅନୁଗୁଳ ଜିଲ୍ଲାରୁ ୪, ବାଲେଶ୍ୱରରୁ ୧୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ୧, ଭଦ୍ରକରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗୀର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଟକରୁ ୩୬ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି।ଢେଙ୍କାନାଳ ଜିଲ୍ଲାରେ ୪ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଗଂଜାମ ଜିଲ୍ଲାରୁ ୨, ଜଗତସିଂହପୁର ଜିଲ୍ଲାରୁ ୧୩ ଜଣ, ଯାଜପୁରରୁ ୮ ଜଣ ସଂକ୍ରମିତ ହୋଇଥିବା ବେଳେ, ଝାରସୁଗୁଡ଼ାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କେନ୍ଦ୍ରାପଡ଼ାରୁ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।ଖୋର୍ଦ୍ଧାରୁ ୨୪୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ଓ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି।

## ରସୁଲଗଡ଼ ଛକରୁ ଅଢ଼େଇ କୁଇଂଟାଲ ଗଂଜେଇ ଜବତ, ୨ ଗିରଫ

ଭୁବନେଶ୍ୱର, ୨୨।୧୦(ପି.ଏନ): ଭୁବନେଶ୍ୱର ରସୁଲଗଡ଼ ଛକରୁ ଅଢ଼େଇ କୁଇଂଟାଲ ଗଂଜେଇ ଜବତ ହୋଇଛି। ଏହି ମାମଲାରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଦୁଇ ଜଣଙ୍କ ଘର ବିହାରରେ ବୋଲି ଜଣାପଡିଛି। ଏହି ଗଂଜେଇ କୋରାପୁଟ ରୁ ବିହାର କୁ ଚାଲାଣ ହୋଇଥାନ୍ତା। ନାରକୋଟିକ୍ସ କଂଟ୍ରୋଲ ବ୍ୟୁରୋ ର ଏକ ଟିମ୍ ଭୁବନେଶ୍ୱର ରସୁଲଗଡ଼ ଛକରେ ଏକ ତେଲ ଟ୍ୟାଙ୍କର (ଡବ୍ଲୁବି-୨୯ବି ୨୫୦୧) କୁ ପିଛା କରି ଧରିଥିଲା। ସେଥିରୁ ଅଢେଇ କୁଇଂଟାଲ ଗଞ୍ଜେଇ ଜବତ ହୋଇଥିଲା। ଘଟଣାସ୍ଥଳରୁ ଟ୍ୟାଙ୍କର ର ଚାଳକ ଓ ଅନ୍ୟ ଜଣକୁ ଗିରଫ କରାଯାଇଛି। ଗିରଫ ଦୁଇଜଣ ହେଲେ ଭୋଜପୁର ବିହାରର ସୁନୀଲ ରାୟ ଓ ଆଗିନଦେଓ ବିନ୍।

## ମନୀଷ ଅନୁରାଗ ହତ୍ୟା ମାମଲା : ବଦଳିଲେ ଆଇଆଇସି, ବାର ମାଲିକ ତଥା କନେଷ୍ଟବଳ ନିଲମ୍ବିତ

ଭୁବନେଶ୍ୱର, ୨୨।୧୦(ପି.ଏନ): ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କ ପୁଅ ମନୀଷ ଅନୁରାଗ ହତ୍ୟା ମାମଲାରେ ତମାଣ୍ଡୋ ଥାନା ଆଇଆଇସିଙ୍କୁ ବଦଳି କରାଯାଇଛି। କାର୍ଯ୍ୟରେ ଅବହେଳା ଅଭିଯୋଗରେ ଆଇଆଇସି ପ୍ରମୋଦ ପଟ୍ଟନାୟକଙ୍କୁ ଡିସିପି ଅଫିସ୍ କୁ ବଦଳି କରାଯାଇଛି। ଅପରପକ୍ଷରେ ଘଟଣା ଦିନ ମନୀଷ ଥିବା ସାଉଥ୍ ସିଟି ବାର୍ ର ମାଲିକ ପ୍ରଦ୍ୟୁମ୍ନ ଜେନା ଓ ପ୍ରସନ୍ନ ବେହେରାଙ୍କୁ ପୋଲିସ୍ ଅଟକ ରଖିଛି। ଏହା ପୂର୍ବରୁ ବାର୍ ର ମାଲିକ ତଥା କନେଷ୍ଟବଳ ପ୍ରସନ୍ନ ବେହେରାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଆଡିସନାଲ ଡିସିପିଙ୍କ ତଦନ୍ତ ଆଧାରରେ ଡିସିପି ତାଙ୍କୁ ନିଲମ୍ବନ କରିଛନ୍ତି। ପ୍ରସନ୍ନଙ୍କ ବିରୁଦ୍ଧରେ ବିଳମ୍ବିତ ରାତି ଯାଏଁ ବାର୍ ଚଳାଇବା ,କର୍ଫ୍ୟୁ ନିୟମ ଉଲ୍ଲଂଘନ ଓ କର୍ତବ୍ୟରେ ଅବହେଳା ଅଭିଯୋଗ ହୋଇଥିଲା।

## ବିନା ଛୁଂଚିରେ ଶିଶୁଙ୍କୁ ଦିଆଯିବ ଟିକା

ଭୁବନେଶ୍ୱର, ୨୨।୧୦(ପି.ଏନ): ବିନା ଛୁଂଚିରେ ଶିଶୁଙ୍କୁ ଟିକା ଦିଆଯିବ। ଏହି ସୂଚନା ଦେଇଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ। ସେ କହିଛନ୍ତି, ଶିଶୁମାନେ ଦୁଇଟି ଟିକା ନେବା ପାଇଁ ପରାମର୍ଶ ରହିଛି। ଡିସିଜିଆଇ ଦ୍ୱାରା ଅନୁମୋଦିତ ଯାଇପର ଡି ୧୨ ରୁ ୧୮ ବର୍ଷ ବୟସ୍କ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ। ଏହାଛଡ଼ା କୋଭାକସିନକୁ ପରୀକ୍ଷା କରି ଡିସିଜିଆଇ ଅନୁମତି ଦେବେ। ଏ ନେଇ ଆଜି କେନ୍ଦ୍ର ସରକାରଙ୍କ ପକ୍ଷରୁ ସନ୍ଧ୍ୟା ରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ତାଲିମ୍ ଦିଆଯିବ।ସେ ଆହୁରି କହିଛନ୍ତି ରାଜ୍ୟରେ ୨ ବର୍ଷ ରୁ ୧୮ ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କୁ ଟିକା ଦିଆଯିବ। ରାଜ୍ୟରେ ୧ କୋଟି ୪୦ ଲକ୍ଷ ଶିଶୁ ଅଛନ୍ତି। ଯଦି ଏକା ସାଙ୍ଗେ ଆମେ ଶିଶୁମାନଙ୍କୁ ଟିକା ଦେବା ପାଇଁ ଆରମ୍ଭ କରିବୁ, ତେବେ ଆମକୁ ଟିକାକାରଣ କେନ୍ଦ୍ର ସଂଖ୍ୟା ବଢ଼ାଇବାକୁ ପଡ଼ିବ। ନିର୍ଦ୍ଦେଶ ଆସିବା ମାତ୍ରେ ଆମେ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ କରିବୁ। ଯେହେତୁ ପିଲାମାନେ ଇଞ୍ଜେକ୍ସନକୁ ଟିକେ ଡରନ୍ତି, ତେଣୁ ସେମାନଙ୍କୁ ଫର୍ମାଡେପ୍ଥ ଟେକ୍ନୋଲୋଜି ମାଧ୍ୟମରେ ଟିକା ଦିଆଯିବ। ଏଥିପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଆସିବ। ତାହା ଅନୁସାରେ ଆମେ ଟିକାକରଣ କରାଇବୁ।ବର୍ତ୍ତମାନ ସୁଦ୍ଧା ୩ କୋଟି ୫୦ ଲକ୍ଷ ଡୋଜ ଟିକା ଦିଆସାରିଲାଣି। ଏଥିମଧ୍ୟରୁ ଏଯାବତ୍ ୨ କୋଟି ୪୭ ଲକ୍ଷ ପ୍ରଥମ ଡୋଜ୍ (୭୮%)ଓ ୧ କୋଟି ୩ଲକ୍ଷ ଦ୍ୱିତୀୟ ଡୋଜ (୩୩%) ଦିଆସାରିଛି। ଆଜି ୧୮୩୦ଟି ଟିକାକରଣ କେନ୍ଦ୍ରରେ ଟିକାକରଣ କରାଯାଉଛି।ବର୍ତ୍ତମାନ ରାଜ୍ୟରେ୨୪ ଲକ୍ଷ ଟିକା ମହଜୁଦ ଅଛି।

## କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ଛାତ୍ରଙ୍କ ପ୍ରକଳ୍ପ ଜାତୀୟସ୍ତରରେ ପ୍ରଶଂସିତ

ଭୁବନେଶ୍ୱର,୨୨।୧୦(ପି.ଏନ): କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ଏକାଦଶଶ୍ରେଣୀ ଛାତ୍ର ବୈଭବ କୁମାରଙ୍କ ପ୍ରକଳ୍ପ ଜାତୀୟସ୍ତରରେ ପ୍ରଶଂସିତ ହୋଇଛି। ବୈଭବଙ୍କ ପ୍ରକଳ୍ପ ଡ.ଏ.ପି.ଜେ ଅବଦୁଲ୍ କାଲାମ୍ ଇଗ୍‌ନାଇଟ୍ ପୁରସ୍କାର-୨୦୨୧ଅନ୍ତର୍ଗତ ଆପ୍ରିସିଏସନ୍ ପୁରସ୍କାର ଲାଭ କରିଛି। ଭାରତ ସରକାରଙ୍କ ବିଜ୍ଞାନ ଓ ବୈଷୟିକ ବିଭାଗର ନ୍ୟାସନାଲ୍ ଇନୋଭେସନ୍ ଫାଉଣ୍ଡେସନ୍(ଏନଆଇଏଫ୍) ଦ୍ୱାରା ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ବୈଭବ ହେଉଛନ୍ତି ଓଡିଶାର ଏକମାତ୍ର ଛାତ୍ର ଯେ କି ଚଳିତ ବର୍ଷ ଏହି ପୁରସ୍କାର ପାଇବାର ଗୌରବ ଅର୍ଜନ କରିଛନ୍ତି। ଶ୍ରେଷ୍ଠ ବିବେଚିତ ୨୦ଟି ପ୍ରକଳ୍ପ ମଧ୍ୟରେ ବୈଭବଙ୍କ



ପ୍ରକଳ୍ପ ଏହି ପୁରସ୍କାର ପାଇଁ ମନୋନୀତ ହୋଇଛି। ଲୋକଙ୍କ ସହ ଶ୍ରମିକମାନଙ୍କୁ ଯୋଡିବା ପାଇଁ ସେ ଲେବର୍ ଲିଙ୍କର୍ ସିଷ୍ଟମ ନାମରେ ଏକ ଆପ୍ଲିକେସନ୍ ପ୍ରସ୍ତୁତ କରିଥିଲେ। ଏହି ଆପ୍ଲିକେସନ୍ ମାଧ୍ୟମରେ ଶ୍ରମିକମାନଙ୍କୁ କାମ ପାଇଁ ଦିନ ତମାମ ଖରାବର୍ଷାରେ ଠିଆ ହେବାକୁ ପଡିବନି, ସେମାନେ ସେମାନଙ୍କ ଦକ୍ଷତା ଅନୁସାରେ କାମ ପାଇପାରିବେ। ଏହି ଆପ୍ଲିକେସନ୍ ମାଧ୍ୟମରେ ଠିକାଦାରମାନେ ସେମାନଙ୍କ କାମ ପାଇଁ କେଉଁ ପ୍ରକାର ଶ୍ରମିକ ଆବଶ୍ୟକ ତାହା ବାଛିପାରିବେ ଓ ସେମାନଙ୍କୁ ଠିକ୍ କାମରେ ଲଗାଇ ପାରିବେ। ବୈଭବଙ୍କ ଏହି ସର୍ଜନା ଜାତୀୟ ସ୍ତରରେ ପ୍ରଶଂସିତ ହେବାସହ ଏହି ପୁରସ୍କାର ଲାଭ କରିଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ବୈଭବଙ୍କୁ ତାଙ୍କରଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହ ଆଗକୁ ଏଭଳି ଆହୁରି ଅନେକ ସର୍ଜନା ସୃଷ୍ଟି ପାଇଁ ଉତ୍ସାହ ପ୍ରଦାନ କରିଛନ୍ତି।

# ଗୃହମନ୍ତ୍ରୀ-ଗୋବିନ୍ଦ ଲିଙ୍କକୁ ନେଇ ପୁଲିସ ଚୁପ୍: ବିଜେଡିର ଦୁଇ ଉପସଭାପତି ମୁହାଁମୁହିଁ

ଭୁବନେଶ୍ୱର,୨୨।୧୦(ପି.ଏନ): ସ୍କୁଲ ଅଧକ୍ଷା ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ନିଜର ଦୋଷ ସ୍ୱୀକାର କରିବା ସହ କିଭଳି ଅପରାଧ କରିଥିଲା ତାହା ଆଜି ପୁଲିସକୁ ଦେଖାଇବା ପରେ ବି ନବୀନ ପଟ୍ଟନାୟକ ସରକାରର ଚେତା ପଶିନି। ମମିତା ହତ୍ୟା ମାମଲାରେ ପୁଲିସକୁ ତଦନ୍ତ ନିମନ୍ତେ ନବୀନ ପଟ୍ଟନାୟକ ସରକାର ସୁଯୋଗ ନଦେଇ ଓଲଟା କ୍ଷମତାର ଅହଙ୍କାରରେ ବିବାଦୀୟ ଗୃହମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ସୁରକ୍ଷା ଦେବାକୁ ଜିଦ୍ ଧରି ବସିଛି। ଆଉ ନୈତିକତା ଦୃଷ୍ଟିରୁ ଦିବ୍ୟଶଙ୍କରଙ୍କ ଇସ୍ତଫା ଦାବି ଜୋର ଧରିଥିବାବେଳେ ଏହାକୁ ଏଡାଇ ଯାଇ ବିଜେଡିର ଜଣେ ମହିଳା ଉପସଭାନେତ୍ରୀ ପ୍ରମିଳା ମଲ୍ଲିକ ଓ ଛାତ୍ର ମହାସଚ଼ିବ(ଛାତ୍ରୀ ନେତ୍ରୀ) ଇପସିତା ସାହୁ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଯେଉଁସ୍ତରକୁ ଯାଇ ଓକିଲାତି କରୁଛନ୍ତି ତାହା ଯେ ଆଂଚ଼ଳିକ ଦଳ ବିଜେଡି ବା ନବୀନ ପଟ୍ଟନାୟକ ନେତୃତ୍ୱାଧୀନ ଦଳର ଆଭିମୁଖ୍ୟ ତାକୁ ନେଇ ଏବେ ସାଧାରଣରେ ସନ୍ଦେହ ସୃଷ୍ଟି ହେଲାଣି।ଏପଟେ ବିଜେଡି ଉପସଭାପତି ତଥା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଦଳର ଏଭଳି ଓକିଲାତିକୁ ନାପସନ୍ଦ କରି





ବିଜେଡି ନେତ୍ରୀଙ୍କ ମାନସିକତାକୁ ଯେତେ କଠୋର ଶବ୍ଦରେ ନିନ୍ଦା କରାଯିବ ତାହା କମ୍ ହେବ ବୋଲି କହିବାକୁ ପଛାଇ ନାହାନ୍ତି। ସୌମ୍ୟ ମଧ ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସତର୍କ କରାଇ ଆତ୍ମନିର୍ମିତ ଅନୁକୂଳ ପରିବେଶକୁ ବେଶୀ ବିଶ୍ୱାସ କରିବା ଆତ୍ମଘାତୀ ହେବ ବୋଲି କହିଛନ୍ତି।ପୁଲିସ ସୂତ୍ରରୁ ମିଳିଥିବା ସୂଚ଼ନା ଅନୁସାରେ, ମନ୍ତ୍ରୀ ଶ୍ରୀ ମିଶ୍ରଙ୍କ ଛତ୍ରଛାୟାରେ ରହି ତାଙ୍କର ସମ୍ପୂର୍ଣ୍ଣ ଅନୁଗତ ଭାବେ ଗୋବିନ୍ଦ ଗତ ପ୍ରାୟ ୩ରୁ ୪ବର୍ଷ ହେବ ଗୋଲାମୁଣ୍ଡା ବ୍ଲକ ପ୍ରଶାସନକୁ ନିୟନ୍ତ୍ରଣ କରୁଥିଲା। ମନ୍ତ୍ରୀଙ୍କର ଖାସ୍ ଲୋକ ବୋଲି ଗୋବିନ୍ଦ ବ୍ଲକଠୁ ଥାନା ପର୍ଯ୍ୟନ୍ତ ସବୁଠି ନିଜର ପତିଆରା ଦେଖାଉଥିଲା। ଆଉ କଳାହାଣ୍ଡି ଜିଲ୍ଲାରେ ଥିବାବେଳେ ମନ୍ତ୍ରୀ ପ୍ରାୟ ସମୟ ଗୋବିନ୍ଦଙ୍କ ଶିକ୍ଷାନୁଷ୍ଠାନକୁ ଯାଇ ୩-୪ ଘଣ୍ଟା ଏକାନ୍ତରେ ବିତାଇଥାନ୍ତି।ଏପରିକି ମମିତା ତାଙ୍କୁ ଧମକାଇଥିବା ସମ୍ପର୍କରେ ବି ଗୋବିନ୍ଦ ଗତ କିଛିମାସ ତଳେ ମନ୍ତ୍ରୀଙ୍କୁ ଅବଗତ କରିଥିବା କଥା ପୁଲିସ ଆଗରେ ସ୍ୱୀକାର କରିଛି।ମମିତାଙ୍କୁ ହତ୍ୟା କରିବା ଓ ପୁଲିସ ବାରାକରୁ ଫେରାର ହେବା ପର୍ଯ୍ୟନ୍ତ (ଅକ୍ଟୋବର ୮ରୁ ୧୭ତାରିଖ) ମଧରେ ଗୋବିନ୍ଦଙ୍କ ଫୋନରୁ ମନ୍ତ୍ରୀ ଶ୍ରୀ ମିଶ୍ର ଏବଂ ତାଙ୍କ ବ୍ୟକ୍ତିଗତ ସଚ଼ିବ ଓ ବ୍ୟକ୍ତିଗତ ସହାୟକଙ୍କ ନିକଟକୁ ପ୍ରାୟ ୧୦ରୁ ୧୨ଥର ଫୋନ୍ କରିଥିବା ଏବଂ କଥା ହୋଇଥିବା ପୁଲିସ ଜାଣିବାକୁ ପାଇଛି। ଏନେଇ ତଦନ୍ତକାରୀ ଟିମ୍ ମଧ ନିଜର ଉପରିସ୍ତ ଅଧିକାରୀଙ୍କୁ ଅବଗତ କରାଇ ସାରିଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି। ତେବେ ଏତେ ସବୁ ତଥ୍ୟ ଜାଣିବା ପରେ ବି ତଦନ୍ତକାରୀ ପୁଲିସ କାହିଁକି ମନ୍ତ୍ରୀଙ୍କୁ ତଦନ୍ତ ପରିସରଭୁକ୍ତ କରୁନି ତାହା ଏବେ ସବୁଠୁ ବଡ ପ୍ରଶ୍ନ। ସେହିପରି ଗୋବିନ୍ଦଙ୍କ ଫୋନ୍ କଲ ବିବରଣୀକୁ ମଧ ପୁଲିସ ସାର୍ବଜନୀନ କରୁନି। ଯାହାକି ଗୃହମନ୍ତ୍ରୀ ଓ ତାଙ୍କ ଅଫିସ୍ କର୍ମଚ଼ାରୀଙ୍କ ଭୂମିକାକୁ ସନ୍ଦେହଘେରକୁ ଟାଣିଛି। ଗୋବିନ୍ଦଙ୍କ ସ୍କୁଲ ଓ କଲେଜରେ ମନ୍ତ୍ରୀ ମଧ ନିଜର ଅର୍ଥ ବିନିଯୋଗ କରିଛନ୍ତି ବୋଲି ମଧ ଚ଼ର୍ଚ୍ଚା ହେଉଛି। ଏସବୁ ଘଟଣା ଏବଂ ଗୋବିନ୍ଦଙ୍କ ସହ ମନ୍ତ୍ରୀଙ୍କର ଲିଙ୍କର ତଦନ୍ତ କିଏ କରିବ ଓ କେମିତି ହେବ ତାହା ଏବେବି ଅସ୍ପଷ୍ଟ। ଅନ୍ୟପକ୍ଷରେ, ମମିତାଙ୍କ ହତ୍ୟା ଘଟଣାରେ ବିଜେଡିର ଦୁଇ ନେତ୍ରୀ ଯେଭଳି ସାମ୍ବାଦିକ ସମ୍ମିଳନୀ କରି ଦିବ୍ୟଶଙ୍କରଙ୍କ ମନ୍ତ୍ରୀ ପଦ ବଂଚ଼ାଇବା ସପକ୍ଷରେ ଓକିଲାତି କରୁଛନ୍ତି ସେମାନଙ୍କୁ ବିଜେଡି ଉପସଭାପତି ସୌମ୍ୟରଞ୍ଜନ କଟୁ ଭାଷାରେ ସମାଲୋଚ଼ନା କରିବାକୁ ପଛାଇନାହାନ୍ତି। ବିଜେଡି ନେତ୍ରୀ ପ୍ରମିଳା ଏହାକୁ ଗୋଟିଏ ଛୋଟିଆ ଘଟଣା କହିଥିବାବେଳେ ସୌମ୍ୟ ତାଙ୍କୁ ଜଣେ ସମ୍ବେଦନଶୂନ୍ୟତା ଓ ହୃଦୟହୀନତା ମହିଳା ଭାବେ ଚ଼ିତ୍ରଣ କରାଇ ତାଙ୍କର ଏଭଳି ମାନସିକତାକୁ ଯେତେ କଠୋର ଶବ୍ଦରେ ନିନ୍ଦା କଲେ କମ୍ ହେବ ବୋଲି କହିବାକୁ ପଛାଇ ନାହାନ୍ତି। ଗତ କିଛିମାସ ଧରି ରାଜ୍ୟରେ ସଂଗଠିତ ହେଉଥିବା ଅପରାଧ ଘଟଣାରେ ସରକାର ଓ ବିଜେଡିର ନରମ ଦୃଷ୍ଟିଭଙ୍ଗୀକୁ ମଧ ସୌମ୍ୟ ଉଜାଗର କରି ଏବେ ସମୟୋପଯୋଗୀ ସୁଚ଼ିନ୍ତିତ କୌଶଳ ଦ୍ୱାରା ଜନମତକୁ ପ୍ରଭାବିତ କରାଯାଉଛି ବୋଲି କହିଛନ୍ତି। କିନ୍ତୁ ଏ ପ୍ରକାରର ଆତ୍ମନିର୍ମିତ ଅନୁକୂଳ ପରିବେଶକୁ ବେଶୀ ବିଶ୍ୱାସ କରିବା ଆତ୍ମଘାତୀ ହେବ ଓ ନବୀନବାବୁଙ୍କ ପ୍ରଶାସନ ଯେଉଁ ସବୁ କାରଣ ପାଇଁ ଲୋକପ୍ରିୟ ହୋଇଥିଲା ତାହା ଏବେ ବିପଦରେ ବୋଲି ସୌମ୍ୟ ସତର୍କ କରାଇଛନ୍ତି।ଅଭିଯୁକ୍ତ ଗୋବିନ୍ଦଙ୍କ ସହ ମନ୍ତ୍ରୀ ଶ୍ରୀ ମିଶ୍ରଙ୍କର ଘନିଷ୍ଠତାର ପୁଳାପୁଳା ପ୍ରମାଣ ଏବେ ସୋସିଆଲ ମିଡିଆରେ ଘୁରି ବୁଲୁଥିବାବେଳେ ମୁଖ୍ୟମନ୍ତ୍ରୀ ଚୁପ୍ ରହିବା ଏବଂ ମନ୍ତ୍ରୀଙ୍କୁ ଦୋଷୀ ସାବ୍ୟସ୍ତ କରିବାର ଥିଲେ ଅଦାଲତକୁ ଯାଅ ବୋଲି ବିଜେଡି ବେପରୁଆ ଢଙ୍ଗରେ କହିବା ପରୋକ୍ଷରେ ବିଜେଡିର କ୍ରୁର ଚେହେରାକୁ ଏବେ ପଦାରେ ପକାଇଲାଣି। ଆଉ ଦିବ୍ୟଶଙ୍କରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଜେଡି ସୁପ୍ରିମୋ ଓ ତାଙ୍କ ପରାମର୍ଶଦାତାଙ୍କ ଟାଳଟୁଳ ନୀତି ହିଁ ବିଜେଡି ନେତାମାନଙ୍କୁ ଏବେ ଦୁଇ ଫାଳ କରିଥିବା ଜଣାପଡିଛି।

## APPOINTMENT

ପର୍ଯ୍ୟବେକ୍ଷକ PARYABEKHYAK Visit at:- www.pabitramohansamantaray.in
THE KALINGA CHRONICLE Popular people's Daily of Odisha

**Paryabekhyak** and **The Kalinga Chronicle** Group need

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**
**Visit at : www.paryabekhyak.com**
**www.thekalingachronicle.com**

**Paryabekhyak Odisha & Kalinga Chronicle TV**

1. **Visual Editor**
   2 to 5 years experience (Premier and FCP)
2. **Word Press**
   Developer-cum-Social Media Manager
   2 to 5 years experience in Managing Odia and English News Website, You tube and Social Media Platform
3. **Business Development Manager** (Sales & Marketing)
   3 to 5 years experience
4. **Bulletin Producer**
   3 to 5 years experience
5. **News Reader/ Content writer/ Anchor**
6. **Reporters at Panchyat/City** (NAC & Muncipality) / Block/ Tahasil / Sub-Division/ District Level)
   2 to 3 years experience in field Reporting
   Diploma/Degree in Digital and Broadcast Journalism Prefered

Mail your resume on
**Paryabekhyak Odisha@gmail.com**
**Kalinga Chronicle TV@gmail.com**
**Whatsapp on: 9437588705**
**Visit at :www.paryabekhyakodisha.in**
**www.kalingachronicletv.in**








ଟି ଟାଇମ୍

## ଜୋକ୍ସ



ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?

ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା

ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?

ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

# ପୁରାଣ କାହାଣୀ

## ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

## ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ। ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ୍ୟ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି। ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ 'ନାହିମୁଦି' ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା। ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ'କୁ ଆସିବା ପରେ ଏହାର ଚାହିଦା ବଢିବଢି ଚାଲିଛି। କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ।

## ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟଫ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

## ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

## ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ'। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

## ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉଙ୍କୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

## ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

## ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହଁ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ଲିନିକ ୱେବସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।




# ଘରୋଇ ଟିଉସନ୍ ଓ ଆମର ସ୍କୁଲ ଶିକ୍ଷା ବ୍ୟବସ୍ଥା

ଭୁବନେଶ୍ୱର (ପିଏନ୍): ସରକାରଙ୍କ ନଜରରେ ଏବେ ରହିବେ ଘରୋଇ କୋଚିଂ ସେଣ୍ଟର। ଚଉକି ବେଞ୍ଚ ହିସାବ ଠାରୁ ଶିକ୍ଷକ ଓ ଅଧ୍ୟାପକଙ୍କ ସମସ୍ତ ବିବରଣୀ ଦେବାକୁ ପଡ଼ିବ ସରକାରଙ୍କୁ। କୌଣସି ସେଣ୍ଟର ଏଥିରେ ଖିଲାପ କଲେ ସେମାନେ ପଚିଶ ହଜାରରୁ ଏକ ଲକ୍ଷ ଟଙ୍କା ଯାଏ ଦଣ୍ଡ ଗଣିବେ। ୨୦୧୭ ଫେବୃଆରୀରେ ସୁପ୍ରିମକୋର୍ଟ ଏପରି ଏକ ଗାଇଡ଼ ଲାଇନ ଜାରି କରି ଦେଶର ସମସ୍ତ କୋଚିଂ ସେଣ୍ଟର ଉପରେ ନଜର ରଖିବାକୁ ସମସ୍ତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାର ଏହାକୁ ପାଳନ କରିବାକୁ ଏକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏକ ମାସ ମଧ୍ୟରେ ସମସ୍ତ କୋଚିଂ ସେଣ୍ଟର ସେମାନଙ୍କ ଜିଲ୍ଲାର ଜିଲ୍ଲାପାଳଙ୍କ ନିକଟରେ ପାଞ୍ଚହଜାର ଟଙ୍କା ସହ ସମସ୍ତ ଆବଶ୍ୟକୀୟ ସୂଚନା ଦେଇ ତିନିବର୍ଷ ପାଇଁ ନାମ ପଞ୍ଜୀକୃତ କରିବାକୁ ଏଥିରେ କୁହାଯାଇଥିଲା। ଏଥିପାଇଁ କୋଚିଂ ସେଣ୍ଟରରେ କେତେ ପିଲା ପଢୁଛନ୍ତି, କେଉଁ ପାଠ୍ୟକ୍ରମ ପଢ଼ାଯାଉଛି, କେଉଁ କେଉଁ ଶ୍ରେଣୀ ବା କ୍ଲାସର ବିଷୟ ପଢ଼ାଉଛି, କେତେ ଦିନ ମଧ୍ୟରେ ପାଠପଢ଼ା ଶେଷ ହେଉଛି, କେଉଁମାନେ ପଢ଼ାଉଛନ୍ତି ଓ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ଏସବୁ ତଥ୍ୟ ଜଣାଇବା ସହ କୋଚିଂ କେନ୍ଦ୍ରରେ ଛାତ୍ରଛାତ୍ରୀଙ୍କ ପାଇଁ ପିଇବା ପାଣି, ଆଲୋକ, ଶୌଚାଳୟ, ଅଗ୍ନିନିରୋଧକ ବ୍ୟବସ୍ଥା, ସାଇକେଲ ଓ ଗାଡ଼ି ରଖିବା, ବସିବା ପାଇଁ କି ବ୍ୟବସ୍ଥା କରାଯାଇଛି ଏହାକୁ ମଧ୍ୟ ସରକାରଙ୍କୁ ଜଣାଇବାକୁ ପଡ଼ିବ। କୌଣସି ସେଣ୍ଟର ସରକାରଙ୍କ ନିୟମକୁ ବେଖାତିର କଲେ ସେମାନଙ୍କୁ ଆର୍ଥିକ ଦଣ୍ଡରେ ଦଣ୍ଡିତ କରିବା ପାଇଁ ବ୍ୟବସ୍ଥା ରହିଛି। ତେବେ ସବୁ ଟ୍ୟୁସନ୍ ବା କୋଚିଂ ସେଣ୍ଟରରେ ନାମଫଳକ ନଥିବାରୁ ଯେଉଁମାନେ ଘରୋଇ ଭାବରେ ଏହି ସେଣ୍ଟର ଖୋଲିଛନ୍ତି ସେମାନଙ୍କ ନିକଟରେ ସରକାର କିପରି ପହଞ୍ଚିବେ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ତାହାବି ଏକ ବଡ଼ ପ୍ରଶ୍ନ। ଭାରତରେ ଶିକ୍ଷା ବ୍ୟବସ୍ଥା ଅନ୍ୟାନ୍ୟ ସଭ୍ୟ ରାଷ୍ଟ୍ର ଅପେକ୍ଷା ବଡ଼ ବିଚିତ୍ର। ଏଥିରେ ଭାରତୀୟ ସମ୍ବିଧାନ ପରି ବିଭିନ୍ନ ଦେଶର ଶିକ୍ଷା ବ୍ୟବସ୍ଥାକୁ ମିଶେଇ ଶିକ୍ଷା ନୀତି ତିଆରି ହୁଏ। ସ୍ୱାଧୀନତା ପରଠାରୁ ଏଯାଏ ଶିକ୍ଷା ବ୍ୟବସ୍ଥାକୁ ନେଇ ବିଭିନ୍ନ କମିଶନ୍ ଗଠନ କରାଯାଇଛି। କିନ୍ତୁ ସେହି କମିଶନରେ ଥିବା ସୁପାରିଶକୁ ବିଭିନ୍ନ ସମୟରେ ସରକାର ଆଂଶିକ ଭାବେ ଗ୍ରହଣ କରିଛନ୍ତି ସିନା ପୂର୍ଣ୍ଣମାତ୍ରାରେ ଗ୍ରହଣ କରିନାହାନ୍ତି। ଆଗରୁ ଶିକ୍ଷା ବ୍ୟବସ୍ଥା ଓ ଏହାର ପାଠ୍ୟ ଖସଡ଼ା ରାଜ୍ୟ ସରକାରଙ୍କର ପୂର୍ଣ୍ଣ ନିୟନ୍ତ୍ରଣରେ ଥିଲା। ଅର୍ଥାତ୍ ସମ୍ବିଧାନ ସ୍ୱୀକୃତ ଯେଉଁ ତିନୋଟି ତାଲିକା ଯଥା କେନ୍ଦ୍ର ସରକାରଙ୍କ ତାଲିକା, ରାଜ୍ୟ ସରକାରଙ୍କ ତାଲିକା ଓ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତାଲିକା କନ୍‌କରେଣ୍ଟ ତାଲିକା ରହିଛି ଏବେ ଶିକ୍ଷା ବ୍ୟବସ୍ଥା କନ୍‌କରେଣ୍ଟ ତାଲିକା ଚାଲିଆସିଛି। ଏହା ସତ୍ତ୍ୱେ ବିଭିନ୍ନ ରାଜ୍ୟରେ ପ୍ରାଥମିକ ଶିକ୍ଷା ଠାରୁ ଆରମ୍ଭକରି ବିଶ୍ୱବିଦ୍ୟାଳୟ ଶିକ୍ଷା ପର୍ଯ୍ୟନ୍ତ ବିବିଧତା ରହିଛି। ଏହାଫଳରେ ଶିକ୍ଷା ବ୍ୟବସ୍ଥାରେ ସ୍ୱାଧୀନତା ସହିତ ସ୍ୱେଚ୍ଛାଚାରିତା ମଧ୍ୟ ବଢ଼ିଛି। କେତେବେଳେ କେନ୍ଦ୍ର ସରକାର ନିଜର ଚିନ୍ତାଧାରା ରାଜ୍ୟମାନଙ୍କ ଉପରେ ଲଦି ଦେବାକୁ ଚାହୁଁଥିବା ବେଳେ ଅନ୍ୟ ସମୟରେ ରାଜ୍ୟମାନେ ତାହାକୁ ଗ୍ରହଣ କରୁନଥିବା ଉଦାହରଣ ଦେଖାଯାଇଛି। ଫଳରେ ସମଗ୍ର ଦେଶ ପାଇଁ ଏକ ନିର୍ଦ୍ଦିଷ୍ଟ ଶିକ୍ଷା ବ୍ୟବସ୍ଥା ଏଯାଏ ହୋଇପାରିଲା ନାହିଁ। ଯେଉଁ ଶିକ୍ଷା ବ୍ୟବସ୍ଥା ବ୍ୟକ୍ତି ସ୍ୱାଧୀନତା ଓ ଚିନ୍ତନର ସୁଯୋଗ ଦେଇଥାଏ ତାହା ଭାରତରେ ଆଜି ଚରମ ବିଭ୍ରାନ୍ତିକର ଅବସ୍ଥା ଦେଇ ଗତି କରୁଛି। ଅଧିକାଂଶ ସ୍ଥାନରେ ମୁଖ୍ୟତଃ ପ୍ରାଥମିକ ସ୍ତରରୁ ଉଚ୍ଚ ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ ଶିକ୍ଷା ଦାନର ମାନ ପ୍ରତି ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କର ଭରସା ରହୁନାହିଁ। ସେଥିପାଇଁ ବିଭିନ୍ନ ପ୍ରକାର ମାଧ୍ୟମ ଓ ତରିକାର ସ୍କୁଲ ଓ କଲେଜ ଖୋଲା ଯାଉଛି। ତଥାପି ଏସବୁ ଉପରେ ଭରସି ପାରୁନାହାନ୍ତି ଅଭିଭାବକ ଓ ଛାତ୍ରମାନେ। ସରକାରୀ ବିଦ୍ୟାଳୟମାନଙ୍କର ଅବସ୍ଥା ଯାହା ସେଥିରେ ତ ମୋଟେ ଭରସି ହେବନାହିଁ। ଫଳରେ ପିତାମାତା ଓ ଅଭିଭାବକମାନେ ଘରୋଇ ଟ୍ୟୁସନ୍ ଓ କୋଚିଙ୍ଗ ଉପରେ ନିର୍ଭର କରୁଛନ୍ତି। କୋଚିଂ ସେଣ୍ଟର ଓ ଟ୍ୟୁସନ୍ ମାଷ୍ଟରଙ୍କ ସଂଖ୍ୟା ପ୍ରତ୍ୟେକ ରାଜ୍ୟରେ ଏତେ ମାତ୍ରାରେ ବଢ଼ିଯାଇଛି ଯେ ଏହା ଏକ ସମାନ୍ତରାଳ ଶିକ୍ଷା ବ୍ୟବସ୍ଥା ବା ଛାୟା ଶିକ୍ଷା ବ୍ୟବସ୍ଥାର ଭ୍ରମ ସୃଷ୍ଟି କରୁଛି। ଆଗରୁ ସହରମାନଙ୍କରେ କାଁ ଭାଁ ଟ୍ୟୁସନ୍ ଓ କୋଚିଂ ସେଣ୍ଟର ଥିଲା। ଏବେ ଏହା ବ୍ୟାପୀ ବ୍ଲକ ଏବଂ ପଞ୍ଚାୟତସ୍ତରକୁ ଗଲାଣି। କୋଚିଂ, ଟ୍ୟୁସନ୍ ନ ପଢ଼ିଲେ ଭଲ ମାର୍କ ରଖି ପାରିବନାହିଁ ବୋଲି ସନ୍ଦେହ କରୁଛୁ। ତେଣୁ ପିତାମାତା ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏହା ଏକ ମାନିଆରେ ପରିଣତ ହୋଇଯାଇଛି। ଫଳରେ ପିତାମାତାମାନଙ୍କର ସନ୍ତାନମାନଙ୍କ ଶିକ୍ଷା ପାଇଁ ବ୍ୟୟବରାଦ ବହୁଳ ଭାବରେ ବୃଦ୍ଧି ପାଉଛି। ଏପଟେ ସ୍କୁଲ କଲେଜରେ ପଢ଼ିବା ପାଇଁ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଅନ୍ୟପକ୍ଷରେ କୋଚିଂ ଓ ଟ୍ୟୁସନ୍ ପାଇଁ ମଧ୍ୟ ଚଢ଼ା ଦରରେ ଟଙ୍କା ଖର୍ଚ୍ଚ ହେଉଛି। ଏହା ପାରିବାରିକ ଖର୍ଚ୍ଚକୁ ବଢ଼ାଉଛି। ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥା ରିପୋର୍ଟ ଅନୁସାରେ ଏବେ ଦେଶର ୭.୧ କୋଟି ଛାତ୍ରଛାତ୍ରୀ ଘରୋଇ ଟ୍ୟୁସନ୍ ଓ କୋଚିଂ ଉପରେ ନିର୍ଭର କରୁଛନ୍ତି। ସେଥିରୁ ଛାତ୍ର ସଂଖ୍ୟା ହେଲେ ୪.୧ କୋଟି ଏବଂ ଛାତ୍ରୀ ସଂଖ୍ୟା ୩କୋଟି। ଏହା ହେଉଛି ଦେଶର ସମୁଦାୟ ଛାତ୍ରଛାତ୍ରୀ ସଂଖ୍ୟାର ଶତକଡ଼ା ୨୬ ପ୍ରତିଶତ। ଏଥିରେ ପରିବାର ଉପରେ ଆର୍ଥିକ ବୋଝ ୧୧ ପ୍ରତିଶତରୁ ୧୨ ପ୍ରତିଶତ ବଢ଼ିଛି। ଧନୀ ଘର ସିନା ଏହି ଆର୍ଥିକ ବୋଝକୁ ସମ୍ଭାଳି ପାରିବ, ଗରିବ ଲୋକଟିଏ ତାହା କରିପାରିବ କିପରି ! ତଥାପି ଘରୋଇ ଟ୍ୟୁସନ୍‌ର ମାନସିକ ରୋଗ ଏଭଳି ବ୍ୟାପିଛି ଯେ ଗରିବ ପରିବାରଟି ମଧ୍ୟ ନିଜ ପିଲାର ଭବିଷ୍ୟତ ପାଇଁ ଏଥିରୁ ମୁକ୍ତ ହୋଇପାରୁନି। କାରଣ ଧନୀମାନଙ୍କ ପରି ତାହାର ବି ଗୋଟେ ସ୍ୱପ୍ନ ଅଛି ଭଲ ଶିକ୍ଷା ପାଇ ବଡ଼ ହେଲେ ତା'ର ଭବିଷ୍ୟତ ଉଜ୍ଜ୍ୱଳ ହେବ। ଗ୍ରାମାଞ୍ଚଳର ଅତିଗରିବ ୨୦ ପ୍ରତିଶତ ଲୋକମାନଙ୍କ ମଧ୍ୟରୁ ୧୭ ପ୍ରତିଶତ ପିଲା କୋଚିଂ ନେଉଥିବା ବେଳେ ଧନୀମାନଙ୍କ ମଧ୍ୟରୁ ୨୫ ପ୍ରତିଶତ ପିଲା ଏଥିରେ ସାମିଲ ହେଉଛନ୍ତି। ଏକ ଆକଳନ ଅନୁଯାୟୀ ତ୍ରିପୁରା ରାଜ୍ୟରେ ୮୧ ପ୍ରତିଶତ ପିଲା କୋଚିଂ ନେଉଥିବା ବେଳେ ପଶ୍ଚିମବଙ୍ଗରେ ଏହା ୭୮ ପ୍ରତିଶତ ରହିଛି। ସେଥିରୁ ଅଧିକାଂଶ ସ୍କୁଲଗୁଡ଼ିକ ସରକାରଙ୍କ ଦ୍ୱାରା ପରିଚାଳିତ। ଏବେ ଅବସ୍ଥା ଏପରି କାହିଁକି ହୋଇଛି ମୁଖ୍ୟତଃ ସରକାରୀ ବିଦ୍ୟାଳୟଗୁଡ଼ିକର ? ଏହାର ମୁଖ୍ୟ କାରଣ ହେଲା ଉକ୍ତ ବିଦ୍ୟାଳୟଗୁଡ଼ିକରେ ଶୈକ୍ଷିକ ବାତାବରଣ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ବୋଲି କହିଲେ ଚଳେ। ଏଥିପାଇଁ ନିକଟ ଅତୀତରେ ଉତ୍ତରପ୍ରଦେଶର ଏକ ବିଚାରାଳୟ ରାୟ ଦେଇଥିଲେ ଯେ ସାଂସଦ ଓ ବିଧାୟକମାନଙ୍କଠାରୁ ଆରମ୍ଭ କରି ସବୁ ସରକାରୀ କର୍ମଚାରୀଙ୍କ ପିଲାମାନେ ସରକାରୀ ବିଦ୍ୟାଳୟରେ ପଢ଼ିବା ପାଇଁ ବାଧ୍ୟ। ଉଦ୍ଦେଶ୍ୟ ଥିଲା ଯେ ସେମାନେ ପଢ଼ିଲା ଉକ୍ତ ବିଦ୍ୟାଳୟମାନଙ୍କରେ ଶିକ୍ଷକ ବାତାବରଣରେ ଉନ୍ନତି ଆସିବ। ଓଡ଼ିଶାରେ ତ ବର୍ଷରୁ ଦୁଇ ଶହ ଦିନ ଶିକ୍ଷକମାନେ ବିଭିନ୍ନ ଦାବିରେ ଧର୍ମଘଟରେ ସଂପୃକ୍ତ ହୋଇ ଲୋୟର ପିଏମଜି ଛକରେ ମେଳା ଜମଉଛନ୍ତି। ରାଜରାସ୍ତାରେ ସେମାନେ ବିଭିନ୍ନ ପର୍ବପର୍ବାଣି ପାଳନ କରିବା ସହିତ ଗଣେଷ ପୂଜା ଓ ସରସ୍ୱତୀ ପୂଜାଠାରୁ ଆରମ୍ଭ କରି ଗୁରୁ ଦିବସ ପର୍ଯ୍ୟନ୍ତ ପାଳନ କରୁଛନ୍ତି। କୋଉଠି ଗୁଣାତ୍ମକ ଶିକ୍ଷକ ନାହାନ୍ତି ତ କେଉଁଠି ଶିକ୍ଷକମାନେ ସ୍କୁଲକୁ ଆସୁନାହାନ୍ତି। ସେମାନେ କୌଣସି ନା କୌଣସି ରାଜନୈତିକ ଦଳର ଏଜେଣ୍ଟ ଭାବେ କାମ କରୁଥିବାରୁ ରାଜନେତାମାନେ ଭୋଟ ଭୟରେ ସେମାନଙ୍କୁ ଛୁଇଁବା ପାଇଁ ଡରୁଛନ୍ତି।

## ଭୁବନେଶ୍ୱର ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ନିଯୁକ୍ତ

ଭୁବନେଶ୍ୱର (ପିଏନ୍)- ରାଷ୍ଟ୍ରୀୟ ଛାତ୍ର କଂଗ୍ରେସର ସଭାପତି ଶ୍ରୀ ନିରଜ କୁନ୍ଦନ ଭୁବନେଶ୍ୱର ଛାତ୍ର କଂଗ୍ରେସ ସଭାପତି ଭାବରେ ଶ୍ରୀ ଜଗଦିଶ ଗଜେନ୍ଦ୍ର, ମଧ୍ୟ ଭୁବନେଶ୍ୱର ଛାତ୍ର କଂଗ୍ରେସ ସଭାପତି ଭାବରେ ଅବଦୁଲ ସାହରୁଖ ଖାନ, ଏକାମ୍ର ଭୁବନେଶ୍ୱରର ଛାତ୍ର କଂଗ୍ରେସ ସଭାପତି ଭାବରେ ନିୟାଜୁଲ ଇସଲାମ ତଥା ଉତର ଭୁବନେଶ୍ୱର ଛାତ୍ର କଂଗ୍ରେସ ସଭାପତି ଭାବରେ ଉଦିତ୍ ପ୍ରଧାନଙ୍କ ନାମକୁ ଅନୁମୋଦନ ଦେଇଛନ୍ତି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ ଓ ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ସଂପାଦକ ତଥା ଓଡ଼ିଶା ପ୍ରଭାରୀ ସୁଶ୍ରୀ ଅନୁଲେଖା ବୋଷା ଉକ୍ତ ଛାତ୍ର ନେତାଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି।

## କୃଷକଙ୍କ ପରଲୋକ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ପଂଚାୟତ ଉତ୍ତର ଶାସନ ଗ୍ରାମର କୃଷକ ବଟକୃଷ୍ଣ ଖଟୁଆ (୬୮)ଙ୍କର ମସ୍ତିଷ୍କଘାତରେ ପରଲୋକ ହୋଇଯାଇଛି । କିଛିଦିନ ହେଲା ଅସୁସ୍ଥ ହୋଇ ସେ କଟକ ବଡ ଡାକ୍ତଖାନାରେ ଚିକିତ୍ସାଧୀନ ଥିଲେ । ମୃତଦେହ ଗାଁରେ ପହଁଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ, ପୁଅବୋହୂ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସ୍ୱର୍ଗତ ଖଟୁଆ ଜଣେ ପରୋପକାରୀ ଓ ଧର୍ମପ୍ରାଣ ବ୍ୟକ୍ତି ଥିଲେ । ଏହି ଖବର ପାଇ ସମିତିସଭ୍ୟ ସୁଦାମ ଚରଣ ବେହେରା, ବରିଷ୍ଠ ନାଗରିକ ବାଇଧର ମହାରଣା, ସୁନାକର ଖଟୁଆ, କଳ୍ପତରୁ ସାମଲ, ଅଭିରାମ ବେହେରା, ୱାର୍ଡସଭ୍ୟ ଦିବାକର ବେହେରା, କେଦାର ମହାନ୍ତି ପ୍ରମୁଖ ବହୁ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ । ପରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସଂପନ୍ନ ହୋଇଥିଲା । ଏକମାତ୍ର ପୁଅ କୁନ ମୁଖାଗ୍ନି ଦେଇଥିଲେ ।

# ନୂତନ କୃଷିନୀତି ରାଜ୍ୟରେ ବୈପ୍ଳବିକ ପରିବର୍ତ୍ତନ ଆଣିବ

ଭୁବନେଶ୍ୱର (ପିଏନ୍): ଆମ ରାଜ୍ୟ ଏକ କୃଷିପ୍ରଧାନ ରାଜ୍ୟ। ରାଜ୍ୟର ଶତକଡ଼ା ୮୫ଭାଗ ଲୋକ କୃଷି ଉପରେ ନିର୍ଭର କରିଥାନ୍ତି। କୃଷିର ଉନ୍ନତି ଉପରେ ରାଜ୍ୟର ଅର୍ଥନୈତିକ ବିକାଶ ନିର୍ଭରଶୀଳ। ଆମ ରାଜ୍ୟରେ ଆଞ୍ଚଳିକ ଭିତ୍ତିରେ କୃଷି ଜଳବାୟୁ ଅନୁଯାୟୀ ବିଭିନ୍ନ ପ୍ରକାରର ଫସଲ ଚାଷ କରାଯାଇଥାଏ। ଆମ ରାଜ୍ୟରେ ଧାନ, ଗହମ, ମକା, ବାଜରା, ମୁଗ, ବିରି, ହରଡ଼ ପ୍ରଭୃତି ଡ଼ାଲି ଜାତୀୟ ଫସଲ ଚାଷ କରାଯାଉଅଛି। ସେହିପରି ତୈଳବୀଜ ଫସଲ ଚିନାବାଦାମ, ରାଶି, ସୋରିଷ, ସୂର୍ଯ୍ୟମୁଖୀ, ଅଳସୀ, ଜଡ଼ା ଏବଂ ତନ୍ତୁ ଜାତୀୟ ଫସଲ କପା, ଝୋଟ ଏବଂ ଉଦ୍ୟାନ କୃଷି ଫସଲ ଫଳ, ପନିପରିବା ଚାଷ କରାଯାଇଥାଏ। ବିଭିନ୍ନ ଫସଲର ଉତ୍ପାଦନ ବୃଦ୍ଧି ଦିଗରେ ଉନ୍ନତ ପ୍ରାମାଣିକ ବିହନର ସର୍ବପ୍ରଥମ ଆବଶ୍ୟକତା ରହିଛି। ଆମ ରାଜ୍ୟରେ ଅଧିକାଂଶ ଫସଲର ଉତ୍ପାଦକତା ଜାତୀୟ ହାର ଠାରୁ କମ୍ ରହିଛି। ଏହାକୁ ବୃଦ୍ଧି କରିବା ପାଇଁ ଉନ୍ନତ ପ୍ରାମାଣିକ ବିହନର ଉପଯୋଗ ଅଧିକ କରିବା ଆବଶ୍ୟକ। ଏହା ନିଶ୍ଚିତ ଯେ, ଅଧିକ ଅମଳକ୍ଷମ ବିହନ ବ୍ୟବହାର ଦ୍ୱାରା ଅଧିକ ଉତ୍ପାଦନ ମିଳେ। ଓଡ଼ିଶାରେ ବିହନର ଚାହିଦା ଯଥେଷ୍ଟ ଅଧିକ ଥିଲେ ମଧ୍ୟ ଉତ୍ପାଦନ ଓ ଯୋଗାଣ କ୍ଷେତ୍ରରେ କେତେକ ବାଧା ସୃଷ୍ଟି ହେବାର ଲକ୍ଷ୍ୟ କରାଯାଇଛି। ଆମ ରାଜ୍ୟ ମୁଖ୍ୟ ଫସଲ ହେଉଛି ଧାନ। ଓଡ଼ିଶାରେ ଯେତେ ଫସଲ ଚାଷୀ କରନ୍ତି, ସେଥିରୁ ୯୦ ଭାଗ ହେଉଛି ଧାନ। ଆମ ରାଜ୍ୟର ଚାଷୀଙ୍କ ବ୍ୟବହାର ପାଇଁ ବର୍ଷକୁ ପ୍ରାୟ ୨୪ଲକ୍ଷ କୁଇଣ୍ଟାଲ ଧାନ ବିହନ ଦରକାର। ଏଥିମଧ୍ୟରୁ ରାଜ୍ୟ ବିହନ ନିଗମ ମୁଖ୍ୟତଃ ପ୍ରାମାଣିକ ଧାନ ବିହନ ନିଜ ଜ୍ଞାନ କୌଶଳରେ ଉତ୍ପାଦନ କରି ଯୋଗାଇଥାଏ। ଗତବର୍ଷ ଖରିଫ୍ ଋତୁରେ ରାଜ୍ୟ ବିହନ ନିଗମ ଜୁଲାଇ ୨୦ ତାରିଖ ସୁଦ୍ଧା ୨ଲକ୍ଷ ୬୦ ହଜାର କୁଇଣ୍ଟାଲ ପ୍ରାମାଣିକ ଧାନ ବିହନ ଚାଷୀଙ୍କୁ ଯୋଗାଇଥିବା ଜଣାପଡ଼ିଛି। ୨୦୧୫-୧୬ରେ ରାଜ୍ୟ ବିହନ ନିଗମ ଓଡ଼ିଶାର ଚାଷୀଙ୍କୁ ୩ଲକ୍ଷ ଟନ ଏବଂ ୨୦୧୬-୧୭ରେ ୩ ଲକ୍ଷ ଟନ ଧାନ ବିହନ ଯୋଗାଇଥିଲା। କିନ୍ତୁ ଏହାର ୫ବର୍ଷ ପୂର୍ବରୁ ୨୦୦୯-୧୦ରେ ୪୦୦୫୨୧ ଏବଂ ୨୦୧୦-୧୧ରେ ୫ଲକ୍ଷ ଟନରୁ ଉର୍ଦ୍ଧ୍ୱ ପ୍ରାମାଣିକ ଧାନ ବିହନ ରାଜ୍ୟ ବିହନ ନିଗମ ଦ୍ୱାରା ଚାଷୀଙ୍କୁ ଯୋଗାଇ ଦିଆଯାଇଥିଲା। ଏହି ପରିସଂଖ୍ୟାନରୁ ଜଣାପଡୁଛି ଯେ, ରାଜ୍ୟ ବିହନ ନିଗମରେ ବର୍ଷକୁ ବର୍ଷ ପ୍ରାମାଣିକ ଧାନ ବିହନର ଉତ୍ପାଦନ ବଢିବା ପରିବର୍ତ୍ତେ କମିବାରେ ଲାଗିଛି। ଅଧିକ ପ୍ରାମାଣିକ ବିହନ ଉତ୍ପାଦନ କରିବା ଏବଂ ତାକୁ ପ୍ରକ୍ରିୟାକରଣ କରିବାର ଯଥେଷ୍ଟ ଭିତ୍ତିଭୂମି ଥିଲେ ମଧ୍ୟ ଅଧିକ ପ୍ରାମାଣିକ ବିହନ ଉତ୍ପାଦିତ ହୋଇପାରିନଥିବାର କାରଣ କ'ଣ ? କୃଷି ବିଭାଗର ଦାୟିତ୍ୱ ନେଇଥିବା ନୂତନ କୃଷିମନ୍ତ୍ରୀ ଏହାର କାରଣ ଅନୁଧ୍ୟାନ କରି ଦେଖିବା ସଙ୍ଗେ ସଙ୍ଗେ ଏହାର ପ୍ରତିକାର ଦିଗରେ ପଦକ୍ଷେପ ନେବା ଆବଶ୍ୟକ। ପ୍ରାମାଣିକ ବିହନ ଉପଯୋଗ ଦ୍ୱାରା ଅମଳ ପରିମାଣ ଶତକଡ଼ା ୧୫ରୁ ୨୦ ଭାଗ ବୃଦ୍ଧି ଘଟିଥାଏ। ରାଜ୍ୟର ବିହନ ଚାହିଦା ପୂରଣ କରିବା ପାଇଁ ବିହନ ଗ୍ରାମ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏଥିରେ ରାଜ୍ୟ କୃଷି ବିଭାଗ, ରାଜ୍ୟ ବିହନ ନିଗମ ଏବଂ ଓଡ଼ିଶା ରାଜ୍ୟ ବିହନ ପ୍ରାମାଣିକରଣ ସଂସ୍ଥା ମିଳିତ ଭାବରେ କାର୍ଯ୍ୟ କରନ୍ତି। ଉନ୍ନତ ମାନର ଗୁଣାତ୍ମକ ବିହନ ଉତ୍ପାଦନ ନିମିତ୍ତ ଏକ ନିର୍ଦ୍ଦିଷ୍ଟ ପଦ୍ଧତି ଅନୁସରଣ କରାଯାଏ। ଭବିଷ୍ୟତର ବିହନ ଆବଶ୍ୟକତାକୁ ପର୍ଯ୍ୟାଲୋଚନା କରି ପ୍ରଥମତଃ ପ୍ରଜନନ ବିହନ ଓଡ଼ିଶା ରାଜ୍ୟ କୃଷି ବିଶ୍ୱବିଦ୍ୟାଳୟ ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ରାଜ୍ୟରେ ଥିବା ଗବେଷଣା ପ୍ରତିଷ୍ଠାନରୁ ସଂଗ୍ରହ କରାଯାଏ। ଏହି ପ୍ରଜନନ ବିହନ କୃଷି ବିଭାଗ, ରାଜ୍ୟ ବିହନ ନିଗମ ଏବଂ କୃଷି ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା କ୍ଷେତ୍ର ରେ ଚାଷ କରାଯାଇ ପିଣ୍ଡ ବିହନ ପ୍ରସ୍ତୁତ କରାଯାଏ। ଆବଶ୍ୟକତା ଅନୁଯାୟୀ ସ୍ଥଳବିଶେଷରେ ଅଗ୍ରଣୀ ଚାଷୀମାନଙ୍କ ମଧ୍ୟରେ ପିଣ୍ଡ ବିହନ ପ୍ରସ୍ତୁତ କରାଯାଇଥାଏ। ଏହି ପିଣ୍ଡ ବିହନକୁ ଗ୍ରାମ୍ୟ ବିହନ ଉତ୍ପାଦନ ଯୋଜନା ମାଧ୍ୟମରେ ଚାଷୀମାନଙ୍କୁ ଯୋଗାଇ ଦିଆଯାଇଥାଏ ଏବଂ ଏଥିରୁ ପ୍ରାମାଣିକ ବିହନ ଉତ୍ପାଦନ କରାଯାଇଥାଏ। ଏହି ପ୍ରାମାଣିକ ବିହନକୁ କୃଷି ବିଭାଗ ବିଭିନ୍ନ ବ୍ଲକରେ ଥିବା ତାହାର ବିକ୍ରୟ କେନ୍ଦ୍ରମାନଙ୍କ ଜରିଆରେ ଚାଷୀଙ୍କୁ ଯୋଗାଇଥାଏ। ଓଡ଼ିଶା ରାଜ୍ୟ ବିହନ ନିଗମ ରାଜ୍ୟରେ ଚାଷ କରାଯାଉଥିବା ବିଭିନ୍ନ ପ୍ରକାର ଫସଲ ବିହନ ଯଥା : ଧାନ, ମକା, ମାଣ୍ଡିଆ, ହରଡ଼, ମୁଗ, ବିରି, ବୁଟ, ମଟର, ଚିନାବାଦାମ, ରାଶି, ସୋରିଷ, ଅଳସୀ ଏବଂ ପନିପରିବା ବିହନ ଗ୍ରାମ ଉତ୍ପାଦନ ଯୋଜନାରେ ଉତ୍ପାଦନ କରିଥାଏ। ଚାଷୀ ନିଜେ ତାର ଚିରାଚରିତ ଭାବେ ଧାନ ବିହନ ରଖି ତାକୁ ବ୍ୟବହାର କରିଥାଆନ୍ତି। ଏହି ଧାନକୁ ପରୀକ୍ଷା କରି ଦେଖାଯାଇଛି ଯେ, ପ୍ରାୟ ଅଧିକାଂଶ ବିଲରେ ଫସଲର ୫ରୁ ୧୫ ଭାଗ ମିଶା ଧାନଗଛ ଓ ବାଲୁଙ୍ଗା (ଅଣଧାନଗଛ) ମିଶି ରହିଛି। ଏହି ମିଶା ଧାନ ଯେ ଅମଳ କମ୍ ହେବା ସହିତ ଏଥିରୁ ରଖିବା ବିହନ ନିମ୍ନମାନର ହୁଏ ଓ ଆଗାମୀ ଫସଲ ଉତ୍ପାଦନ ହ୍ରାସ ପାଏ। ଓଡ଼ିଶାରେ ହାଇବ୍ରିଡ଼ ଧାନ ଚାଷର ପ୍ରବର୍ତ୍ତନ ଏକ ସମୟୋପଯୋଗୀ ପଦକ୍ଷେପ। ମାତ୍ର ଏ ସମ୍ପର୍କୀୟ ଜ୍ଞାନକୌଶଳ ଅନେକ ଚାଷୀଙ୍କ ନିକଟରେ ପହଞ୍ଚିପାରି ନାହିଁ। ସୁତରାଂ ରାଜ୍ୟ କୃଷି ସମ୍ପ୍ରସାରଣ କର୍ମଚାରୀମାନେ ଏ ଦିଗରେ ବିଶେଷ ଯତ୍ନବାନ ହେବା ଆବଶ୍ୟକ। ଡାଲି ଓ ତୈଳଜାତୀୟ ଫସଲ ସାଧାରଣତଃ ଆମ ରାଜ୍ୟରେ ଦ୍ୱିତୀୟ କିମ୍ବା ତୃତୀୟ ଫସଲ ହିସାବରେ ଚାଷ କରାଯାଏ। କିନ୍ତୁ ଏ ପ୍ରକାର ଚାଷ ଆମ ଚାଷୀମାନେ ଠିକ୍ ଭାବରେ କରନ୍ତି ନାହିଁ। ଅଧିକ ଅମଳକ୍ଷମ ବିହନର ବ୍ୟବହାର ମଧ୍ୟ ସୀମିତ। ଫଳରେ ଉତ୍ପାଦନ କମ୍ ହେଉଛି। ଅନୁମୋଦିତ ପ୍ରଣାଳୀରେ ଖତ, ସାର ଓ ଅଧିକ ଅମଳକ୍ଷମ ବିହନର ବ୍ୟବହାର ଦ୍ୱାରା ଆଦାୟ ଯଥେଷ୍ଟ ଅଧିକ ହୋଇପାରିବ, ଏଥିରେ ସନ୍ଦେହ ନାହିଁ। ନୂତନ କୃଷି ନୀତିର ପ୍ରଣୟନ ଓ ପ୍ରଚଳନ ଫଳରେ ଓଡ଼ିଶାର ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ ଓ ରାଜ୍ୟର ଅଧିକାଂଶ କ୍ଷୁଦ୍ର, ନାମମାତ୍ର ଓ ଭାଗଚାଷୀ ଆତ୍ମନିର୍ଭରଶୀଳ ହୋଇପାରିବେ। ଆମର କୃଷି ବୈଜ୍ଞାନିକମାନେ ଦିନକୁ ଦିନ ନୂଆ ନୂଆ କିସମର ଅଧିକ ଅମଳକ୍ଷମ ବିହନ ଉତ୍ପାଦନ କରି ଚାଷୀଙ୍କୁ ଯୋଗାଇବାକୁ ସମର୍ଥ ହୋଇପାରିଛନ୍ତି। କିନ୍ତୁ ଆମର ଚାଷୀ ଏହି ବିହନକୁ ବ୍ୟବହାର କରିବାର ଜ୍ଞାନକୌଶଳ ଶିଖିନାହାଁନ୍ତି। ଏଥିପାଇଁ ସେମାନଙ୍କୁ ପ୍ରଶିକ୍ଷଣ ମାଧ୍ୟମରେ ସଚେତନ କରାଇବାର ଆବଶ୍ୟକତା ରହିଛି।

## ଇନ୍ଦୁପୁର ହାଇସ୍କୁଲ ପୁରାତନ ଛାତ୍ର ସଂସଦର ବନ୍ଧୁ ମିଳନ ଓ ଆଲୋଚନାଚକ୍ର



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ହାଇସ୍କୁଲ ସମ୍ମିଳନୀ କକ୍ଷରେ ସଂସଦର କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଜେନାଙ୍କ ଅଧକ୍ଷତାରେ ବନ୍ଧୁ ମିଳନ ପର୍ବ ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଦିବଂଗତ ପ୍ରାକ୍ତନ ଛାତ୍ରଛାତ୍ରୀ ଏବଂ ଜାତୀୟ ତଥା ରାଜ୍ୟ ସ୍ତରୀୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ଉଦେଶ୍ୟରେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ସଂସଦର ସମ୍ପାଦକ ପ୍ରଣବ କୁମାର ଜେନା ପୂର୍ବ ବୈଠକର ବିବରଣୀ ପାଠ କରିବା ସହ ବୈଠକରେ ଉପସ୍ଥିତ ସଦସ୍ୟମାନଙ୍କୁ ସାରଦୀୟ ଅଭିନନ୍ଦନ ଜଣାଇ ବୈଠକର ଉଦେଶ୍ୟ ଜ୍ଞାପନ କରିଥିଲେ । ପ୍ରାକ୍ତନ ସଭାପତି ଡାକ୍ତର ବିରଞ୍ଚି ନାରାୟଣ ଜଗଦେବ ଓ ବରିଷ୍ଠ ସାମ୍ବାଦିକ ପରୀକ୍ଷିତ ପାତ୍ର ନିଜ ନିଜର ମତ ବ୍ୟକ୍ତ କରି ବିଦ୍ୟାଳୟର ପାଚେରୀ ପୁନଃନିର୍ମାଣ, ସମ୍ମିଳନୀ କକ୍ଷ ଏବଂ ଶ୍ରେଣୀ କକ୍ଷ ନିର୍ମାଣ ପାଇଁ ରାଜ୍ୟସଭା ସାଂସଦ ସୁବାଷ ସିଂହଙ୍କ ଗୋଚରାର୍ଥେ ବୈଠକର ଅଧିବେସନ ନକଲ ସହ ଏକ ନିବେଦନ ପତ୍ର ପଠାବାକୁ ପ୍ରସ୍ତାବ ଦେଇଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଅଧ୍ୟାପକ ଡଃ. ପ୍ରଭାତ ରଞ୍ଜନ ମହାନ୍ତି, ସୁବାଷ ଚନ୍ଦ୍ର ମଜୁମଦାର, ଶିକ୍ଷାବିତ୍ ଅଦ୍ୱୈତ ବଲ୍ଲଭ ଜେନା, ଶିକ୍ଷକ ପ୍ରଦୀପ ନାୟକ, ପର୍ଶୁରାମ ସ୍ୱାଇଁ, ତ୍ରିଲୋଚନ ଜେନା, ଦେବେନ୍ଦ୍ର ରାଉତ, ଶ୍ରୀବସ୍ତ ନାୟକ, ଧ୍ରୁବ ଚରଣ ପାତ୍ର, ଅନାଦୀ ଚରଣ ଦାସ, ପ୍ରଦୀପ ଦାସ, ଜ୍ଞାନେନ୍ଦ୍ର ବାରିକ, ଡଃ. ରମେଶ ଚନ୍ଦ୍ର ମହାନ୍ତି, ବ୍ରଜ କିଶୋର ପତି ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟର ବିକାଶ ପାଇଁ ସୁଚିନ୍ତିତ ମତ ଦେଇଥିଲେ । ବିଦ୍ୟାଳୟର ଅଭାବ ଓ ଅସୁବିଧା ପୁରଣ କରିବା ପାଇଁ ସହମତି ପ୍ରକାଶ କରିଥିବାରୁ ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ତଥା ବର୍ତ୍ତମାନର ଦେବଗଡ ଜିଲ୍ଲାପାଳ ସୁଧାଂଶୁ ମୋହନ ସାମଲ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ସଞ୍ଜିବ କୁମାର ସିଂଙ୍କୁ ସଭାରେ କୃତଜ୍ଞତା ଅର୍ପଣ କରାଯାଇଥିଲା । ପ୍ରବିର ରଞ୍ଜନ ସୁତାର, ଦୁଷ୍ମନ୍ତ ମଲ୍ଲିକ, ପ୍ରଶାନ୍ତ କୁମାର ସିଂ, ଗୌରାଙ୍ଗ ଚରଣ ସାହୁ, ଜ୍ଞାନେନ୍ଦ୍ର ସାହୁ, ହରେକୃଷ୍ଣ ସାହୁ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଦେବାଶିଷ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ମହାକାଳପଡାରେ ବିଜେଡିର ମିଶ୍ରଣ ପର୍ବ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ ମହାକାଳପଡା ଗ୍ରାମପଂଚାୟତ ନିମନ୍ତେ ସରପଂଚ ପଦବୀ ପାଇଁ ଚଳିତ ଉପନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଜେପି ସମର୍ଥିତ ପାର୍ଥିନୀ ଜୀବନଜ୍ୟୋତ୍ସ୍ନା ଜେନା ଓ ତାଙ୍କ ସ୍ୱାମୀ ଯୁବନେତା ରବିନ୍ଦ୍ର କୁମାର ରାଉତ ନିଜର ସମର୍ଥକମାନଙ୍କ ସହିତ ମହାକାଳପଡା ନିର୍ବାଚନମଣ୍ଡଳୀର ବିଧାୟକ ଅତନୁ ସବ୍ୟସାଚୀ ନାୟକ ଏବଂ ବିଜେଡି ଦଳ ଉପରେ ଆସ୍ଥା ପ୍ରକଟ କରି ମାର୍ଶାଘାଇ ଡାକବଙ୍ଗଳାଠାରେ ବିଧାୟକ ଓ ପଂଚାୟତ ବିଜେଡିର ନେତୃମଣ୍ଡଳୀଙ୍କ ଉପସ୍ଥିତିରେ ବିଜୁ ଜନତାଦଳରେ ଆନୁଷ୍ଠାନିକ ଭାବେ ଯୋଗଦାନ କରିଛନ୍ତି । ବିଧାୟକ ଓ ନେତୃମଣ୍ଡଳୀ ଶ୍ରୀ ରାଉତଙ୍କୁ ପୁଷ୍ପଗୁଚ୍ଛ ଓ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ଉପସ୍ଥିତ ନେତୃମଣ୍ଡଳୀଙ୍କ ମଧ୍ୟରେ ବରିଷ୍ଠ ବିଜେଡି ନେତା ରବିନ୍ଦ୍ରକୁମାର ପାଳ, ସଞ୍ଜୟ କୁମାର ଦାଶ, ଶାରଦା ପ୍ରସାଦ ଚୌଧୁରୀ, ତ୍ରିଲୋଚନ ପ୍ରଧାନ, ନୃସିଂହ ମହାପାତ୍ର, ସୁରଭି ଜେନା, ଅଭିଳାଶ ଦାଶ, ବରିଷ୍ଠ ଆଇନଜୀବୀ ଗଗନବିହାରୀ ଜେନା, ରଞ୍ଜନ କୁମାର ପଣ୍ଡା, ସରକାରୀ ଓକିଲ ସଞ୍ଜୟ କୁମାର ଜେନା, ମାଧବାନନ୍ଦ ପାତ୍ର, ସ୍ମୃତିରଂଜନ ପ୍ରଧାନ, ଭ୍ରମରବର ଦାଶ, ଗରୁଡ ଚରଣ ବିଶ୍ୱାଳ, ପ୍ରଭାସ ବିଶ୍ୱାଳ, ଜନ୍ମେଜୟ ମଲ୍ଲ, ସୁଜାତା ସାମନ୍ତରାୟଙ୍କ ସମେତ ବହୁ ବିଜେଡି କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅନନ୍ୟା ପକ୍ଷରୁ କବିମଞ୍ଜୁଳ କୃଷ୍ଣ ପ୍ରସାଦ ବସୁ ଜୟନ୍ତୀ ପାଳନ



ଯାଜପୁର (ପିଏନ୍)- ଯାଜପୁରର ଅଗ୍ରଣୀ ସାହିତ୍ୟ ସଂସଦ ପକ୍ଷରୁ ଯାଜପୁରର ତଥା ଓଡ଼ିଶାର ପ୍ରଥିତଯଶା କବି, ନାଟ୍ୟକାର ତଥା ଯାତ୍ରା କଳାକାର କବିମଞ୍ଜୁଳ କୃଷ୍ଣ ପ୍ରସାଦ ବସୁଙ୍କ ଜୟନ୍ତୀ ଉତ୍ସବ ସଭାପତି ସନ୍ତୋଷ କୁମାର ନନ୍ଦଙ୍କ ଅଧକ୍ଷତାରେ ସଂସ୍କୃତ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଗୌତମବୁଦ୍ଧ ସଂସ୍କୃତି ଭବନ ପରିସରରେ ପ୍ରତିଷ୍ଠିତ ବସୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହିତ ଧୂପ ଓ ଦୀପରେ ବନ୍ଦନା କରାଯାଇଥିଲା । କୋଭିଡ଼-୧୯ କଟକଣା ହେତୁ ସରକାରୀଭାବେ ପାଳିତ ହେଉଥିବା ଏହି ଉତ୍ସବକୁ ନିରାଡ଼ମ୍ବର ଭାବରେ ପାଳନ କରାଯିବା ସହ ସେହି ମହାନ କବିଙ୍କ ଉଦ୍ଦେଶ୍ୟରେ ଅନନ୍ୟାର ସଙ୍ଗଠନ ସମ୍ପାଦକ ବସୁଙ୍କ ରଚିତ ସାହିତ୍ୟ ସମ୍ପର୍କରେ ଆଲୋଚନା କରିବା ସଙ୍ଗେ ସଙ୍ଗେ ତାଙ୍କର ଚିର ଶାଶ୍ୱତ କବିତାର ପଂକ୍ତିଗୁଡ଼ିକୁ ସୁଲଳିତ କଣ୍ଠରେ ଗାନ କରିଥିଲେ । ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେଉରିଆ, ଜିଲ୍ଲା ସଂସ୍କୃତି, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସମାଜସେବୀ ନିଶୀଥ ଦାସ ପ୍ରମୁଖ ବସୁଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ । ଅନନ୍ୟା ପକ୍ଷରୁ ଉପସଭାପତି ବିଭୂତି ମହାପାତ୍ର, ସମ୍ପାଦକ ଡ. କାହ୍ନୁଚରଣ ମିଶ୍ର, ଅଧିକାରୀ ନବକିଶୋର ଦାସ, ପାଣ୍ଡବ ଚରଣ ସାହୁ, ଆଦିତ୍ୟ ମହାନ୍ତି, ମନୋଜ କୁମାର ନାଥ, ଅଖିଳ ମୋହନ ଦାସ, ବିଷ୍ଣୁ ଦଳେଇ, ବିଶ୍ୱଜିତ ସାହୁ, ଲକ୍ଷ୍ମୀପ୍ରିୟା ରାଉତରାୟ, ସ୍ନେହଲତା ବିଶ୍ୱାଳ, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, ସୁବାସ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

## ପୂର୍ବତନ କର୍ଣ୍ଣେଲ ରୋଟାରୀରେ ଯୋଗଦେଲେ




ଭୁବନେଶ୍ୱର (ପିଏନ୍)- ରୋଟାରି ଇଂଟର ନ୍ୟାସନାଲ ଅନ୍ତଃରାଷ୍ଟ୍ରୀୟ ସଭାପତି ଶେଖର ମେହେଟାଙ୍କ ଜନ୍ମଦିନ ଅବସରରେ ଏକ ଭବ୍ୟ ଉତ୍ସବରେ ପୂର୍ବତନ କର୍ଣ୍ଣେଲ ଡାକ୍ତର ବିରଂଚି ନାରାୟଣ ପାଣିଙ୍କ ସମେତ ୬ଜଣଙ୍କୁ ରୋଟାରି ସଭ୍ୟ ଭାବରେ ଗ୍ରହଣ କରାଯାଇଛି। ରୋଟାରି କ୍ଲବ ଭୁବନେଶ୍ୱର ସେଂଟ୍ରାଲ ପକ୍ଷରୁ ସଭାପତି ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ପୌରୋହିତରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟ ଅତିଥି ପୂର୍ବତନ କୁଳପତି ତଥା ରୋଟାରିର ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ନରେନ୍ଦ୍ର କୁମାର ମିଶ୍ର କହିଲେ ଯେ ଦୀର୍ଘ ୧୧୫ ବର୍ଷରୁ ଉର୍ଦ୍ଧ୍ୱଦିନ ଧରି ରୋଟାରି ପୃଥିବୀରେ କାର୍ଯ୍ୟ କରୁଅଛି। ସାଧାରଣ ଜନତାର ଦୁଃଖ ଲାଘବ କରିବା ପାଇଁ ରୋଟାରି କାର୍ଯ୍ୟ ସର୍ବଜନବିଦ୍ଦିତ। ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ର କହିଲେ ଯେ ରୋଟାରି ବନ୍ଧୁତା ଯୋଡ଼ିବା ସହ ସମାଜର କଲ୍ୟାଣ ପାଇଁ ବହୁବିଧ କାର୍ଯ୍ୟକ୍ରମ ହାତକୁ ନେଇଥାଏ। ସରକାର ଯେଉଁଥିରେ ସଫଳ ହୋଇ ପାରନ୍ତି ନାହିଁ ରୋଟାରୀ କାର୍ଯ୍ୟ କରି ସଫଳତାର ସ୍ୱାଦ ଚଖାଇବାରେ ବହୁ ଅନୁଭୂତି ରହିଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଆଗାମୀ ବର୍ଷ ପାଇଁ ନିର୍ବାଚିତ ସଭାପତି ଡଃ. ସୋରେନ୍ଦ୍ର କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ସମ୍ପାଦକ ଶିକ୍ଷାବିତ୍ ଜ୍ୟୋତିଶଙ୍କର ମହାନ୍ତି ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଆଇଜି ଅରୁଣ କମାର ଉପାଧ୍ୟୟ ମହାନବମୀ ପୂଜା ଉପରେ ଆଲୋକପାତ କରିଥିଲେ। ରୋଟାରି କ୍ଲବ ଭୁବନେଶ୍ୱର ସେଂଟ୍ରାଲ ସଭ୍ୟଭାବେ ଶ୍ରୀମତୀ ବିୟତ ପ୍ରଜ୍ଞା ତ୍ରିପାଠୀ, ବିଜ୍ଞାନ ପ୍ରଜ୍ଞା ପାଣି, ମନୋଜ କୁମାର ରଥ, ରାଜ କିଶୋର ସାହୁ ଓ ବରିଷ୍ଠ ସାମ୍ବାଦିକ ସୁଦର୍ଶନ ଛୋଟରାୟଙ୍କୁ ଗ୍ରହଣ କରାଗଲା ବୋଲି ଆଭାଷି ଯୋଗେ ଜିଲ୍ଲା ଗଭର୍ଣ୍ଣର ଶାନ୍ତନୁ କୁମାର ପାଣି ଘୋଷଣା କରିବା ପରେ ମୁଖ୍ୟ ଅତିଥି ଶ୍ରୀ ମିଶ୍ର କର୍ଣ୍ଣେଲ ପାଣି, ସାମ୍ବାଦିକ ଛୋଟରାୟ, ଶିକ୍ଷାବିତ୍ ରଥ ଓ ଆଗ୍ନିକ ଉତାରାଧିକାରୀ ଶ୍ରୀ ସାହୁଙ୍କୁ ରୋଟାରୀ ବ୍ୟାଚ ଓ ପ୍ରଫେସର ଡଃ କନକମଂଜରୀ ମିଶ୍ର, ଶ୍ରୀମତୀ ବିୟତ ପ୍ରଜ୍ଞା ଓ ଶ୍ରୀମତୀ ବିଜ୍ଞାନ ପ୍ରଜ୍ଞାଙ୍କୁ ରୋଟାରି ବ୍ୟାଚ ପିନ୍ଧାଇଥିଲେ। କାର୍ଯ୍ୟକ୍ରମରେ ଶ୍ରୀମତୀ ଆରତୀ ଜ୍ଞାନେନ୍ଦ୍ର, ଶ୍ରୀମତୀ ନମିତା ମହାପାତ୍ର, ଚାର୍ଟାର୍ଡ ଆକାଉଟାଂଟ ରାଜୀବ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଧର୍ମପ୍ରାଣା ମହିଳାଙ୍କ ସ୍ମୃତିଚାରଣ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଭବାନୀପୁର ପଞ୍ଚାୟତ ଭୁବନ ଗ୍ରାମର ବିଜେଡି ଯୁବନେତା ଅକ୍ଷୟ କୁମାର ନାୟକଙ୍କ ମା' ବେଙ୍ଗ ଦେବୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। କୃଷକନେତା ବସନ୍ତ କୁମାର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଂଜଳି ସଭାରେ ସମାଜସେବୀ ଗୋଲକଚନ୍ଦ୍ର ପଲେଇ, ଶ୍ରମିକନେତା ନୃସିଂହ ଚରଣ ମିଶ୍ର ଓ ଦାସକାଠିଆ ଗାୟକ ମଦନମୋହନ ପଣ୍ଡିତ ଅତିଥିଭାବେ ଯୋଗଦେଇ ସ୍ୱର୍ଗୀୟା ନାୟକଙ୍କୁ ଜଣେ ଧର୍ମପ୍ରାଣା ମହିଳା ଭାବେ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିତାମ୍ବର ନାୟକ, ଅନୀତା ଦାସ, ସୂର୍ଯ୍ୟମଣି ବାରିକ, ଅଖିଳ କୁମାର ସ୍ୱାଇଁ, ନାରାୟଣ ମଲିକ, ବିଭୁପ୍ରସାଦ ଗନ୍ତାୟତ ଓ ନିକୁଂଜ ବିହାରୀ ଜେନା ଯୋଗଦେଇ ବେଙ୍ଗଦେବୀଙ୍କ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ଫଟୋଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ କରିବା ସହ ନୀରବ ପ୍ରାର୍ଥନା କରାଯାଇଥିଲା।

## ଚୋରାମଦ ଜବତ, ବେପାରୀ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ଅଞ୍ଚଳରୁ ପୁଲିସ୍ ଗତ ମଙ୍ଗଳବାର ୧୮ବୋତଲ ବିଦେଶୀ ମଦ ଜବତ କରିବା ସହିତ ସଂପୃକ୍ତ ବେପାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ନେଉଳପୁର ଗାଁର ବିଜୟ ରାଉଳଙ୍କୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଛି। ଏକ କ୍ୟାବିନ୍‌ରେ ବିଜୟ ଚୋରା ମଦ ବେପାର କରୁଥିବା ଖବର ପାଇ ପୁଲିସ୍ ଚଢଉ କରିଥିଲା। ଏଠାରୁ ୧୮୦ ମିଲିଲିଟର ୮ଟି ହୁସ୍କି ଓ ୧୦ଟି ରମ୍ ମଦ ବୋତଲ ଜବତ ହୋଇଥିଲା। ୫୨୦/୨୧ ନମ୍ବରରେ ଏକ ମାମଲା ରୁଜୁ କରି ପୁଲିସ୍ ଘଟଣାର ଅଧିକ ତଦନ୍ତ କରୁଛି।

## କେନ୍ଦ୍ରାପଡା କଲେଜର ଜାତୀୟ ସେବା ଯୋଜନା ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ମହାବିଦ୍ୟାଳୟ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରି ସେବା ଯୋଜନାର ସ୍ୱେଚ୍ଛାସେବୀମାନଙ୍କୁ ବୃକ୍ଷର ଗୁରୁତ୍ୱ ଓ ଉପକାରିତା ସମ୍ପର୍କରେ ବୁଝାଇବା ସହିତ ଅଧିକରୁ ଅଧିକ ବୃକ୍ଷରୋପଣ ପାଇଁ ଆହ୍ୱାନ ଦେଇଥିଲେ। ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ଉପାଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ପରାମର୍ଶ ଦେଇଥିଲେ। ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ପ୍ରଫେସର ପ୍ରମୋଦ କୁମାର ବେହେରା, ଅଧ୍ୟାପିକା ମିନତୀ କାଣ୍ଡି ସ୍ୱେଛାସେବୀମାନଙ୍କୁ ନେଇ କଲେଜ ପରିସରରେ ବିଭିନ୍ନ ଫୁଲ,ଫଳ ଓ ଔଷଧିୟ ବୃକ୍ଷର ଚାରା ରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ସେବା ଯୋଜନାର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧାପିକା ପଦ୍ମଜା କବି ଶତପଥୀ, ପ୍ରଦୀପ କୁମାର ରାଉତ, ପ୍ରଫେସର ରଞ୍ଜିତ କୁମାର ଦାସ, ଜ୍ଞାନୀନ୍ଦ୍ର ଦାଶ, ତପନ କୁମାର ପତି, ସୁଷମା ଶତପଥୀ, ରମାନାଥ ମହାନ୍ତିଙ୍କ ସମେତ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ।

## ଯାଜପୁର ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଓ ଗିରଫ ଦାବୀରେ ଏସ୍‌ପି ଅଫିସ୍ ଘେରାଓ



ଯାଜପୁର (ପିଏନ୍)-ଯାଜପୁର ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ଓଡ଼ିଶା ସରକାରଙ୍କର ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଓ ଗିରଫଦାରୀ ନିମନ୍ତେ ଜିଲ୍ଲା କଂଗ୍ରେସ ସଭାନେତ୍ରୀ ରୀତାଶ୍ରୀ ମହାନ୍ତିଙ୍କ ଆହ୍ୱାନରେ ଶତାଧିକ କଂଗ୍ରେସ କର୍ମୀ ପାଣିକୋଇଲିସ୍ଥିତ ଏସ୍.ପି. ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଓଡ଼ିଶାରେ ନାରୀମାନଙ୍କ ଉପରେ ଦୁଷ୍କର୍ମ, ହତ୍ୟା ଓ ନିର୍ଯ୍ୟାତନାର ନଥି ବଢ଼ି ବଢ଼ି ଚାଲିଥିବା ଖୋଦ୍ ଗୃହ ବିଭାଗର ରାଷ୍ଟ୍ରମନ୍ତ୍ରୀ ଏଥିରେ ସମ୍ପୃକ୍ତ ଏବଂ ମୁଖ୍ୟମନ୍ତ୍ରୀ ସବୁ ଜାଣି ମଧ୍ୟ ନୀରବଦ୍ରଷ୍ଟା ସାଜିଥିବାରୁ ମୁଖ୍ୟମନ୍ତ୍ରୀ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ତୁରନ୍ତ ମନ୍ତ୍ରୀମଣ୍ଡଳରୁ ବହିଷ୍କାର ଦାବୀରେ ମୁଖ୍ୟମନ୍ତ୍ରୀ ଓ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ବିରୁଦ୍ଧରେ ସ୍ଲୋଗାନ ଦିଆଯିବା ସହିତ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଆଇନ ଶୃଙ୍ଖଳା ପରିସ୍ଥିତିର ଚରମ ଅବନତି ନିମନ୍ତେ ରାଜ୍ୟ ସରକାରଙ୍କ ଗୃହମନ୍ତ୍ରୀ ଇସ୍ତଫା ଓ ଗିରଫ ଦାବୀ ସମ୍ପର୍କରେ ଯାଜପୁର ଏସ୍.ପିଙ୍କ ଜରିଆରେ ଓଡ଼ିଶା ରାଜ୍ୟପାଳଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଥିଲା। ଏହି ବିକ୍ଷୋଭରେ ପିସିସି ସମ୍ପାଦକ ସନ୍ତୋଷ କୁମାର ନନ୍ଦ, ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ବଳଭଦ୍ର ଦାସ, ବଡ଼ଚଣା ବିଧାନସଭା କଂଗ୍ରେସ ପ୍ରାର୍ଥୀ ଅଜୟ ସାମଲ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ରଞ୍ଜିତା ରାଉତ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ହୃଷିକେଶ ପତି, କନକଲତା ରାଉତ, ନିରୂପମା ସାହୁ, ପୂର୍ବତନ କୋରାଇ ବ୍ଲକ୍ କଂଗ୍ରେସ ସଭାପତି ମଧୁସୂଦନ ସାହୁ, ଜିଲ୍ଲା ଦଳିତ କଂଗ୍ରେସ ସଭାପତି ଦୁର୍ଯ୍ୟୋଧନ ବେହେରା, ପୂର୍ବତନ ଧର୍ମଶାଳା ବ୍ଲକ୍ ଅଧ୍ୟକ୍ଷ କିଷାନ ପଣ୍ଡା, ସରପଞ୍ଚ ଗଣେଶ୍ୱର ଦାସ, ସଞ୍ଜୟ କୁମାର କର, ବିଷ୍ଣୁ ପ୍ରସାଦ ସାମଲ, ରାଇଚରଣ ମହାନ୍ତି, ସୁକିନ୍ଦା ମହିଳା କଂଗ୍ରେସ ସଭାନେତ୍ରୀ ସ୍ୱପ୍ନା ବେହୁରା, ମଳୟ ମଞ୍ଜରୀ ମହାପାତ୍ର, ପ୍ରତିମା ସାହୁ, ପ୍ରଣତୀ ରାଉତ, ପ୍ରମିଳା ସାହୁ, ବିନ୍ଦୁବତୀ ବେହେରା, ସ୍ୱର୍ଣ୍ଣଲତା ବାନରା, ଝରଣା ମହାନ୍ତି, ବନଲତା ଦାଶ, ଲୀଳାବତୀ ସ୍ୱାଇଁ, ସସ୍ମିତା ଦାଶ, ପୂର୍ଣ୍ଣିମା ପରିଡ଼ା, ନିରୂପମା ବାରିକ, ସୁବାସିନୀ ନାୟକ, ଶ୍ୟାମସୁନ୍ଦର ଜେନା, ଜିତେନ୍ଦ୍ର ଦାସ, ଭରତ ଚନ୍ଦ୍ର ଜେନା, ନୀଳମଣି ଜେନା, ମଦନ ମୋହନ ମଳିକ, ମାର୍କଣ୍ଡ ମିଶ୍ର, ଦିଲ୍ଲୀପ ରଥ, ଅଶୋକ ରାଉତ, ଅଜୟ ପରିଡ଼ା, ନିରଞ୍ଜନ ନାୟକ, ସନ୍ତୋଷ ମହାନ୍ତି, ଜ୍ଞାନେନ୍ଦ୍ର ମାଝୀ, ସୁବୋଧ ମଲ୍ଲିକ, ପାନିକଲିତା ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ରଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୧, ଅକ୍ଟୋବର ୨୩**

# ଏ ଦୁନିଆରେ କିଏ ଭିକ୍ଷୁକ ନୁହେଁ ?



**ମୋ**ର ପଡୋଶୀ ସମୀର ବାବୁ ପ୍ରତ୍ୟେକ ଦିନ ସକାଳୁ, ଗୋଟିଏ କିଛି ସାମାଜିକ ସମସ୍ୟା ପ୍ରସଙ୍ଗ ଆଣି, ମୋ ପାଖକୁ ଆସନ୍ତି, ଘଂଟାଏ ଖଣ୍ଡେ ଆଲୋଚନା ହୁଏ। ଆଲୋଚନା ଭିତରେ ଦୁଇକପ୍ ଚାହା ପିଆ ହୁଏ, ତା'ପରେ ସେ ନିଜ ଘରକୁ ଯାନ୍ତି। ନିଜର କାର୍ଯ୍ୟବ୍ୟସ୍ତତା ଦୃଷ୍ଟିରୁ ବ୍ୟସ୍ତ ଲାଗୁଥିଲେ ମଧ୍ୟ, ତାଙ୍କର ଆଲୋଚ୍ୟ ସାମାଜିକ ସମସ୍ୟାର ବାସ୍ତବତା ଏବଂ ତଜ୍ଜନିତ ସୃଷ୍ଟ ଅସୁବିଧାର ନିରାକରଣ ନିମନ୍ତେ, ତାଙ୍କ କଳ୍ପନାପ୍ରସୂତ ସମାଧାନର ସମ୍ଭାବ୍ୟ ସୂତ୍ରର ଉପସ୍ଥାପନା, ମୋତେ ବେଶ୍ ଆକର୍ଷିତ କରେ। ତାଙ୍କର କଥନଶୈଳୀ ନାଟକୀୟ ଏବଂ ବିନା ଗୌରଚନ୍ଦ୍ରିକାରେ, ସେ କୌଣସି କଥା ଆରମ୍ଭ କରନ୍ତି ନାହିଁ। ଆଜି ସକାଳୁ ଆସି ଆରମ୍ଭ କଲେ, ଭାଇ ଆଉ ଏ ଦୁନିଆରେ ତିଷ୍ଠିବା ବଡ କଷ୍ଟ। କେତେ ଛଦ୍ମବେଶୀଙ୍କୁ ମଣିଷ ଚିହ୍ନିବ ? ମୁଁ ପଚାରିଲି, କ'ଣ ହେଲା କହୁନାହାନ୍ତି ? ସେ କହିଲେ ଗତକାଲି ସମୟ ନଅଟା ହେବ, ଜଣେ ସୁଦର୍ଶନ ଯୁବକ, ମାର୍ଜିତ ପରିପାଟୀ, ଗଳାରେ ଆଠଦଶଟି ବିଭିନ୍ନ ପ୍ରକାରର ରୁଦ୍ରାକ୍ଷ ମାଳ, ମଥାରେ ଚନ୍ଦନ ସିନ୍ଦୂରର ପ୍ରଲେପ, ଦର୍ଶନମାତ୍ରେ ସମ୍ଭ୍ରମତା ଜାଗ୍ରତ ହେବାପରି ବ୍ୟକ୍ତିତ୍ୱ, ମୋ' ଗେଟ୍ ଖୋଲି ଭିତରକୁ ଆସିଲେ ଏବଂ କହିଲେ ଝଙ୍କଡବାସିନୀ ମାଆ ଶାରଳାଙ୍କ ପାଇଁ କିଛି ଭିକ୍ଷା ମିଳୁ। ମାଆ ଶାରଳାଙ୍କ ପାଇଁ ଭିକ୍ଷା କଥା ଶୁଣି, ମୋର କାହିଁକି ସନ୍ଦେହ ହେଲା। ତାଙ୍କୁ ପଚାରିଲି, ଆପଣଙ୍କ ଘର କ'ଣ ଶାରଳାଙ୍କ ପାଖରେ ? ସେ କହିଲେ ହଁ ମୁଁ ମାଆ ଶାରଳାଙ୍କ ସେବକ। ମୋର ନାମ ସନ୍ଦୀପ ରାଉଳ। ମୁଁ ତାଙ୍କୁ ପଚାରିଲି, ମନ୍ଦିରର ତ' ଟ୍ରଷ୍ଟିବୋର୍ଡ ଅଛି, ସେମାନେ କଣ ତୁମକୁ ଠାକୁରାଣୀଙ୍କ ପାଇଁ ଭିକ୍ଷା ମାଗିବାକୁ ପଠାଇଛନ୍ତି ? ଆଚ୍ଛା ଠିକ୍ ଅଛି, ମୋ' ପାଖରେ କେତେକ ସେବକଙ୍କ ଟେଲିଫୋନ ନମ୍ବର ଅଛି। ମୁଁ ଟିକିଏ ତାଙ୍କ ପାଖକୁ ଫୋନ ଲଗାଇ ବୁଝୁଛି। ଏଇ କଥା ଶୁଣୁଶୁଣୁ ସେ କହିଲେ, ଆପଣ ଦେବେ ତ' ଦେବେ, ନ ଦେଲେ ନ ଦେବେ, ଏତେ କଥା ପଚାରୁଛନ୍ତି କ'ଣ ପାଇଁ? ଏଇୟା କହି ସେ, ସେ ସ୍ଥାନ ପରିତ୍ୟାଗ କରିବାକୁ ଉଦ୍ୟତ ହୁଅନ୍ତେ, ମୁଁ ତାଙ୍କୁ କହିଲି, ବାବୁ ଶୁଣ, ତୁମେତ ସୁସ୍ଥ ସବଳ ଲୋକ, ଭିକ୍ଷା ମାଗୁଛ କ'ଣ ପାଇଁ ? ତା'ଛଡା ଶାରଳାଙ୍କ ନାମ ନେଇ ଭିକ୍ଷା ମାଗିବାଟା ଆଦୌ ଠିକ୍ ହେଉନାହିଁ। ସେ ତତ୍‌କ୍ଷଣାତ ଟିକେ ଉତ୍ତେଜିତ ହୋଇ କହିଲେ, ବାବୁ ମୁଁ ଆପଣଙ୍କୁ ଗୋଟିଏ ପ୍ରଶ୍ନ ପଚାରିବି, ମୋତେ କୁହନ୍ତୁ,ଏ ଦୁନିଆରେ ଭିକାରୀ କିଏ ନୁହେଁ ? ଆପଣ କ'ଣ ଭିକାରୀ ନୁହନ୍ତି ? ଅପ୍ରତ୍ୟାଶିତ ଲେଉଟ ପ୍ରଶ୍ନରେ, କିଛି ସମୟ ମୁଁ ସ୍ତବ୍ଧ ହୋଇଗଲି। ତା'ପରେ ସେ ଆରମ୍ଭ କଲେ, ଆଜ୍ଞା ଏ ଦୁନିଆରେ ପ୍ରଥମ ଶ୍ରେଣୀର ଭିକାରୀ ହେଉଛନ୍ତି ସରକାରୀ କର୍ମଚାରୀ। ନିଜର ପଦବୀ ଓ ଯୋଗ୍ୟତା ଅନୁଯାୟୀ, ସରକାରଙ୍କ ପ୍ରଦତ୍ତ ସନ୍ତୋଷଜନକ ବେତନପ୍ରାପ୍ତି ପରେ ମଧ୍ୟ, ଜନସାଧାରଣଙ୍କ କାର୍ଯ୍ୟରେ ଇଚ୍ଛାକୃତ ବିଳମ୍ବ କରି, ଟେବୁଲ ତଳେ ହାତ ପତାଇ ଲାଂଚ ଗ୍ରହଣ କରିବା କ'ଣ ଭିକ୍ଷାବୃତି ନୁହେଁ ? ସେମାନେ କ'ଣ ସୁସ୍ଥ ସବଳ ନୁହନ୍ତି ? ସେମାନେ କ'ଣ ବିକଳାଙ୍ଗ ? ଆପଣ କ'ଣ ସେ ଭିକ୍ଷା ଦେଇନାହାନ୍ତି ? କିମ୍ବା ସରକାରୀ ଚାକିରିଆ ହୋଇଥିଲେ ସେ ଭିକ୍ଷା ଗ୍ରହଣ କରିନାହାନ୍ତି ? ମୁଁ ମାଆ ଶାରଳାଙ୍କ ନାମରେ ଭିକ୍ଷା ସଂଗ୍ରହ କରୁଛି ବୋଲି ଆପଣ ମୋତେ ହିତୋପଦେଶ ଦେଇଛନ୍ତି। ତଥାକଥିତ କେଳେଙ୍କାରୀ ବାବାମାନେ ନିଜକୁ ଭଗବାନ କହି, ଲକ୍ଷଲକ୍ଷ ଟଙ୍କା ଭିକ୍ଷା ସଂଗ୍ରହ କରୁଛନ୍ତି, ଆଉ ଆପଣମାନେ ସେଠି ହଜାର ହଜାର ଟଙ୍କା ଭିକ୍ଷା ଦେଇ ଆସୁଛନ୍ତି, କାହିଁକି ତାଙ୍କୁ ତ' ଦିନେ ହିତୋପଦେଶ ଦେଉନାହାନ୍ତି ? କାରଣ ଏମାନେ ହେଲେ ହାଇ କ୍ୟାଡରର ଭିକାରୀ ! କିଛି ଲୋକ ଚାଷୀ ନହୋଇ ମଧ୍ୟ, ନିଜେ, ନିଜ ପୁଅ ଝିଅ ସମସ୍ତଙ୍କୁ ନକଲି ଚାଷୀ ବନାଇ କାଳିଆ ଯୋଜନା ଅର୍ଥ ହାତେଇବାର ପ୍ରଚେଷ୍ଟା କରିନାହାନ୍ତି ? ନିଜେ ଗରିବ ନହୋଇ ମଧ୍ୟ, ନିଜର ବୃଦ୍ଧ ପିତାମାତାଙ୍କ ନାମରେ ବି.ପି.ଏଲ୍. କାର୍ଡ ହାତେଇବା ପ୍ରଚେଷ୍ଟା କରିନାହାନ୍ତି ? ଏମାନେ କ'ଣ ଭିକାରୀ ନୁହନ୍ତି ? ଏମାନେ ହେଲେ ଦ୍ୱିତୀୟ ଶ୍ରେଣୀର ଭିକାରୀ। ଆଉ କିଛି ବ୍ୟକ୍ତି ଭିକ୍ଷା ସଂଗ୍ରହ କରି, ଭିକ୍ଷା ପ୍ରଦାନ କରିଥା'ନ୍ତି। ଗରିବ ଅସହାୟ ଲୋକଙ୍କ ସାହାଯ୍ୟାର୍ଥେ, ବିଭିନ୍ନ ଅନୁଷ୍ଠାନ ଓ ସରକାରଙ୍କଠାରୁ ଭିକ୍ଷା ଗ୍ରହଣ କରି, କିଛି ଅର୍ଥ ସେ ବାବଦରେ ବ୍ୟୟ କରି, ନିଜେ ଭିକ୍ଷୁକ ସାଜି ଆଦାୟ ଭିକ୍ଷାର ସିଂହଭାଗ ନିଜେ ଆତ୍ମସାତ୍ କରନ୍ତି। ଆଉ କିଛି ଭିକାରୀ ମେଡିକାଲ୍, ଆର.ଟି.ଓ. ଅଫିସ ଇତ୍ୟାଦିରେ ଛୋଟଛୋଟ ଶିକାର ସଂଗ୍ରହ କରି ବଡବଡ ଶିକାରୀଙ୍କ ପାଖରେ ଛାଡିଦେଇ, ସେମାନଙ୍କଠାରୁ ଭିକ୍ଷା ଗ୍ରହଣ କରିଥା'ନ୍ତି। ଏମାନେ ହେଲେ ତୃତୀୟ ଶ୍ରେଣୀର ଭିକାରୀ। ଆଉ କିଛି ଋତୁକାଳୀନ ଡିପ୍ଲୋମାଟ୍ ଭିକ୍ଷୁକ ଅଛନ୍ତି। ସେମାନେ ସବୁବେଳେ ଭିକ୍ଷା ମାଗନ୍ତି ନାହିଁ, ପ୍ରତି ପାଂଚବର୍ଷରେ ଥରେ ଭିକ୍ଷା ମାଗନ୍ତି। ଥରେ ଭିକ୍ଷା ପାଇଗଲା ପରେ, ସେମାନେ ହୋଇଯାଆନ୍ତି ଅଖଣ୍ଡ କ୍ଷମତା ଓ ଅମାପ ସଂପତ୍ତିର ଅଧିକାରୀ। ତା'ପରେ ସେମାନେ ଲାଗି ପଡନ୍ତି, ଜନସାଧାରଣଙ୍କୁ ଭିକାରୀ ସଜାଇବାର ପ୍ରକ୍ରିୟାରେ। ଆମ ଭିତରେ ଆରମ୍ଭ ହୋଇଯାଇଛି, ଭିକାରୀ ହେବା ମାନସିକତାର ତୀବ୍ର ପ୍ରତିଯୋଗିତା। ଭିକାରୀ ସାଜିବାର ପ୍ରତିଦ୍ୱନ୍ଦ୍ୱିତା ଭିତରେ କର୍ମଠତା ଓ କର୍ମପ୍ରବଣତା ସୁପ୍ତ ଓ ବିଲୁପ୍ତ। ମାଗଣା ପାଇବାର ମନ ଆଗରେ ବିବେକ ଅସହାୟ। ଆଜ୍ଞା, ଆପଣ ଏଥର କୁହନ୍ତୁ,ଏ ସମାଜରେ ମୁଁ କ'ଣ ଏକା ଭିକାରୀ ? ଏତକ କଥା ସମୀରବାବୁ ମୋ' ପାଖରେ ପ୍ରକାଶ କରିବା ପରେ, ଗୋଟିଏ ଦୀର୍ଘଶ୍ୱାସ ନେଇ କହିଲେ, ତା'ପରେ ସେ ମୋତେ କ'ଣ କହିଲା ଶୁଣିବେ ? କହିଲା ଆଜ୍ଞା, ମୁଁ ଜଣେ ବ୍ରାହ୍ମଣ ଘରର ପିଲା, ଓଡିଆ ସାହିତ୍ୟରେ ସ୍ନାତକୋତ୍ତର ମୋର ଶିକ୍ଷାଗତ ଯୋଗ୍ୟତା। ସଂରକ୍ଷଣର ଅକ୍ଟୋପାସ କବଳରେ ମୁଁ ଶ୍ୱାସରୁଦ୍ଧ। ମନ ମୋର ବିଦ୍ରୋହ କରିଉଠୁଛି, ଯେତେବେଳେ ଦେଖିଦେଉଛି, ମୋ'ଠାରୁ କମ୍ ଦକ୍ଷ, ଦୁର୍ବଳ ଛାତ୍ରଟି, ସରକାରୀ ଚାକିରୀ ଖଣ୍ଡିଏ ହାତେଇଦେଇ, ସଗର୍ବରେ ମୋରି ଆଖି ଆଗରେ ଚାଲିଯାଉଛି। ବିବାହ ବୟସ ଅତିକ୍ରାନ୍ତ କରିଯାଇଥିଲେ ମଧ୍ୟ ଏଯାବତ୍ ବିବାହ କରିପାରିନାହିଁ। କନ୍ୟାପିତାମାନେ ବେରୋଜଗାରୀ ଯୁବକ ହସ୍ତରେ କନ୍ୟା ସଂପ୍ରଦାନ କରିବା ପାଇଁ କୁଣ୍ଠିତ ହେଉଅଛନ୍ତି। ଈଶ୍ୱରଙ୍କ ନିକଟରେ କ୍ଷୋଭ ପ୍ରକାଶ କରୁଛି, କାହିଁକି ସେ ମୋତେ ଏପରି ହୀନ ନୀଚ ବ୍ରାହ୍ମଣ କୁଳରେ ଜାତ କଲେ ବୋଲି ! କ୍ଷୁଧା ନିବାରଣ ଓ ରୁଗ୍‌ଣ ବୃଦ୍ଧ ପିତାମାତାଙ୍କର ଔଷଧ ଖର୍ଚ୍ଚ ତୁଲାଇବା ମଧ୍ୟ ବେଳେବେଳେ ଅସମ୍ଭବ ହୋଇପଡୁଛି। ପ୍ରଥମେ ଭିକ୍ଷା କରୁଥିଲି ଈଶ୍ୱରଙ୍କ ନିକଟରେ, ମୋର ଆର୍ଥିକ ସ୍ୱଚ୍ଛଳତା ପାଇଁ, ନିରାଶ ହେବାପରେ ମାଆଙ୍କ ନାମ ନେଇ ଭିକ୍ଷା କରୁଛି, ଆପଣମାନଙ୍କ ନିକଟରେ, ଜୀବନ ବଂଚାଇବା ପାଇଁ। ଏ ବୃତିକୁ ଆପଣାଇବାକୁ ମୋର ବିବେକ ମୋତେ ବାରମ୍ବାର ଦଂଶନ କରୁଥିଲେ ମଧ୍ୟ ମୁଁ ନିରୁପାୟ। ଆପଣ କହିପାରିବେ, ଆମପରି ଆର୍ଥିକ ଦୁର୍ଗତି ଭିତରେ ଗତି କରୁଥିବା, ତଥାକଥିତ ଉଚ୍ଚବର୍ଗର ବ୍ୟକ୍ତିମାନଙ୍କ ପାଇଁ, ସରକାର କ'ଣ ଯୋଜନା ପ୍ରଣୟନ କରିଛନ୍ତି ? ମୋର ଭିକ୍ଷାବୃତି ଏକତଲ ପ୍ରାସାଦକୁ ଦ୍ୱିତଳ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ, କେବଳ ବଂଚିବା ପାଇଁ ମୋର ଭିକ୍ଷାବୃତି। ଏଥର ଆପଣ କୁହନ୍ତୁ, ଦୁଇ ପଇସା ଅଧିକ ଭିକ୍ଷା ପାଇବା ନିମନ୍ତେ, ମୁଁ କ'ଣ ମାଆଙ୍କ ନାମ ନେଇ ଭିକ୍ଷା ମାଗିବା ପାପ ? ତା'ଠାରୁ ଆଉ କିଛି ଶୁଣିବା ପାଇଁ ମୋର ଧୈର୍ଯ୍ୟ ନ ଥିଲା, ତା' ହାତରେ ଖଣ୍ଡିଏ ପଚାଶ ଟଙ୍କିଆ ନୋଟ୍ ଗୁଞ୍ଜିଦେବା ବେଳକୁ, ମୋର ଚକ୍ଷୁ ଥିଲା ଲୋତକପ୍ଲାବିତ... !

**ପ୍ରଦୀପ୍ତ ଆଚାର୍ଯ୍ୟ**, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଈଶାଣୀବ୍ରହ୍ମପୁର, କଟକ। ମୋ-୬୩୭୧୫୯୩୨୨୦

## ଆଜିର ଅନୁଚିନ୍ତା

**ସ୍ରଷ୍ଟା ପ୍ରତି କେବେହେଲେ ଅକୃତଜ୍ଞ ହୁଅନାହିଁ।**

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଭାଷା ବ୍ୟବହାରରେ ସମସ୍ୟା

---------ସୌମେନ୍ଦ୍ର ଜେନା---------



**ଓ**ଡିଆ ଭାଷା ଏକ ପୁରାତନ ଭାଷା। ଦୁଇହଜାର ବର୍ଷରୁ ଅଧିକକାଳ ଧରି ଏହାର କ୍ରମବିକାଶ ହୋଇଆସିଛି। ଏହି ଜାତିର କ୍ରମବିକାଶ ସହ ଭାଷାର ମଧ୍ୟ ବିକାଶ ହୋଇଛି। ଖଣ୍ଡଗିରିର ହାତୀଗୁମ୍ଫାର ଶିଳାଲେଖଠାରୁ ଆରମ୍ଭ କରି ଭିନ୍ନ ଭିନ୍ନ ସମୟରେ ଅଲଗା ଅଲଗା ସ୍ଥାନରୁ ପ୍ରାପ୍ତ ଶିଳାଲେଖଗୁଡିକରୁ ଓଡିଆ ଭାଷାର ବିକାଶ ପରିଲକ୍ଷିତ ହୋଇଥାଏ। ଅତୀତ କାଳରେ ଏ ରାଜ୍ୟର ଲୋକେ ବିଦେଶ ଯାଇ ଇଣ୍ଡୋନେସିଆଠାରେ ଅନେକ ମନ୍ଦିର ନିର୍ମାଣ ପୂର୍ବକ ସ୍ଥାପତ୍ୟର ପରାକାଷ୍ଠା ପ୍ରଦର୍ଶନ କରିଥିଲେ, ଯାହା ଏବେବି ପର୍ଯ୍ୟଟକଙ୍କୁ କେବଳ ବିମୁଗ୍ଧ କରେ ତା ନୁହେଁ, ବିସ୍ମିତ ମଧ୍ୟ କରିଥାଏ। ଏହି ଜାତିର ଦିଗ୍‌ବିଜୟୀ ସମ୍ରାଟ ଖାରବେଳ ଯେପରି ସୁଦୂର ସିନ୍ଧୁଦେଶଯାଏ ମାଡିଯାଇ ଦେଶକୁ ଏକୀକୃତ କରିଥିଲେ। ସେହିପରି ଧର୍ମର, ପ୍ରଚାରର ପାଇଁ ଦ୍ୱିତୀୟ ବୁଦ୍ଧଭାବେ ବିଶ୍ୱରେ ପରିଚିତ ଓଡିଆ ବୌଦ୍ଧ ଧର୍ମଗୁରୁ ପଦ୍ମସମ୍ଭବ ବୌଦ୍ଧଧର୍ମକୁ ବିଶ୍ୱବ୍ୟାପି କରିବାରେ ସହାୟକ ହୋଇଥିଲେ। ଅଥଚ ଜୋର ଜବରଦସ୍ତ ଅନ୍ୟଠାରୁ ଦାବିହାସଲରେ ସ୍ୱଭାବ ଦୃଷ୍ଟିରୁ ପଛୁଆ, ଆତ୍ମପ୍ରଚାରରେ ଉଦାସୀନ ଏହି ଜାତି ସ୍ୱାଧୀନତା ପରେ ମଧ୍ୟ ନିଜ ଭାଷାର ପ୍ରାମାଣିକତାର ପ୍ରମାଣ ଦେବାକୁ ବିଳମ୍ବ କରିବା ଯୋଗୁ ବିଳମ୍ବରେ ଶାସ୍ତ୍ରୀୟ ମାନ୍ୟତା ପାଇବାକୁ ସକ୍ଷମ ହୋଇଛି। ଶାସ୍ତ୍ରୀୟମାନ୍ୟତା ଲାଭପରେ ଭାଷାର ବ୍ୟବହାର, ପ୍ରଚାର-ପ୍ରସାର, ବିସ୍ତାର, ପ୍ରକାଶନ, ଗବେଷଣା, ଅନୁସନ୍ଧାନ, ଅଧ୍ୟୟନ, ଅନୁଶୀଳନ ଯେପରି ଅଧିକ ହେବା କଥା ତାହା ଆଶାନୁରୂପକ ହୋଇପାରିନାହିଁ। ହଁ, ଗୋଟିଏ ବିଷୟ ହୋଇଛି ଯେ ଭାଷାକୁ କେନ୍ଦ୍ରକରି ଅନେକ ସଂଗଠନ ବା ଗୋଷ୍ଠୀ ଗଠିତ ହୋଇଛି ସଡକରୁ ସଂସଦଯାଏ ମାଡିଯିବା ଲାଗି ରାଜରାସ୍ତାରେ ଆହ୍ୱାନ ଶୁଣାଯାଉଛି। ଅନେକ ରାଜନେତା ଏଥିରେ ସକ୍ରିୟ ମଧ୍ୟ ହୋଇ ଉଠିଛନ୍ତି। ଭାଷାକୈନ୍ଦ୍ରିକ ଆବେଗ ମାଧ୍ୟମରେ ଅନେକ ଜନସମର୍ଥନ ମିଳିପାରିବ ବୋଲି ସେମାନଙ୍କ ମନରେ ବିଶ୍ୱାସ ରହିଛି। ଦକ୍ଷିଣ ଭାରତର ଲୋକେ ଯେପରି ହିନ୍ଦୀଭାଷାକୁ ବିରୋଧ କରିବାକୁ ଯାଇ ଦ୍ରାବିଡ ରାଜନୀତିକୁ ୫୦ବର୍ଷଧରି ପ୍ରତିଷ୍ଠା ଦେଇଆସିଛନ୍ତି, ଠିକ୍ ସେମିତି ଓଡିଶାରେ ମଧ୍ୟ ଆଞ୍ଚଳିକ ରାଜନୀତିକୁ ପ୍ରତିଷ୍ଠା ମିଳିବାର ଯଥେଷ୍ଟ ସମ୍ଭାବନା ଦେଖାଦେଇଛି ଭାଷାକୁ କେନ୍ଦ୍ରକରି ଅନୁଷ୍ଠାନ ଏପରିକି ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ଗଠନ ପାଇଁ ମଧ୍ୟ ପ୍ରସ୍ତାବ ଯାଇସାରିଲାଣି। ଆଗାମୀ ଦିନରେ କେନ୍ଦ୍ରରୁ ଏଥିପାଇଁ ଆବଶ୍ୟକ ଅନୁଦାନ ଆସିଲେ ସମସ୍ତେ ଏଥିରେ ଅଳ୍ପେ ବହୁତେ ଉପକୃତ ହେବେ ବୋଲି ଚାତକପ୍ରାୟ ଆଶାରଖି ଚାହିଁ ବସିଛନ୍ତି। ସେଥିପାଇଁ ଠିକଣା ସମୟରେ ନିଜର ଦାବି ସରକାରଙ୍କଠାରେ ଉପସ୍ଥାପିତକରି ଅନୁଷ୍ଠାନ କିମ୍ବା କମିଟି ଭିତରେ ପ୍ରବେଶ କରିବା ଲାଗି ଅନେକେ ଲବି କରିବା ଆରମ୍ଭ କରିଦେଲେଣି।

ଏହି ପରିସ୍ଥିତିରେ ଭାଷାର ବ୍ୟବହାର କଥା ଯେତେ ନଆସୁଛି ଭାଷା ସଂପର୍କରେ ଅଧିକ କୁମ୍ଭୀର କାନ୍ଦଣା ଶୁଣାଯାଉଛି। ଭାଷା ମରିଯାଉଛି, ମରିଯାଉଛି ବୋଲି ଯେଉଁ ବକ୍ତାମାନେ କର୍ଣ୍ଣଫଟାଇ ଭାଷଣ ଦେଉଛନ୍ତି ସେମାନଙ୍କ ଘରକୁ ଗଲେ ଦେଖିବାକୁ ମିଳୁଛି ଯେ ସେମାନଙ୍କ ପିଲା, ନାତିନାତୁଣୀମାନେ ଓଡିଆ ଶିକ୍ଷାଠାରୁ ବହୁ ଦୂରରେ। ଆଗେ କୁହାଯାଉଥିଲା 'ପାନଗୁଆ ଖଇର ଖିଲିକାଟି ଭଲ ବ୍ୟବସାୟ ରାଜନୀତି'। ଆଉ ଏବେ କୁହାଯାଉଛି 'ପ୍ରଚାର ପାଇଁକି ଭଲ ବେଉସା କହିଗଲ ମଲା ଓଡିଆ ଭାଷା'।

ସଂପ୍ରତି ଓଡିଆ ଭାଷାର ସବୁଠୁ ବଡ ସମସ୍ୟା ହେଉଛି ଅଧ୍ୟାପନା। କିଏ ଓଡିଆ ଭାଷାର ପଣ୍ଡିତ ସେ ନେଇ ଏବେ ରାଜ୍ୟରେ ଢେର ବିତର୍କ ଲାଗିରହିଛି। କିଛି ଲୋକ ଭାଷାକୈନ୍ଦ୍ରିକ ଶିକ୍ଷାନୁଷ୍ଠାନର ବିଶ୍ୱବିଦ୍ୟାଳୟଦ୍ୱାରା ପ୍ରଦତ୍ତ ଡିଗ୍ରୀଧାରୀ ନହେଲେ ଭାଷାବିତ୍ ବୋଲି କେହି କହିବା ଠିକ୍ ନୁହେଁ ବୋଲି କହିଲା ବେଳେ ଅନ୍ୟ କେତେକ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡିକର ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗରୁ ଡିଗ୍ରୀ କିମ୍ବା ଗବେଷଣା କରି ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରଛାତ୍ରୀ ତଥା ଗବେଷକଙ୍କୁ ଭାଷାବିତ୍ ଭାବେ ମାନିବାଲାଗି ପ୍ରସ୍ତୁତ କୁହନ୍ତି। ସେମାନଙ୍କ କହିବା ମୁତାବକ ବର୍ତ୍ତମାନର ଢାଞ୍ଚାରେ ପଢାଯାଉଥିବା ପାଠ୍ୟକ୍ରମ ଭାଷା କୈନ୍ଦ୍ରିକ ହୋଇନଥିବାରୁ ସେଠାରୁ ଡିଗ୍ରୀ ପାଉଥିବା ଲୋକଙ୍କୁ ପଣ୍ଡିତ ବୋଲି କୁହାଯାଇପାରିବ ନାହିଁ। ସେମାନେ ଯଦି ରାଜ୍ୟ ବାହାରର କୌଣସି ବିଶ୍ୱବିଦ୍ୟାଳୟରୁ ଭାଷା ସଂପର୍କରେ ଡିଗ୍ରୀଲାଭ କରିଥିବେ ତେବେ ସେ ଭାଷାପଣ୍ଡିତ ହୋଇପାରିବେ।

ଏହି ଦୃଷ୍ଟିକୋଣରୁ ଅତୀତ ଦିନରେ ଓଡିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ପଦ ନିଯୁକ୍ତି ବେଳେ ନାନା ବିତର୍କ ହୋଇଆସିଛି। ଏପରିକି କିଏ କାଶୀ ପଣ୍ଡିତ ଆଉ କିଏ ଭୁସ୍ ପଣ୍ଡିତ ସେ ସଂପର୍କରେ ରୋଚକ ଆଲୋଚନାମାନ ପତ୍ରପତ୍ରିକାରେ ସ୍ଥାନ ପାଇଛି। ଏହି ଅନୁଷ୍ଠାନ ୧୦ବର୍ଷ ପୂର୍ବେ ଗଠିତ ହୋଇଥିଲେ ମଧ୍ୟ ଆଦୌ କିଛି କରୁନଥିବା ଅଭିଯୋଗ ଅନେକ ସମୟରେ ଉଠିଛି। ଅପରପକ୍ଷେ ବର୍ଣ୍ଣମାଳାର ପଣ୍ଡିତଙ୍କ ଲଢେଇ ଯୋଗୁ ଏହି ଅନୁଷ୍ଠାନ ଢେର କ୍ଷତିଗ୍ରସ୍ତ ହୋଇଛି ଆର୍ଥିକ ଦୃଷ୍ଟିକୋଣରୁ ଏବଂ ପ୍ରକାଶନ ଦୃଷ୍ଟିକୋଣରୁ। ଫଳରେ ମତଭେଦର ଟଣାଓଟାରେ ଅନୁଷ୍ଠାନର ପଦପଦବୀ ନିଯୁକ୍ତିରେ ବିଳମ୍ବ ଘଟିଛି,ଏପରିକି ବର୍ଷ ବର୍ଷ ଧରି ଖାଲି ପଡିଆସିଛି। କାହାଲୋକ ଚଉକିପାଇବ ଆଉ ବାବୁଙ୍କ ସଉକ ମେଣ୍ଟିବ ସେହି ଷଡଯନ୍ତ୍ରର ଶିକାର ହୋଇଛି ଏହି ଭାଷା ଅନୁଷ୍ଠାନ।

ଏକଦା ରାଜ୍ୟର ପାଠ୍ୟକ୍ରମ ଭିତରୁ ଭାଷାକୁ କଲେଜସ୍ତରରୁ ଉଠାଇବାକୁ ସଫଳ ପ୍ରୟାସ ହୋଇଥିଲା ବେଳେ କେନ୍ଦ୍ରୀୟ, ବେସରକାରୀ ବିଦ୍ୟାଳୟରେ ଅତିମାତ୍ରାରେ ଭାଷା ବିଲୋପ ଅଭିଯାନ ସଫଳତା ଲାଭ କରିଛି। ସରକାରଙ୍କଠାରୁ ଶସ୍ତାରେ, ସୁବିଧାରେ ଜମିନେଇ ଶିକ୍ଷା ଅନୁଷ୍ଠାନ ଚଳାଇ ଆସିଥିବା ଏହି ସଂସ୍ଥାମାନେ ରାଜ୍ୟର ଭାଷାକୁ ଲୋକପ୍ରିୟ କରିବା ପାଇଁ ଉଦ୍ୟମ କରିବା ଉଚିତ। ଲର୍ଡ ମେକଲେ ଯେଉଁ ଷଡଯନ୍ତ୍ର ଚଳାଇଥିଲେ ତାହାକୁ ଏବେ ମଧ୍ୟ ଆମ ରାଜ୍ୟରେ ଚାଲୁ ରଖାଯାଇଛି। ବ୍ୟକ୍ତିକୁ ସଂସ୍କୃତିବିହୀନ କରିବାର ଏହା ହେଉଛି ଆଦ୍ୟ ଓଁକାର। ଓଡିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ପରଠୁ ପ୍ରତିଦିନ ଆତ୍ମଘୋଷିତ ଭାଷାବିତ୍‌ଙ୍କ ସଂଖ୍ୟାରେ ବନ୍ୟା ଆସିଛି। ଅନେକ ପ୍ରକାର ପ୍ରିଫେଡ ପୁରସ୍କାର ବାଣ୍ଟୁଥିବା ଅନୁଷ୍ଠାନ ପକ୍ଷରୁ ମଧ୍ୟ ଭାଷାଗୌରବ, ଭାଷାସୌରଭ ଭାଷାସମ୍ରାଟ ପରି ସ୍ୱଘୋଷିତ ପଦକ ବଣ୍ଟାଯାଇଛି। ରାଜ୍ୟରେ ରଙ୍ଗୀନ କପିଅରର ସଂଖ୍ୟାବୃଦ୍ଧି ସହ ଏହି ସମ୍ମାନ ମାତ୍ର କେଇ ମିନିଟ୍ ମଧ୍ୟରେ ପ୍ରସ୍ତୁତ ହୋଇପାରୁଛି। କେବଳ ନେଇପାରିବାର ରାସ୍ତା ଜଣାଥିବା ଦରକାର। ଭାଷା ଅଧ୍ୟୟନ ନଥିଲେ ମଧ୍ୟ ଚଳୁଛି। ଭାଷା କହିପାରୁନଥିବା ନେତାଟିଏ ମଧ୍ୟ ଦଶନ୍ଧି ଦଶନ୍ଧିଧରି ଯଦି ରାଜ୍ୟରେ ବିନା ବିରୋଧରେ ଶାସନ କରିବାକୁ ସକ୍ଷମ ହୋଇପାରୁଛି, ସେତେବେଳେ ଇଏବା କେଉଁ ବଡକଥା। କେବଳ ଏଠି ଚଳେଇ ନେବାଟା ହେଉଛି ସବୁଠୁ ବଡ ବାହାଦୂରୀ।

ସବୁ ବିଦ୍ୟାଳୟରେ ଆଉ ଆଗପରି ସାହିତ୍ୟ ଶିକ୍ଷକମାନେ ନାହାନ୍ତି କି ଭାଷା ଶିକ୍ଷକ ନାହାନ୍ତି। ସରକାରଙ୍କ ଦୃଷ୍ଟିରେ ସବୁଲୋକେ ଭାଷା ପଢାଇପାରିବେ। ଭାଷା ପଢାଇବା ସବୁଠୁ ସରଳ ବୋଲି ମନେକରୁଥିବା ପ୍ରଶାସକମାନେ ଭାଷାମାରଣର ଏହି ଅମୋଘ ଅସ୍ତ୍ର ବିଦ୍ୟାଳୟ ସ୍ତରରେ ପ୍ରୟୋଗ କରିଛନ୍ତି। 'ମୂଳୁ ମାଇଲେ ଯିବ ସରି' ନୀତିରେ ତଳୁ ମାରିଦେଲେ ଆଉ ଭାଷା ଥିବ ଯେ ଆଗକୁ କେହି ଭାଷା ପଢିବ ବୋଲି କହିବ। ଏହି ନୀତିର ଶିକାର ହୋଇ ଗୋଟିଏ ବର୍ଷ ହାଇସ୍କୁଲ ପରୀକ୍ଷାରେ ୪୫ ପ୍ରତିଶତ ପିଲା କେବଳ ଭାଷା ଯୋଗୁ ଫେଲ ହୋଇଥିଲେ। ଭାଷା ଶିକ୍ଷାକୁ ବିଦ୍ୟାଳୟ ସ୍ତରରେ ଅଧିକ ପ୍ରାମାଣିକ, ଅଧିକ ବୈଜ୍ଞାନିକ ପ୍ରଣାଳୀ ସହ ନ ଯୋଡିଲେ ଭାଷାଶିକ୍ଷଣ ପିଲାଙ୍କ ପାଇଁ ସହଜ ହେବନାହିଁ। ଅଧିକନ୍ତୁ ଭାଷାକୁ ଶିଖାଇବା ନିମନ୍ତେ କିପରି ଦୃଶ୍ୟଶ୍ରାବ୍ୟ ମାଧ୍ୟମର ସହାୟତା ନିଆଯାଇପାରେ ସେଥିପ୍ରତି ଅଧିକ ଦୃଷ୍ଟି ଦିଆଯିବା ଆବଶ୍ୟକ। ଭାଷାଶିକ୍ଷା ପ୍ରଣାଳୀ ଦିନକୁ ଦିନ ଅଧିକ ଗବେଷଣାତ୍ମକ, ପରୀକ୍ଷାରୁ ବାହାରି ବିଦ୍ୟାଳୟକୁ ଆସୁ। ପିଲାମାନେ ସେ ସବୁର ସୁବିଧା ପାଆନ୍ତୁ, ଏହା ଲକ୍ଷ୍ୟ ହେବା ଉଚିତ୍। ଭାଷାର ବ୍ୟବହାର, ଶୁଦ୍ଧ ପ୍ରୟୋଗ ପାଇଁ ଉପଯୁକ୍ତ ଶିକ୍ଷା ବ୍ୟବସ୍ଥାର ଢାଞ୍ଚା ଗଠନ ନହେଲେ ଭାଷାର ବ୍ୟବହାର ବଢିବ ନାହିଁ। ଭାଷା ଶିକ୍ଷା ନିମିତ୍ତ ଅଧିକରୁ ଅଧିକ ପୁସ୍ତକ ରଚନା ଓ ପ୍ରକାଶ ପାଇବା ଆବଶ୍ୟକ। ଶିକ୍ଷକମାନଙ୍କ ଭାଷାଜ୍ଞାନ ବୃଦ୍ଧି ଛାତ୍ରଛାତ୍ରୀଙ୍କ ଶୁଦ୍ଧ ଲେଖା କୌଶଳ ଉପରେ ବିଦ୍ୟାଳୟଗୁଡିକରେ ଅଧିକ ଜୋରଦେବା ଜରୁରୀ। ଛାତ୍ରଛାତ୍ରୀମାନେ ହେଉଛନ୍ତି ଭାଷାର ଭବିଷ୍ୟତ। ଭାଷାର ଶୁଦ୍ଧ ରଚନା, ଶୁଦ୍ଧ ଉଚ୍ଚାରଣ, ଶୁଦ୍ଧ ବ୍ୟବହାର ପାଇଁ ଏମାନେ ଭାଷା ସେନା ଭଳି କାର୍ଯ୍ୟ କରିଥାନ୍ତି। ଭାଷାର ଭବିଷ୍ୟତ ବିଦ୍ୟାଳୟଗୁଡିକର ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷାରେ ନିହିତ ଅଛି। ଏମାନଙ୍କୁ ଠିକଣା ଢଙ୍ଗରେ ପ୍ରସ୍ତୁତ କରିପାରିଲେ ସମାଜ,ରାଜ୍ୟ ଓ ଦେଶରେ କେବଳ ନୁହେଁ, ବିଶ୍ୱରେ ମଧ୍ୟ ଭାଷାର ବ୍ୟବହାର ତଥା ପ୍ରସାର ସମ୍ଭବ ହେବ।

ସେହିପରି ଅଣଓଡିଆ ଭାଷାଭାଷୀଙ୍କୁ ସହଜରେ ଭାଷାଶିକ୍ଷା କାର୍ଯ୍ୟକ୍ରମ ସିଡି ପ୍ରସ୍ତୁତ କରି ଶିକ୍ଷାଦେବା ଆବଶ୍ୟକ। ରାଜ୍ୟ ବାହାରେ ଅନେକଗୁଡିଏ ସ୍ଥାନରେ ଜଗନ୍ନାଥ ମନ୍ଦିର ରହିଛି। ସେସବୁକୁ କେନ୍ଦ୍ରକରି ଓଡିଆ ଭାଷା ଶିକ୍ଷାକେନ୍ଦ୍ର ଖୋଲାଯାଇପାରେ। ସେଠାରେ ଭାଷାକେନ୍ଦ୍ର ସହ ଓଡିଆ ପାଠାଗାରକୁ ଯୋଡିଦେଲେ ତାହା ସବୁଦିନିଆ ସଂସ୍କୃତି ଶିକ୍ଷାକେନ୍ଦ୍ର ହୋଇପାରନ୍ତା।

ସିପାହୀ ଆନ୍ଦୋଳନ ପରେ ସୁରେନ୍ଦ୍ର ସାଏଙ୍କ ଅନୁଗାମୀଙ୍କଠାରୁ ଆକ୍ରମଣ ଆଶଙ୍କା କରୁଥିବା ଇଂରେଜ ସରକାର ପଶ୍ଚିମ ଓଡିଶାରୁ ବାଛି ବାଛି ୩୦,୦୦୦ ସଂଖ୍ୟକ ଲୋକଙ୍କୁ ଆସାମର ଚାହା ବଗିଚାରେ କାମ କରିବାଲାଗି ଚାଲାଣ କରିଥିଲେ। ସରକାରୀ ସ୍ତରରେ ସେମାନଙ୍କ ବିଷୟରେ ସବିଶେଷ ତଥ୍ୟ ରଖାଯାଇ ନଥିଲା। ଏହା ୧୮୯୦ ପରଠାରୁ ଆରମ୍ଭ ହୋଇଥିବାର ଜଣାଯାଏ। ଗତ ୧୦୦ବର୍ଷରୁ ଅଧିକକାଳ ଧରି ଆସାମ ଚାହା ବଗିଚାରେ ଥିବା ଓଡିଆ ଲୋକେ ଓଡିଆ କଥା କହୁଥିଲେ ହେଁ ଲିପିଶିକ୍ଷାରୁ ବଞ୍ଚିତ ହୋଇ ରହିଛନ୍ତି। ସେମାନଙ୍କ ସଂଖ୍ୟା ଇତିମଧ୍ୟରେ ତିନିଲକ୍ଷରୁ ଅଧିକ ହୋଇଥିବାର ଜଣାଯାଏ। ଭାଷାଶିକ୍ଷାରୁ ବଞ୍ଚିତ ହୋଇରହିଥିବା ଓଡିଆ ଲୋକେ ଦେଶ ଭିତରେ ଯେଉଁଠି ଥାଆନ୍ତୁ ନା କାହିଁକି ସେମାନଙ୍କ ପାଇଁ ଭାଷାଶିକ୍ଷା ହାତପାଆନ୍ତାରେ ମିଳିବା ଉଚିତ। ପତ୍ରାଚାର ମାଧ୍ୟମରେ ଓଡିଆ ଭାଷାଶିକ୍ଷା କାର୍ଯ୍ୟକ୍ରମ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡିକ ହାତକୁ ନେଇ ଆରମ୍ଭ କରିବପାରିବେ। ସେହିପରି ଭାଷାର ସଂଗୀତ, ସାହିତ୍ୟ କିପରି ରାଜ୍ୟଠାରୁ ଦୂରରେ ଏପରିକି ବିଦେଶରେ ଥିବା ଲୋକଙ୍କ ପାଖରେ ପହଞ୍ଚିପାରିବ, ସେଥିପାଇଁ ପୁସ୍ତକର ଡିଜିଟାଲକରଣ ଆବଶ୍ୟକ। ଓଡିଆଶିକ୍ଷା ପୁସ୍ତିକା ଡିଜିଟାଲ ରୂପରେ ବିଦେଶୀ ଓଡିଆ ପିଲାଙ୍କ ପାଇଁ ପଠାଯାଇପାରେ।

ସରକାରୀ କଳର ପ୍ରଶାସନିକ, ବିଚାର ଏବଂ ବୈଧାନିକ କ୍ଷେତ୍ରରେ ଓଡିଆ ଭାଷାର ବ୍ୟବହାର ବୃଦ୍ଧିପାଇଁ ସରକାରୀ ନଥିପତ୍ର ଲେଖାପାଇଁ ଶିକ୍ଷାପ୍ରଦାନ ଜରୁରୀ। ଏଥିପାଇଁ ଆବଶ୍ୟକ ପୁସ୍ତକ ମଧ୍ୟ ରଚନା କରାଯିବା ଦରକାର। ଚିଠିପତ୍ର ଦେଣନେଣ, ବ୍ୟବସାୟ ବାଣିଜ୍ୟ, ଏପରିକି ବୈଷୟିକ ଶିକ୍ଷା ମଧ୍ୟ ଓଡିଆରେ ହୋଇପାରିବ। ରୁଷିଆ, ଫ୍ରାନ୍‌ସ, ଜର୍ମାନୀ, ଜାପାନ, ଚୀନ ଆଦି ଦେଶରେ ନିଜ ଭାଷାରେ ବୈଷୟିକ ଶିକ୍ଷା ପାଇ ପିଲାମାନେ ପ୍ରସିଦ୍ଧିଲାଭ କରିପାରୁଛନ୍ତି। ତେଣୁ ଓଡିଆରେ ଚିକିତ୍ସାଠାରୁ ବିଜ୍ଞାନ ପର୍ଯ୍ୟନ୍ତ ସବୁ କିଛିକୁ ଓଡିଆରେ ପଢାଯାଇପାରିବ। ଏସବୁ କ୍ଷେତ୍ରରେ ବ୍ୟାପକ ସମ୍ଭାବନା ରହିଛି। ଏହା ହେଲେ ରାଜ୍ୟର ପୁସ୍ତକ ଶିଳ୍ପରେ ବିପ୍ଳବ ଘଟିବ ବୋଲି କୁହାଯାଇପାରେ। ପେସାରେ ଓଡିଆ ଭାଷାର ବ୍ୟବହାର ହେଲେ ଭାଷାଭିତ୍ତିକ ନିଯୁକ୍ତିର ସୁଯୋଗ ବଢିବ। କେନ୍ଦ୍ର ସରକାର ବ୍ୟାଙ୍କଠାରୁ ଆରମ୍ଭକରି ସମସ୍ତ ବିଭାଗପାଇଁ ଯେପରି ଭାଷା ଅଧିକାରୀ ନିଯୁକ୍ତି ଦେଇଛନ୍ତି ସେମିତି ରାଜ୍ୟସରକାର ସବୁ ବିଭାଗରେ ନିଜର ଭାଷା ଅଧିକାରୀଙ୍କୁ ନିଯୁକ୍ତି ଦେଇ ଭାଷାର ବ୍ୟବହାରକୁ ସହଜ କରିପାରିବେ।

ଓଡିଆ ଭାଷାକୁ ବିଶ୍ୱଭାଷା କରି ଛିଡା କରିବାପାଇଁ ସମସ୍ତେ ନିଜ ନିଜ କ୍ଷେତ୍ରରେ, ନିଜସ୍ୱ ଯୋଜନାରେ ପ୍ରୟାସ ଜାରିରଖିବା ଆବଶ୍ୟକ। ସରକାର ତାଙ୍କ କ୍ଷେତ୍ରରେ କାର୍ଯ୍ୟକରିବେ। କିନ୍ତୁ ଜନତା ଯେକୌଣସି ସରକାରଙ୍କଠାରୁ ଅଧିକ କାର୍ଯ୍ୟ କରିପାରିବେ। ପରିବାରଠାରୁ ସମାଜ, ରାଜ୍ୟଠାରୁ ଦେଶଯାଏ, ଦେଶ ବାହାରେ ବିଶ୍ୱ ପର୍ଯ୍ୟନ୍ତ ଏ ଭାଷାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଅନୁବାଦ ଉପରେ ଅଧିକ ଜୋର ଦିଆଯିବା ଆବଶ୍ୟକ। ସଂକଳ୍ପ ଥିଲେ ବିକଳ୍ପ ମିଳିବ, ଏଥିରେ ସନ୍ଦେହ ନାହିଁ। ବିକଳ୍ପ ରାସ୍ତା ଖୋଜି ଆମେ ବିଜୟୀ ହେବା, ଭାଷାର ବ୍ୟବହାର ଓ ପ୍ରସାରକୁ ବ୍ୟାପକ କରିପାରିବା।

*-ଭାରତୀୟ ସମ୍ବାଦସେବା (ଭାସ୍), ଭୁବନେଶ୍ୱର*

# ଈଶ୍ୱରସତ୍ତା

**କା**ର୍ଯ୍ୟ ଓ କାରଣ (Cause-effect Analysis)କୁ ଯଦି ବିଶ୍ଳେଷଣ କରାଯାଏ ତେବେ ଏ ସମଗ୍ର ସୃଷ୍ଟିରେ ଏପରି କୌଣସି ଦ୍ରବ୍ୟ ବିନା କାରଣରେ ସୃଷ୍ଟି ହୋଇଥିବା ନଜରକୁ ଆସେ ନାହିଁ। ଦୀପଟିରେ ସଳିତା ଓ ତେଲ ଏବଂ ପାଖରେ ଡିଆସିଲି ପେଡ଼ାଟିଏ ଥିଲେ ମଧ୍ୟ ଯେ ପର୍ଯ୍ୟନ୍ତ ଜଣେ ବ୍ୟକ୍ତି ଆସି ଦୀପଟିକୁ ଡିଆସିଲି ମାଧ୍ୟମରେ ନ ଜଳେଇ ଦେଇଛି ତାହା ଜଳିପାରିବ ନାହିଁ। ଫୁଲ ତୋଡ଼ାଟିଏ ତିଆରି କରିବାକୁ ଜଣେ ଲୋକକୁ ଫୁଲଗୁଡ଼ିକ ସଂଗ୍ରହ କରି ତାକୁ ତାର ରଙ୍ଗ, ରୂପ ଓ ଆକୃତି ଏବଂ ସୁବାସ ଅନୁଯାୟୀ ସଜେଇ ତୋଡ଼ା ବା ଗୁଚ୍ଛ ଆକାରରେ ବାନ୍ଧିବାକୁ ପଡ଼ିଥାଏ। ସେହିପରି ଫୁଲମାନେ ବଗିଚାରୁ ଆସି ମନକୁ ମନ ମାଳାଟିଏ ହୋଇଯାଆନ୍ତିନି। ଏଥିପାଇଁ ମାଳିଟିର ସହାୟତା ଲୋଡ଼ା ହୋଇଥାଏ। ଗଛଟିଏ ସୃଷ୍ଟି ହେବା ମୂଳରେ ମଞ୍ଜି, ପକ୍ଷୀଟିଏ ଉଡ଼ିପାରିବା ପାଇଁ ଡେଣା ହିଁ ଦାୟୀ। ମାଛ ଆଦି ଅନେକ ଜଳଚର ଜୀବ ଜଳରେ ରହି ପାରୁଥିବା ବେଳେ ସ୍ଥଳ ଭାଗକୁ ଆସିଲେ ମୃତ୍ୟୁମୁଖରେ ପଡ଼ନ୍ତି। ମାତ୍ର ମନୁଷ୍ୟ ତଥା ଅନ୍ୟାନ୍ୟ ସ୍ଥଳଚର ପାଣୀଙ୍କ କ୍ଷେତ୍ରରେ ଏହାର ଠିକ୍ ବିପରୀତ ଘଟିଥାଏ। ଏହିପରି ଏ ବିଶ୍ୱବ୍ରହ୍ମାଣ୍ଡରେ ଅହର୍ନିଶି ଘଟୁଥିବା କୋଟି କୋଟି ଘଟଣା ପଛରେ କିଛି ନା କିଛି କାରଣ ଅର୍ନ୍ତନିହିତ ରହିଥାଏ। ଜନ୍ମ ଓ ମୃତ୍ୟୁର ମଧ୍ୟ କାରଣ ଥାଏ।



ତେଣୁ ମନରେ ସ୍ୱତଃ ପ୍ରଶ୍ନ ଉଠେ, "ଏହି ସାରା ବିଶ୍ୱ ସୃଷ୍ଟି ହେବା ପଛରେ ସ୍ରଷ୍ଟାଙ୍କର ହାତ କିପରି ନଥିବ!! ଆସ୍ତିକମାନେ ଈଶ୍ୱରଙ୍କ ଉପରେ ଏହି ପରିପ୍ରେକ୍ଷୀରେ ଗଭୀର ବିଶ୍ୱାସ ରଖିଥିବା ବେଳେ ନାସ୍ତିକମାନେ ଈଶ୍ୱରଙ୍କୁ ଅଣୁମାତ୍ର ବିଶ୍ୱାସ କରନ୍ତି ନାହିଁ। କାହାରି କାହାରି ମନରେ ପ୍ରଶ୍ନ ଉଠେ ଯଦି ଈଶ୍ୱର ବୋଲି କେହି ଅଛନ୍ତି, ତେବେ ସୃଷ୍ଟିରେ ଏତେ ଅଧର୍ମ, ଅନ୍ୟାୟ, ଅତ୍ୟାଚାର, ଶୋଷଣ, ଧର୍ଷଣ ବେଳକୁ ବେଳ ବଢ଼ିଚାଲିଛି କିପରି ? କାହିଁକି ଈଶ୍ୱର ଆସି ଏହାର ପ୍ରତିରୋଧ କରୁନାହାନ୍ତି ?

ପ୍ରକୃତରେ ମନୁଷ୍ୟ ସୁଖ ଦୁଃଖ ଭୋଗ କଲାବେଳେ ଈଶ୍ୱରଙ୍କୁ ଦାୟୀ କରିଥାଏ, କିନ୍ତୁ ଈଶ୍ୱର ଏଥିପାଇଁ କିପରି ଦାୟୀ ହୋଇପାରନ୍ତି ? ଏସବୁତ କର୍ମର ଗହନ ଗତି। ମନୁଷ୍ୟ ଯେପରି କର୍ମ କରେ ସେପରି ଫଳ ଭୋଗ କରିଥାଏ। ବେଳବେଳେ ପୂର୍ବ ଜନ୍ମର କର୍ମଫଳକୁ ପରଜନ୍ମରେ ଭୋଗ କରିବାକୁ ପଡ଼ିଥାଏ। ଠିକ୍ ଏହି କାରଣରୁ ମହାଭାରତରେ ଗାନ୍ଧାରୀ ଶତପୁତ୍ରର ଜନନୀ ହୋଇବି ସବୁ ପୁତ୍ରଙ୍କୁ ହରାଇଥିଲେ ଏବଂ ଭୀଷ୍ମ ପିତାମହ ଶରଶଯ୍ୟାରେ ଶୟନ କରିଥିଲେ। କାହା କାହା କ୍ଷେତ୍ରରେ ସେହି ଜନ୍ମର କର୍ମର ଫଳ ସେହି ଜନ୍ମରେ ଭୋଗ ହୋଇଥାଏ। ମାତ୍ର କର୍ମର ଫଳ ଭୋଗ ନ ହେବା ପର୍ଯ୍ୟନ୍ତ ତାହା ପ୍ରାଣୀକୁ (କର୍ତ୍ତାକୁ) ଅନୁଧାବନ କରୁଥାଏ, ଠିକ୍ ଯେପରି 'ଗାଇ'କୁ 'ବାଛୁରୀ' ଅନୁଧାବନ କରେ। ସେଥିପାଇଁ ସଂସ୍କୃତରେ ଲେଖାଅଛି– ***"ଯଥା ଧେନୁ ସହସ୍ରେଶୁ ବତ୍ସା ବିନ୍ଦତି ମାତରମ୍/ତଥା ପୂର୍ବ କୃତଂ କର୍ମଂ କର୍ତ୍ତାରମନୁଗଚ୍ଛତି।"***

ଈଶ୍ୱର ତ ନିର୍ଗୁଣ, ନିରାକାର। ଅନାଦି, ଅନନ୍ତ, ଅସୀମ। ଏ ବିଶ୍ୱବ୍ରହ୍ମାଣ୍ଡର ସ୍ରଷ୍ଟା, ହର୍ତ୍ତା, କର୍ତ୍ତା ଦୈବବିଧାତା। ମାତ୍ର ବେଳେବେଳେ ମନୁଷ୍ୟ ତଥା ପ୍ରାଣୀମାନଙ୍କର ଭକ୍ତି, ବିଶ୍ୱାସ ଓ ପୁରୁଷାର୍ଥରେ ପ୍ରୀତ ହୋଇ ପ୍ରଭୁ ସଗୁଣ, ସାକାର ହୋଇ ଦର୍ଶନ ଦେଇଥାଆନ୍ତି। ଯେଉଁଠାରେ ଆତୁରତା, ବ୍ୟାକୁଳତା ତଥା ଆମନ୍ତ୍ରଣ ଥାଏ, ସେହିଠାରେ ପ୍ରଭୁ ଆବିର୍ଭୂତ ହୁଅନ୍ତି। ଏ ସମ୍ପର୍କରେ ପଢ଼ିଥିବା ପ୍ରାସଙ୍ଗିକ କାହାଣୀଟିଏ ଏଠାରେ ଉଲ୍ଲେଖ କରୁଛି।

ସେ ବ୍ୟକ୍ତି ଜଣକ ଥିଲେ ଅତ୍ୟନ୍ତ ବୁଦ୍ଧିମାନ ଏବଂ ସ୍ୱଭାବରେ ଗପୁଡ଼ି। ଯେକୌଣସି ବିଷୟରେ ଘଣ୍ଟା ଘଣ୍ଟା ଧରି ଗପି ପାରୁଥିଲେ ସେ। ସେଦିନ ସକାଳୁ ସକାଳୁ ସେ ଯାଇଥିଲେ ତାଙ୍କ ଘରପାଖ ବଜାରରେ ଥିବା ଏକ ସେଲୁନ୍‌କୁ ନିଜର ବାଳ ଓ ଦାଢ଼ି କାଟିବା ପାଇଁ। ଯୋଗକୁ ସେଲୁନ୍‌ରେ ସେଦିନ ଆଦୌ ଭିଡ଼ ନଥିଲା। ବାରିକ ଜଣକ ତାଙ୍କର ବାଳ କାଟୁକାଟୁ ତାଙ୍କ ସହ ଗପ ଯୋଡ଼ି ଦେଇଥିଲା। ଏହିପରି ଏଣୁତେଣୁ ଗପୁଗପୁ ବାରିକ ତାଙ୍କୁ ପଚାରିଦେଲା, 'ଆଚ୍ଛା ଈଶ୍ୱର କ'ଣ ସତରେ ଅଛନ୍ତି ?' ବାରିକର ଏପ୍ରକାର ପ୍ରଶ୍ନର କି ଉତ୍ତର ଦେବେ ହଠାତ୍ କିଛି ଠିକ୍ କରିପାରିଲେ ନାହିଁ ବ୍ୟକ୍ତିଜଣକ। କିଛି ସମୟ ପାଇଁ ନୀରବ ରହିବା ପରେ ସେ କହିଲେ, "ଏ ସମଗ୍ର ସୃଷ୍ଟି ତ ହେଉଛି ଈଶ୍ୱରଙ୍କର। ଈଶ୍ୱରଙ୍କ ସତ୍ତାତ ସବୁ କ୍ଷେତ୍ରରେ ସବୁ ସ୍ତରରେ ଉପଲବ୍ଧ। ଏହା ସତ୍ତ୍ୱେ ଈଶ୍ୱରଙ୍କ ସତ୍ତାକୁ ନେଇ ତୁମ ମନରେ କାହିଁକି ଏତେ ସନ୍ଦେହ ତା'ର କାରଣ ତ ମୁଁ କିଛି ବୁଝି ପାରୁନାହିଁ।" ଏ ପ୍ରକାରର ଉତ୍ତରରେ ବାରିକ ଜଣକ ଟିକିଏ ଉତ୍ୟକ୍ତ ହୋଇପଡ଼ି କହିଲା, "ଆପଣଙ୍କ ବକ୍ତବ୍ୟରେ ଯଦି ସତ୍ୟତା ଥାଏ, ତେବେ ମୋତେ ଦୟାପୂର୍ବକ ବୁଝାଇଦେବେ କି ଯଦି ପ୍ରକୃତରେ ଈଶ୍ୱର ଅଛନ୍ତି ତେବେ ଏତେ ଲୋକ ଏତେ ଦାରିଦ୍ର୍ୟ, ଅନାହାର, ଅନାଟନ ଓ ଦୁଃଖରେ କାହିଁକି ଅଛନ୍ତି ? ଏମାନଙ୍କର ଦୁଃଖ କ'ଣ ଈଶ୍ୱରଙ୍କ ଆଖିରେ ପଡୁନାହିଁ ? ତେଣୁ ମୁଁ କହିବି ଈଶ୍ୱର ନାହାନ୍ତି।" ବାରିକର ଏ ପ୍ରକାର ପ୍ରଶ୍ନର କୌଣସି ଉତ୍ତର ଦେଇ ନ ପାରି ଏଥର ଚୁପ୍ ରହିଲେ ବ୍ୟକ୍ତି ଜଣକ। ଇତିମଧ୍ୟରେ ତାଙ୍କର ବାଳ ଓ ଦାଢ଼ୀ କଟା କାର୍ଯ୍ୟ ସରି ଯାଇଥିଲା। ତହୁଁ ସେ ବାରିକକୁ ତା'ର ଦେୟ ପ୍ରଦାନ କରି ବାହାରି ଆସିଲେ ସେଲୁନ୍ ବାହାରକୁ। ସେଲୁନ୍ ବାହାରକୁ ବାହାରିବା ମାତ୍ରେ ତାଙ୍କର ଦୃଷ୍ଟି ପଡ଼ିଲା, ସଡ଼କ ଉପରେ ଠିଆ ହୋଇଥିବା ଜଣେ ବୃଦ୍ଧ ବ୍ୟକ୍ତିଙ୍କ ଉପରେ। ସେଇ ବୃଦ୍ଧଙ୍କର ମୁଣ୍ଡବାଳଗୁଡ଼ିକ କାନ୍ଧ ତଳକୁ ଲମ୍ବି ଆସିଥିବା ବେଳେ ଦାଢ଼ୀଗୁଡ଼ିକ ଛାତିତଳ ପର୍ଯ୍ୟନ୍ତ ଲମ୍ବିଥିଲା। ଲାଗୁଥିଲା, ଅନେକ ବର୍ଷ ଧରି ବୃଦ୍ଧ ଜଣକ ଯେପରି ନିଜର ବାଳ ଓ ଦାଢ଼ୀ କାଟି ନାହାନ୍ତି। ସେଇ ବୃଦ୍ଧଙ୍କୁ ଦେଖିବା ପରେ ବ୍ୟକ୍ତି ଜଣକ ଆଉଥରେ ଫେରିଲେ ସେଲୁନ୍‌କୁ ଏବଂ ଅଳ୍ପ ସମୟ ପୂର୍ବରୁ ତାଙ୍କୁ ଖିଅର କରିଥିବା ବାରିକକୁ ପଚାରିଲେ, "ଆଚ୍ଛା, ଆଜିକାଲି କ'ଣ ଏ ସହରରେ ବାରିକମାନେ ନାହାନ୍ତି କି ?" ଏ ପ୍ରକାର ପ୍ରଶ୍ନରେ ଆଶ୍ଚର୍ଯ୍ୟ ପ୍ରକଟ କଲା ବାରିକ ଜଣକ। "ମୁଁ ପରା ଜଣେ ବାରିକ। ଏଇ ଅଳ୍ପ ସମୟ ପୂର୍ବରୁ ଆପଣଙ୍କୁ ଖିଅର କଲି। ଆଉ ଆପଣ କ'ଣ ମୋତେ ପଚାରୁଛନ୍ତି ସହରରେ ବାରିକ ନାହାନ୍ତି ବୋଲି," କହିଲା ବାରିକ। ତହୁଁ ରାସ୍ତା ଉପରେ ଠିଆ ହୋଇଥିବା ବୃଦ୍ଧଙ୍କୁ ଦେଖାଇ ବ୍ୟକ୍ତି ଜଣକ କହିଲେ, "ତେବେ ଏ ବୃଦ୍ଧଙ୍କର କାହିଁକି ଏତେ ବାଳ ଓ ଦାଢ଼ୀ ?" "ଆରେ ସେ ବାରିକ ପାଖକୁ ଆସିଲେ ସିନା ବାରିକ ତାଙ୍କର ବାଳ ଓ ଦାଢ଼ୀ କାଟିବ। ଆଉ ଯଦି ସେ ନ ଆସନ୍ତି ସେଥିରେ ବାରିକର ଦୋଷ କ'ଣ ?" କହିଲା ବାରିକ। ଏଥର ବ୍ୟକ୍ତି ଜଣକ କହିଲେ, "ତୁମେ ଠିକ୍ କହିଛ। ଯେପରି ଜଣେ ବ୍ୟକ୍ତି ତୁମ ନିକଟକୁ ନ ଆସିଲେ ନିଜର ବାଳ ଓ ଦାଢ଼ୀ କାଟି ପାରିବ ନାହିଁ, ଠିକ୍ ସେହିପରି ଜଣେ ବ୍ୟକ୍ତି ଈଶ୍ୱରଙ୍କର ଶରଣାପନ୍ନ ନହେଲେ ତାଙ୍କର ସତ୍ତା ଅନୁଭବ କରିପାରିବ ନାହିଁ କିମ୍ବା ତାଙ୍କର ଅନୁଗ୍ରହ ମଧ୍ୟ ଲାଭ କରିପାରିବ ନାହିଁ।" ଏକଥା ଶୁଣି ବାରିକ ଲଜ୍ଜିତ ହେଲା ଏବଂ କହିଲା, "ନା ନା ଈଶ୍ୱର ଅଛନ୍ତି।"

ଈଶ୍ୱରଙ୍କୁ ଇଂରାଜୀରେ ଗଡ୍ (GOD) କୁହାଯାଏ, ଅର୍ଥାତ୍ "G"ରୁ Generation (ସ୍ଥାପନା) "O"ରୁ Operation (ପାଳନା) ଓ "D"ରୁ Destruction (ବିନାଶ) ଏହିପରି ତିନୋଟି ବିଶେଷ କର୍ତ୍ତବ୍ୟ ମାଧ୍ୟମରେ ଏ ସୃଷ୍ଟି ପ୍ରପଞ୍ଚର ସମସ୍ତ କାର୍ଯ୍ୟ 'କର୍ମ' ଆଧାରରେ ତୁଲେଇଥାଆନ୍ତି। ଭାଗବତରେ ଲେଖାହୋଇଛି– ***"ପୂର୍ବ ଅର୍ଜିତ କର୍ମ ଫଳେ। ଯାଚି ମୁଁ ଦେଉଥାଇ ବଳେ ।।"***

ଆମ ଜୀବନରୂପକ ପ୍ରୟୋଗଶାଳାରେ ପ୍ରତ୍ୟେକ ଦିନ କିଛି କିଛି ସମୟ ଈଶ୍ୱରଙ୍କ ଅନୁସନ୍ଧାନରେ ଯଦି ବିନିଯୋଗ କରିପାରିବା, ସେହି ମହାଜାଗତିକ ଚେତନ ଶକ୍ତି ସହ ନିଶ୍ଚୟ ଦିନେ ନା ଦିନେ ଆମର ଭେଟ ହେବ।

**ଡ. ପ୍ରତିଭା ମହାରଥୀ**
*ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର, ମୋ-୯୪୩୭୦୩୬୮୦୯*

# ଇତିହାସ ରଚିଲା ଭାରତ





**ମା**ନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାର୍ ଆଜି ଆଉ ଜାତୀୟ ନେତା ହୋଇନାହାନ୍ତି, ଆମେରିକା, ଋଷିଆ, ଚୀନ, ଫ୍ରାନସ୍ ଭଳି ବିକାଶଶୀଳ ରାଷ୍ଟ୍ରମାନଙ୍କୁ ପଛରେ ପକାଇ ଆଜି ବିଶ୍ୱରେ ଏକ ନମ୍ବର ନେତା ହୋଇପାରିଛନ୍ତି। ଏହା ବିଶ୍ୱ ସ୍ୱୀକୃତି ଦେଇଛି। ଆମେରିକା, ଚୀନ, ଋଷିଆ ମାନିଛନ୍ତି। ଟୀକାକରଣ କ୍ଷେତ୍ରରେ ଆଜି ବିଶ୍ୱରେ ଆଉ ଏକ ମାଇଲ ଖୁଂଟ ସ୍ଥାପନ କରିଛି, ଯାହାକି ଆମେରିକା, ଚୀନ, ଋଷିଆ, ଫ୍ରାନସ୍ ଭଳି ବିକାଶଶୀଳ ରାଷ୍ଟ୍ରମାନେ କରିପାରିନାହାଁନ୍ତି। ଭାରତ ଆଜି କରି ଦେଖାଇଛି। ଧ୍ୱଂସମୂଳକ କାର୍ଯ୍ୟରେ ନୁହେଁ ଗଠନମୂଳକ କାର୍ଯ୍ୟରେ ଭାରତ କରି ଦେଖାଇଛି। ସମଗ୍ର ବିଶ୍ୱରେ ଅନ୍ୟ ରାଷ୍ଟ୍ରମାନଙ୍କ ପାଇଁ ଉଦାହରଣ ସାଜିଛି। ଜାତିସଂଘ ମଧ୍ୟ ସ୍ୱୀକୃତି ପ୍ରଦାନ କରିଛି। 'WHO'ର ମୁଖ୍ୟ ଆଜି ସକାଳୁ ସକାଳୁ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କୁ ଏହି ଖୁସିରେ ବଧାଇ ଜଣାଇଛନ୍ତି, ତା' ସଙ୍ଗେ ସଙ୍ଗେ ଅନ୍ୟ ରାଷ୍ଟ୍ରମାନଙ୍କୁ ପରାମର୍ଶ ଦେଇଛନ୍ତି, ଭାରତକୁ ଅନୁସରଣ କରିବା ପାଇଁ। କରୋନା ଭଳି ମହାମାରୀକୁ ନିୟନ୍ତ୍ରଣ କରିବାରେ ଭାରତ ଯେଉଁସବୁ ପଦକ୍ଷେପ ଆଜିଯାଏଁ ନେଇଆସିଛି ତାହା ଆଜିଯାଏଁ ଅନ୍ୟକୌଣସି ରାଷ୍ଟ୍ର ନେଇନାହିଁ, କି ସଫଳତା ବି ପାଇନାହିଁ। ଭାରତ ପ୍ରଥମ କରି ଏଇସବୁ ଆପଣେଇ ନିଜସ୍ୱ ଜ୍ଞାନକୌଶଳ ସଫଳତା ସାଉଁଟି ସାରା ବିଶ୍ୱ ପାଇଁ ଉଦାହରଣ ପାଲଟିଛି। ଏବେ ଆଉ ଏକ ଯୁଗାନ୍ତକାରୀ, ପଦକ୍ଷେପ। ଟୀକାକରଣ କ୍ଷେତ୍ରରେ ୧୦୦ କୋଟି ଟପିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲେ ମଧ୍ୟ ଏହା ସତ। ଏହା ଆଗରୁ ସମସ୍ତ ରାଜ୍ୟକୁ ମାଗଣାରେ ଟୀକା ଯୋଗାଇ, ପ୍ରଶଂସା ସାଉଁଟିଥିଲେ କେନ୍ଦ୍ର ସରକାର। ସମସ୍ତ ଡାକ୍ତର, ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମାନ୍ୟବର ପ୍ରଧାନମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ। ସବୁଆଡୁ ଶୁଭେଚ୍ଛାର ସୁଅ ଛୁଟି ଚାଲିଛି। ଅନ୍ୟସବୁ ରାଷ୍ଟ୍ରମାନେ ଭାରତ ଆଗରେ ମୁଣ୍ଡ ନୁଆଁଇଛନ୍ତି। ଭାରତ ବିପଦରେ ଅନ୍ୟ ବିଦେଶୀ ରାଷ୍ଟ୍ରମାନଙ୍କୁ ମଧ୍ୟ ଟୀକା ଯୋଗାଇ ଆସିଛି। କିନ୍ତୁ କିଛି ନ୍ୟସ୍ତସ୍ୱାର୍ଥ ରାଷ୍ଟ୍ର ଏଥିରେ କ୍ରୋଧାନ୍ୱିତ ହୋଇ ଆତଙ୍କବାଦକୁ ପ୍ରୋତ୍ସାହନ ଦେଇ ଭାରତରେ ଆତଙ୍କ ଖେଳାଇବାକୁ ଚେଷ୍ଟା କରୁଛନ୍ତି। ଜାତିସଂଘ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଭାରତର ଏପରି କାର୍ଯ୍ୟରେ ସନ୍ତୋଷ ପ୍ରକାଶ କରି ସାଧୁବାଦ ଜଣାଇଛନ୍ତି। ଭାରତରେ ଅନ୍ୟରାଷ୍ଟ୍ର, (ବିଦେଶୀ)ମାନଙ୍କ ଅପେକ୍ଷା କରୋନା ସଂକ୍ରମିତ ସଂଖ୍ୟା କମ୍, ମୃତ୍ୟୁ ବି କମ୍। କାରଣ କରୋନା ପରିଚାଳନା କ୍ଷେତ୍ରରେ ନିୟନ୍ତ୍ରଣ କରିବା କ୍ଷେତ୍ରରେ ନିଜସ୍ୱ ଜ୍ଞାନକୌଶଳ ପ୍ରୟୋଗ ସହ କଠୋରରୁ କଠୋରତମ ଭାବେ କରୋନା ନିୟମ ପାଳନ କରିଆସୁଛି। ଏପରିକି ଅନ୍ୟ ବିଦେଶର ରାଷ୍ଟ୍ରମାନେ ଭାରତର ଏହି ନୀତିକୁ ଆପଣେଇ ସଫଳତା ଲାଭ କରିଛନ୍ତି। ଏଣୁ ଭାରତରେ ଟୀକା ପ୍ରସ୍ତୁତି, ବଂଟନ, ଟୀକାକରଣ ଏସବୁ ପ୍ରଶଂସନୀୟ ଏବଂ ଉଦାହରଣ ପାଲଟିଛି। ଆଜି ସମଗ୍ର ବିଶ୍ୱରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି ଭାରତ। ମାତ୍ର ୯ ମାସରେ ଭାରତ ୧୦୦କୋଟି ଟୀକାକରଣ କରିବାଟା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବିଶ୍ୱାସ ନ ହୋଇପାରିଲା ଭଳି ଲାଗୁଥିଲେ ମଧ୍ୟ ବିଶ୍ୱସନୀୟ ଏବଂ ସତ୍ୟ। ଏତେ ସ୍ୱଳ୍ପ ସମୟ ମଧ୍ୟରେ ଟୀକା ପ୍ରସ୍ତୁତି ଓ ଟୀକାକରଣ ଏବଂ ଡକ୍ଟର ତଥା ସ୍ୱାସ୍ଥ୍ୟକର୍ମୀମାନଙ୍କର ସହନଶୀଳତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ଆଜି ଏହି ଖୁସି ରାମମନୋହର ଲୋହିଆ ହସପିଟାଲ, ଦିଲ୍ଲୀରେ ଏ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଯେଉଁଥିରେ ମାନ୍ୟବର ପ୍ରଧାନମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। 'WHO'ର ପ୍ରତିନିଧି ମଧ୍ୟ ଖୁସିରେ ଏହ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି, WHO ମୁଖ୍ୟ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କୁ ଫୋନ୍ ଯୋଗେ ଜଣାଇଛନ୍ତି। WHO ମୁଖ୍ୟ ପୁନର୍ବାର ଅନ୍ୟ ସମସ୍ତ ରାଷ୍ଟ୍ରମୁଖ୍ୟଙ୍କୁ ଚେତାବନୀ ଦେଇଛନ୍ତି ଏହିପରି ଯୁଦ୍ଧକାଳୀନ ଭିତ୍ତିରେ ଟୀକାକରଣ କରିବାକୁ।

**ସୌଭାଗ୍ୟରଂଜନ ମହାନ୍ତି (ରାଜା)**, ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯




# ଜୈବିକ କୃଷିସାରର ସମନ୍ୱିତ ପରିଚାଳନା



ପ୍ରସ୍ତୁତି- ଡ଼ି ଶୁଭମ୍
ସଂଯୋଜକ, କୃଷି ଦୁନିଆ

ଭାରତବର୍ଷ ସାରା ବିଶ୍ୱର କୃଷି କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରିଛି, ମାତ୍ର ଏବର କୃଷିକ୍ଷେତ୍ରରେ ରାସାୟନିକ ସାରର ପ୍ରୟୋଗ ବହୁମାତ୍ରାରେ ବୃଦ୍ଧି ପାଇଅଛି । ଏହାହିଁ ଏକମାତ୍ର ବିକଳ୍ପ ରୂପେ ପରିଗଣିତ ହୋଇ ପାରିଛି । କିନ୍ତୁ ଜୈବିକ କୃଷି ସାରର ସମନ୍ୱିତ ପରିଚାଳନା କୃଷି କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଅଟେ ।

**ଜୈବିକ କୃଷିସାର କ'ଣ ?**

ଜୈବିକ କୃଷିସାର ଉପଯୋଗୀ କ୍ଷୁଦ୍ର ଅଣୁଜୀବମାନଙ୍କର ସଙ୍ଗଠିତ ସମାହାର ଯାହାର ପ୍ରୟୋଗ କୃଷି ଉତ୍ପାଦନରେ ବୃଦ୍ଧି ଆଣିବା ସହ ଫସଲର ପୁଷ୍ଟିକରମାନ ବଢ଼ାଇ ଥାଏ । ରାସାୟନିକ ସାରର ବିକଳ୍ପ ଭାବେ ଜୈବିକ କୃଷି ସାର ପ୍ରମୁଖ ଭୂମିକା ଗ୍ରହଣ କରିଅଛି । ମୁଖ୍ୟତଃ- କୃଷିଜମି ମୃତ୍ତିକା ଏବଂ ମିରେ ଏହାର ପରିଚାଳନା ହୁଏ । ଯେପରି କି ନାଇଟ୍ରୋଜେନ୍ ଫିକ୍ସିଙ୍ଗ ଅଣୁଜୀବ ଫସଲକୁ ସଠିକ୍ ପରିମାଣରେ ପହଞ୍ଚାଇ ଥାଆନ୍ତି । ଫସଫରସ ଦ୍ରବଣୀୟ ଅଣୁଜୀବ ଅଦ୍ରବଣୀୟ ଫସଫେଟକୁ ଦ୍ରବଣୀୟ କରି ଫସଲ ପାଖରେ ପହଞ୍ଚାଇ ଥାଏ । ଏତଦ୍ ଭିନ୍ନ ଏହିସବୁ ଅଣୁଜୀବ କମ୍ପୋଷ୍ଟରେ ସେଲ୍ୟୁଲୋଜର ବିଘଟନ ପ୍ରକ୍ରିୟାରେ ସାହାଯ୍ୟ କରିବା ସହ ଧାନ ଜମିରେ ଖତ ଭାବରେ ବ୍ୟବହୃତ ହୁଏ ।

**ବିଭିନ୍ନ ପ୍ରକାର ଜୈବିକ କୃଷିସାର :**

୧) ରାଇଜବିଆ, ଅଜୋଟୋବ୍ୟାକ୍ଟର, ଫସଫରସ୍ ଦ୍ରବଣୀୟ ବ୍ୟାକ୍ଟେରିଆ ଯଥା- ବାସିଲସ୍, ସ୍ୟୁଡୋମନାସୀ ସମନ୍ୱିତ ପରିଚାଳନା ।

୨) ବାୟୋମାସ୍ ଉତ୍ପାଦକ ଅଣୁଜୀବ ଯଥା- ଆଜୋଲା, ରାଇଜୋବିୟମ୍ ଓ ଆଜୋଟୋବ୍ୟାକ୍ଟର ।



ଡାଲି ଜାତୀୟ ଫସଲ : ବର୍ତ୍ତମାନ ଭାରତର ବିଭିନ୍ନ ଅନୁକୋଣରେ ଜୈବିକ ସାର ପ୍ରୟୋଗର ଭୂମିକା ବଢ଼ିବାରେ ଲାଗିଛି । ଡାଲିଜାତୀୟ ଫସଲ କ୍ଷେତ୍ରରେ ରାଇଜୋବିୟମର ପ୍ରୟୋଗ ଉତ୍ପାଦନ କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଏହାଛଡ଼ା ଆଜୋଟୋବ୍ୟାକ୍ଟର ମଧ୍ୟ ଫସଲ ବୃଦ୍ଧିର ପ୍ରମୁଖ୍ୟ ରହସ୍ୟ ।

**ଶୈବାଳର ଉପଯୋଗିତା :**

ଶୈବାଳ ମୁଖ୍ୟଭାବେ ଧାନ ଫସଲ କ୍ଷେତ୍ରରେ ଉପଯୋଗ କରାଯାଏ । କାରଣ ଶୈବାଳ ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ପରିମାଣ ବଢ଼ାଇ ଥାଏ । ଯାହା ଦ୍ୱାରା ନାଇଟ୍ରୋଜେନ୍ ଜନିତ ରାସାୟନିକ ସାରର ବିକଳ୍ପ ଭାବେ ଆମେ ଏହାକୁ ପ୍ରୟୋଗ କରିବା । ଏହା କରିବା ଦ୍ୱାରା ଉତ୍ପାଦନ ୧୦ ରୁ ୧୫ ଶତକଡ଼ା ଅଧିକ ହୋଇଥାଏ । (ଯଦିଓ ରାସାୟନିକ ସାର ବ୍ୟବହାର ନକରିବା) ଏକ ସର୍ଭେରୁ ଜଣା ଯାଇଛି ଏହି ଶୈବାଳ ୧୫ ରୁ ୩୫ କି.ଗ୍ରା ନାଇଟ୍ରୋଜେନ୍ / ହେକ୍ଟର ଯୋଗାଇଥାଏ ।

**ଫସ୍‌ଫରସ୍ ଦ୍ରବଣୀୟ ବ୍ୟାକ୍ଟେରିଆ:**

ବ୍ୟାକ୍ଟେରିଆ ଯଥା ବାସିଲସ୍ ଓ ବାସିଲସ୍ ଏବଂ କବକ ଯଥା ପେନସିଲିୟମ ଅଦ୍ରବଣୀୟ ଫସ୍‌ଫରସ୍‌କୁ ଦ୍ରବଣ କରି ଫସଲ ପାଖରେ ପହଞ୍ଚାଇବାର କ୍ଷମତା ଅଛି । ଯାହା ଦ୍ୱାରା ଫସଲକୁ ଫସଫରସର ଅଭାବ ପୂରଣ ହୋଇଯାଏ । ଏହା ବ୍ୟତୀତ କମ୍ପୋଷ୍ଟରେ ସେଲ୍ୟୁଲୋଜ୍ ବସ୍ତୁର ଦ୍ରୁତ ବିଘଟନ ପ୍ରକ୍ରିୟାରେ ମଧ୍ୟ ଏହା ସାହାଯ୍ୟ କରେ (୪-୧୬ ସପ୍ତାହ) ।

ଡାଲି ଜାତୀୟ ଫସଲରେ ନିମ୍ନୋକ୍ତ ବ୍ୟାକ୍ଟେରିଆର ପ୍ରୟୋଗ :
ଦିଲ୍ଲୀ- ୧୩%, କାନପୁର- ୩୮%, ବନାରସ- ୯୯%

**ଆଜୋଲା :**

ଆଜୋଲା ଏହିଭଳି ଏକ ଜଳଜାତୀୟ ଫର୍ଣ୍ଣ । ଏହା ମୁଖ୍ୟତଃ ଧାନ ଫସଲରେ ବ୍ୟବହୃତ ହୁଏ । ଆଜୋଲ, ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ଆନବେନା ସହ ମିଶି ଏକ ପ୍ରମୁଖ ଜୈବିକ ସାରର ଭୂମିକା ନିଭାଇଥାଏ । ଆଜୋଲା ଧାନ ଚାରାର ଧାଡ଼ି ଧାଡ଼ିରେ ମଧ୍ୟ ବଢ଼ାଯାଇପାରେ ଏବଂ ଏହାପରେ



ଏହାକୁ ନେଇ ପ୍ରୟୋଗ କରାଯାଏ । ବାୟୋମାସ୍ ଉତ୍ପାଦନ ପାଇଁ ଏହାକୁ ବ୍ୟବହାର କରାଯାଇଥାଏ । ଦ୍ରୁତ ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ଭାବେ ମଧ୍ୟ ଆଜୋଲା ପିନଟା ବ୍ୟବହୃତ ହୁଏ । ଏତଦ୍‌ଭିନ୍ନ ଆଜୋସ୍ପିରିଲମ୍ ମଧ୍ୟ ବ୍ୟବହାର କରାଯାଏ । ଏହି ସବୁ ବର୍ତ୍ତମାନ ସମୟରେ ଏକ ଯୁଗାନ୍ତକାରୀ ପଦକ୍ଷେପ । କୃଷି କ୍ଷେତ୍ରରେ ଏହାର ଉପଯୋଗ ଉତ୍ପାଦନରେ ଶତଗୁଣ ବୃଦ୍ଧି କରିବା ସହ ହାନିକାରକ ହୋଇ ନଥାଏ ।



# ନଡ଼ିଆ ଗଛରେ କାଳିମୁଣ୍ଡି ପୋକ ନିୟନ୍ତ୍ରଣ



ନଡ଼ିଆ ଏକ ଅର୍ଥକାରୀ ଫସଲ ଏବଂ ନଡ଼ିଆ ଗଛ ରେ ଲାଗୁଥିବା କୀଟ ମାନଙ୍କ ମଧ୍ୟରୁ କାଳିମୁଣ୍ଡି ପୋକ ଗଛ ପାଇଁ ବିଶେଷ କ୍ଷତିକାରକ । ଏହା ଏକ ପ୍ରଜାପତି ଜାତୀୟ କୀଟ ଏବଂ ଏହାର ଲାର୍ଭା ଅବସ୍ଥା ଗଛ କୁ ପହୁଞ୍ଚାଇଥାଏ । ଏହି ଲାର୍ଭା ର ମୁଣ୍ଡ କଳା ରଙ୍ଗ ର ହେଇଥିବାରୁ ଏହାକୁ କାଳିମୁଣ୍ଡି ପୋକ କୁହାଯାଏ । ଲାର୍ଭା ଟି ଦେଖିବାକୁ ଗାଢ଼ ଧୂସର ରଙ୍ଗର ଏବଂ ଅଣ୍ଡା ରୁ ବାହାରି ଏମାନେ ସବୁଜ ପତ୍ର କୁ ଖାଇଥାନ୍ତି । ପତ୍ର କୁ ଖାଇବା ସହ ଏମାନେ ପତ୍ରରେ ସୁଡଙ୍ଗ ତିଆରି କରନ୍ତି, ସେଥିରେ ଖାଇ ମଳତ୍ୟାଗ କରନ୍ତି ଯାହା ଫଳ ରେ ପତ୍ର ର କେବଳ ମୁଖ୍ୟ ଶିରା ରହିଯାଏ କ୍ଷ ଦୂରରୁ ଦେଖିଲେ ନଡ଼ିଆ ବଗିଚ଼ା ପୋଡିଗଲା ପରି ଦେଖାଯାଏ ।

ପରିଚ଼ାଳନା:

- ଖରା ଦିନ ଆରମ୍ଭ ହେବ ପୂର୍ବରୁ ପୋକ ଦ୍ୱାରା କ୍ଷତ ପତ୍ର ଗୁଡିକୁ କାଟି ପୋଡିଦେବା ଉଚ଼ିତ ।

କ୍ଷ ଗଛ ଟି ଛୋଟ ଅବସ୍ଥା ରେ ଥିଲାବେଳେ ୪ ଲିଟର ପାଣିରେ ଡାଇକ୍ଲୋରୋଭସ୍ ୧ ମିଲି ଲିଟର ମିଶାଇ ଅକ୍ରାନ୍ତିତ ଗଛର ପତ୍ରରେ ସିଞ୍ଚନ କରିବା ଦ୍ୱାରା ହେଉଥିବା କ୍ଷତି କମ କରାଯାଇପାରିବ ।

- ବ୍ରାକନ ବ୍ରେଭିକରନିଶ ନାମକ ଭଅଁର ଜାତୀୟ ଶତ୍ରୁ ପୋକକୁ ନଡିଆ ଫସଲରେ ୭ରୁ ୧୦ ଦିନ ବ୍ୟବଧାନରେ ୩ ରୁ ୪ ଥର ପ୍ରୟୋଗ କରାଯାଏ । ଏହି ଶତ୍ରୁ ପୋକଟି କାଳିମୁଣ୍ଡି ଲାର୍ଭା ଦେହ ଭିତରେ ଅଣ୍ଡା ଦିଏ । ଅଣ୍ଡାରୁ ଛୁଆ ବାହାରି ଏହାକୁ ପୋକକୁ ଖାଇ ଦିଅନ୍ତି । ଯାହା ଫଳରେ କାଳିମୁଣ୍ଡି ପୋକର ବଂଶ ଲୋପପାଏ ଏବଂ ନଡିଆ ଗଛ ଗୁଡିକ କାଳିମୁଣ୍ଡି ପୋକର ଆକ୍ରମଣରୁ ରକ୍ଷା ପାଏ ।

ରୁଦ୍ର ପ୍ରତାପ ସୁବୁଦ୍ଧି
ସହକାରୀ ପ୍ରାଧ୍ୟାପକ,
ମିଟସ୍ , ରାୟଗଡ଼ା

# କୃଷି ପର୍ଯ୍ୟଟନ



ଅନିଲ କୁମାର ମିଶ୍ର

କୃଷି ପର୍ଯ୍ୟଟନ କୃଷି ଭିତିକ କର୍ଯ୍ୟକଳାପ ସହ ଜଡିତ ଯାହା ପରିଦର୍ଶକ ମାନଙ୍କୁ ଆକୃଷ୍ଟ କରିବା ସହିତ ଚ଼ାଷ ଜମି ର ସୌନ୍ଦର୍ଯ୍ୟ ଏବଂ ଚ଼ାଷୀ ବିଷୟରେ ଜାଣିବାର ସୁଯୋଗ ସୃଷ୍ଟି କରିଥାଏ । ଲୋକମାନେ ବର୍ତମାନ ଖାଦ୍ୟ କିପରି ଉତ୍ପାଦିତ ହୁଏ , କିପରି ପ୍ରକ୍ରିୟାକରଣ ହୁଏ ଏବଂ କିପରି ବିଭିନ୍ନ ବଜାର ରେ ପହଞ୍ଚ ? , ସେ ବିଷୟରେ ଜାଣିବା ପାଇ ଇଚ଼୍ଛା ପ୍ରକାଶ କରୁଛନ୍ତି । ଆମ ଓଡିଶା ସାରା ଭାରତରେ ଉଭୟ



ଘରୋଇ ଏବଂ ବିଦେଶୀ ନାଗରିକ ଙ୍କ ପାଇଁ ଏକ ଲୋକପ୍ରିୟ କୃଷି ପର୍ଯ୍ୟଟନ ର ଗନ୍ତବ୍ୟସ୍ଥଳ ।

କୃଷି ପର୍ଯ୍ୟଟନ ମାଧ୍ୟମରେ ଓଡିଶା ରେ କୃଷକ ମାନଙ୍କ ଜୀବନଶୈଳୀ, ଆମର ସଂସ୍କୃତି ଏବଂ ପାରମ୍ପାରିକ ପ୍ରଥମିକତା ବିଷୟରେ ପର୍ଯ୍ୟଟକ ମାନେ ଅବଗତ ହୋଇପାରିବେ ଏହା ଛଡା ସ୍ଥାନୀୟ କୃଷି ଜାତୀୟ ଦ୍ରବ୍ୟ ଏବଂ ବିଭିନ୍ନ କୃଷି ପ୍ରକ୍ରିୟା ସହ ସିଧାସଳଖ ଯୋଡି ହୋଇପାରିବେ । ଦେଶ ର ସବୁଠାରୁ ଅଧିକ ଧାନ ଉତ୍ପାଦନ କରୁଥିବା ରାଜ୍ୟ ମଧ୍ୟରୁ ଓଡିଶା ଅନ୍ୟତମ । ଓଡିଶା ର ଧାନ ଉତ୍ପାଦନ ଦେଶ ର ମୋଟ ଚ଼ାଉଳ ଉତ୍ପାଦନ ର ଏକ ଦଶମାଂଶ ଅଟେ । ଆମ ରାଜ୍ୟ ରେ ଚ଼ାଷୀ ଙ୍କ ଦ୍ୱାରା ଚ଼ାଷ କରାଯାଉଥିବା ମୁଖ୍ୟ ଫସଲ ଗୁଡିକ ହେଉଛି ଧାନ, ଝୋଟ, ବିଭିନ୍ନ ତୈଳଜାତୀୟ ଫସଲ, ଡାଲି ଜାତୀୟ, ମକା, ଆଖୁ, ଚ଼ା, କପା, ରବର, ମାଣ୍ଡିଆ, ରାଗି, ଆଳୁ, ବିଭିନ୍ନ ଫଳ ଏବଂ ପଣି ପନିପରିବା ଇତ୍ୟାଦି । ଓଡିଶା ରେ ବିଭିନ୍ନ ଋତୁ ରେ ବିଭିନ୍ନ ଫସଲ ଚ଼ାଷ କରାଯାଇଥାଏ । ଏହା ସହିତ ଉପକୂଳବର୍ତ୍ତୀ ଜିଲ୍ଲା ମାନଙ୍କ ରେ ବିଭିନ୍ନ ପ୍ରଜାତି ର ମାଛ ,ଚ଼ିଙ୍ଗୁଡି ଏବଂ କଙ୍କଡା ଚ଼ାଷ କରାଯାଇଥାଏ । ପଶୁପାଳନ ଏବଂ କ୍ଷୀର ଉତ୍ପାଦନ ରେ ମଧ୍ୟ ଓଡିଶା ବହୁତ ଆଗରେ ।

କୃଷି ପର୍ଯ୍ୟଟନ ମାଧ୍ୟମରେ ପରିଦର୍ଶକ ମାନେ ଶସ୍ୟ ପର୍ଯ୍ୟଟନ , ପନିପରିବା ପର୍ଯ୍ୟଟନ , ଫଳ ପର୍ଯ୍ୟଟନ , ପଶୁପାଳନ ପର୍ଯ୍ୟଟନ ଏବଂ ମଛାଚ଼ାଷ ପର୍ଯ୍ୟଟନ ସ୍ଥଳ ବୁଲି ଦେଖି ପାରିବେ । କୃଷି ପର୍ଯ୍ୟଟନ କୃଷି , କୃଷକ , ଜନସାଧାରଣ ଏବଂ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ଲାଭବାନ ସୂତ୍ର ।

❖ ଚ଼ାଷୀ ମାନେ ପ୍ରତ୍ୟକ୍ଷ ଭାବେ ନିଜ ଉତ୍ପାଦନ ର ବିପଣନ କରିପାରିବେ । କୃଷି ପର୍ଯ୍ୟଟନ ଚ଼ାଷୀ ଙ୍କୁ ମୂଲ୍ୟ ନିର୍ବାହକାରୀ ପରିବର୍ତ୍ତ ? ମୂଲ୍ୟ ନିର୍ମାତା ଭାବରେ ରୂପାନ୍ତର କରିପାରିବ ।

❖ କୃଷି ପର୍ଯ୍ୟଟନ କୃଷକ ପାଇଁ ଆୟର ଏକ ଅତିରିକ୍ତ ସହାୟକ ସ୍ରୋତ ହୋଇପାରିବ ଏବଂ ସେଇ ପୂର୍ବ ଜମି ଆଧାର ରେ ଚ଼ାଷୀ ଅଧିକ ଲାଭବାନ ହୋଇପାରିବ ।

❖ କୃଷି ପର୍ଯ୍ୟଟନ ସ୍ଥଳ ପାଇଁ ଆକର୍ଷିତ ହୋଇଥିବା ପରିଦର୍ଶକ ମାନେ ପୁରୁଣା କୃଷି ଦ୍ରବ୍ୟ କିଣିବା ପାଇଁ ମଧ୍ୟ ଆଗ୍ରହ ପ୍ରକାଶ କରିବେ ।

❖ ଫସଲ ଉତ୍ପାଦନ ସମୟ ଛଡା ମଧ୍ୟ ଟିକିଏ ଚ଼ତୁରତା ସହିତ ଚ଼ାଷୀ ବର୍ଷ ତମାମ ଅର୍ଥ ଉପାର୍ଜନ କରିପାରିବ ।

❖ ମୁଖ୍ୟତ କୃଷି ପର୍ଯ୍ୟଟନ ଦ୍ୱାରା କୃଷକ ଏବଂ ଗ୍ରାହକ ଙ୍କ ସହଭାଗୀତା କୁ ବୃଦ୍ଧି କରିବାରେ ସଫଳ ହୋଇପାରିବ ।

❖ ଏହା ମଧ୍ୟ ବିଦ୍ୟାଳୟ ରେ ପଢୁଥିବା ପିଲାମାନଙ୍କ ପାଇଁ ଏବଂ କୃଷି ଆଗ୍ରହୀ ଲୋକ ଙ୍କ ପାଇଁ ପ୍ରଶିକ୍ଷଣ ର ସୁଯୋଗ ସୃଷ୍ଟି କରିବା ସହିତ ପରିବାର ଅନୁକୂଳ ଗନ୍ତବ୍ୟସ୍ଥଳ ଖୋଜୁଥିବା ଲୋକ ମାନଙ୍କ ପାଇଁ ଏକ ମନୋରଞ୍ଜନ ର ମାଧ୍ୟମ ହୋଇପାରିବ, ଯେଉଁଠି ସେମାନେ ବ୍ୟସ୍ତ ବହୁଳ ଜୀବନ ରୁ ବାହାରି ଆସି ପ୍ରକୃତି, ଉଦ୍ଭିଦ, ଏବଂ ଘୋରୋଇ ପଶୁ ପକ୍ଷୀ ଙ୍କ ଗହଣ ରେ ସମୟ ଅତିବାହିତ କରିପାରିବେ ।

❖ କୃଷି ପର୍ଯ୍ୟଟନ କୃଷକ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ଉତ୍ତମ ସମ୍ପର୍କ ସୃଷ୍ଟି କରିବା ସହିତ ଛୋଟ ସମ୍ପ୍ରଦାୟର ଉନ୍ନତି ରେ ମଧ୍ୟ ଅଂଶଧର ହେବ ।

❖ ପର୍ଯ୍ୟଟନ ଦ୍ୱାରା ସ୍ଥାନୀୟ ଉତ୍ପାଦନ ଏବଂ ସେବା ଗୁଡିକର ବିକ୍ରୟ ରେ ବୃଦ୍ଧି ହେବ ସହ ସ୍ଥାନୀୟ ଅଞ୍ଚଳ ରେ ନିଯୁକ୍ତି ମଧ୍ୟ ସୃଷ୍ଟି କରିବ ।

❖ ପଡୋଶୀ କ୍ଷୁଦ୍ର ଚ଼ାଷୀ ଙ୍କ ପାଇଁ ଏହା ଏକ ମାର୍କେଟିଂ ଭେନ୍ୟୁ ରୂପରେ ମଧ୍ୟ ବ୍ୟବହାର କରାଯାଇ ପାରିବ ।

କୃଷି ପର୍ଯ୍ୟଟନ କୃଷି , କୃଷକ , ଜନସାଧାରଣ ଏବଂ ସ୍ଥାନୀୟ ସମ୍ପ୍ରଦାୟ ଙ୍କ ମଧ୍ୟରେ ଏକ ସମନ୍ୱୟ ସମ୍ପର୍କ ବଢାଇବାରେ ସକ୍ଷମ ହେବା ସହ କୃଷକ ଙ୍କୁ ଅଧିକ ଲାଭଦାୟକ କରିପାରିବ । ସରକାର ମଧ୍ୟ କୃଷି ପର୍ଯ୍ୟଟନ କୁ ଗୁରୁତ୍ୱ ଦେବା ସହ ଚ଼ାଷୀ ମାନଙ୍କୁ ଏହି ସୁଯୋଗ ବିଷୟରେ ଅବଗତ କରାଇଲେ କୃଷି ଏବଂ କୃଷକ ର ଉନ୍ନତି ହୋଇପାରିବ ।

କୃଷି ବିଶେଷଜ୍ଞ, ଭୁବନେଶ୍ୱର

# କ୍ଷାରଜଳ ଜାଲଘର ମାଛ

ଅର୍ଦ୍ଧେନ୍ଦୁ ଶେଖର ମହାନ୍ତି

ବର୍ତ୍ତମାନ ଭାରତରେ ସାମୁଦ୍ରିକ ମତ୍ସ୍ୟକୃଷି ନୀଳ ବିପ୍ଳବର ଏକ ନୂତନ ପଦକ୍ଷେପ । ଏହା ଲକ୍ଷ୍ୟ କରାଯାଇଛି ଯେ ବିଗତ ଦଶଦଶନ୍ଧି ମଧ୍ୟରେ ଲୋକମାନଙ୍କର ସ୍ୱାସ୍ଥ୍ୟକର ପୋଷଣ ଏବଂ ବୈଦେଶିକ ମୁଦ୍ରା ପାଇଁ ମାଛ ପ୍ରତି ଆଦର ଯୋଗୁଁ ସାମୁଦ୍ରିକନ୍ ମାଛର ଘରୋଇ ଚାହିଦା ଅହେତୁକ ଭାବେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଯାହା ଫଳରେ ସାମୁଦ୍ରିକ ମାଛର ଜୋର ମୂଲ୍ୟ ମଧ ବିଶେଷ ଭାବରେ ବୃଦ୍ଧି ପାଉଛି । କିନ୍ତୁ ସ୍ଥଳ ଭାଗର ଭୂମିଖନନ ଏବଂ ବହୁଳ ବ୍ୟବହାରର ସମସ୍ୟା, ତତସହିତ ପାରିପାର୍ଶ୍ୱିକ ପରିବେଶ ପ୍ରଦୂଷଣର ସମସ୍ୟା ଯୋଗୁଁ ଉପକୂଳବର୍ତ୍ତୀ ସାମୁଦ୍ରିକ ମତ୍ସ୍ୟକୃଷିର ସମ୍ପ୍ରସାରଣ ଓ ଉନ୍ନୟନ ବର୍ତ୍ତମାନ ଏକ କାଠିକର ବ୍ୟାପାର ହୋଇ ପଡ଼ିଛି । ଏଣୁ ଏ ସବୁର ସମାଧାନ ନିମନ୍ତେ ଲୋକମାନଙ୍କ ମନରେ 'ସମୁଦ୍ରାଭିମୁଖୀ' ବା 'ସମୁଦ୍ର ମୁହାଁ' ନାମକ ଏକ ଚିନ୍ତାଧାରା ଜାଗ୍ରତ ହେବା ସଙ୍ଗେ ସଙ୍ଗେ ଏହା କ୍ଷୀପ୍ର ଗତିରେ ଅଗ୍ରସର ହେଉଛି, ବିଶେଷ କରି ସାମୁଦ୍ରିକ ମତ୍ସ୍ୟପାଳନ ନିମେନ୍ତ ।



**କ୍ଷାରଜଳ ଜାଲଘର ମାଛଚାଷର ଉପକାରିତା :**

୧) ପ୍ରାୟତଃ ସର୍ବାଧିକ ପ୍ରକାର ଜଳଉତ୍ସର ସମ୍ପୂର୍ଣ୍ଣ ବିନିଯୋଗ ଯେପରିକି ମୁକ୍ତ ସମୁଦ୍ର, ମୁହାଣ, ବୃହତଜଳାଶୟ, ନଦୀ, ହ୍ରଦ ଏବଂ କ୍ଷାରଜଳ ଉତ୍ସ ଇତ୍ୟାଦି ।

୨) ଗରିବ ଏବଂ ଜମିହୀନ କୃଷକ ପାଇଁ ଏହା ଏକ ଉତ୍କୃଷ୍ଟ ମାଧ୍ୟମ, କାରଣ ଏଥିପାଇଁ ଜମି କିମ୍ବା ଉତ୍ସର ଅଧିକାର ଆବଶ୍ୟକତା ନାହିଁ ।



୩) ଅନ୍ୟ ମତ୍ସ୍ୟକୃଷି ଅପେକ୍ଷା ଜାଲଘର ମାଛଚାଷରେ ମାଛ ମାନଙ୍କର ବୃଦ୍ଧି ଅପେକ୍ଷାକୃତ ଅଧିକ ହୋଇଥାଏ ।

୪) ପୋଖରୀ, ଗାଡ଼ିଆ ପରି ମାନନ୍ଧ ଜଳାଶୟ ଅପେକ୍ଷା ଜାଲଘର ମାଛ ଚାଷରେ ୧୦-୧୨ ଗୁଣା ଅଧିକ ଉତ୍ପାଦନ ହୋଇଥାଏ ।

୫) ସମସ୍ତ ପରିଚାଳନା ଅତି ସହଜ ହୋଇଥାଏ । ଯଥା- ଖାଦ୍ୟଦେବା, ଯତ୍ନ ନେବା ଏବଂ ତଦାରଖ କରିବା ଇତ୍ୟାଦି ।

୬) ବର୍ଷରେ ସର୍ବାଧିକ ଥର ଉତ୍ପାଦନ କରିହେବା ଭଳି ଏକ ସୀମିତ ସମୟ ମାଛଚାଷ ।

୭) ବନ୍ୟା ଜନିତ କ୍ଷତିର ସର୍ବନାଶ ଭୟ ।

୮) କୌଣସି ପ୍ରକାର ଜଳସ୍ତର ହ୍ରାସର ପ୍ରଶ୍ନ ନାହିଁ ।

୯) କୌଣସି ପ୍ରକାର ଭୂମି ଖଳନ କିମ୍ବା ମାଟି ସମ୍ବନ୍ଧୀୟ ତଦାରଖର ଆବଶ୍ୟକତା ନାହିଁ ।

୧୦) ଜଳ ପରିବର୍ତ୍ତନର ଆବଶ୍ୟକତା ନାହିଁ ।

୧୧) ଯେହେତୁ ଅନ୍ୟ କୃଷିକାର୍ଯ୍ୟ ଠାରୁ ଏହାର ସ୍ଥାନ ଦୂର ଏବଂ ସମ୍ପୂର୍ଣ୍ଣ ଭିନ୍ନ । ତେଣୁ ରାସାୟନିକ ପଦାର୍ଥର ପ୍ରଭାବ ଏହା ଉପରେ ନାହିଁ କହିଲେ ଚଳେ ।

୧୨) ଉପଯୁକ୍ତ ବଜାର ସ୍ଥାନ ଦେଖି ଏହାକୁ ପରିଚାଳନା କରିବା ସଙ୍ଗେ ସଙ୍ଗେ ଆମଦାନୀ ଓ ରପ୍ତାନୀର ଅସୁବିଧାକୁ ମଧ୍ୟ ଏଡ଼ାଇ ଦିଆଯାଇ ପାରିବ ।

୧୩) ଏଥିରେ ସହଜ ଏବଂ ସମ୍ପୂର୍ଣ୍ଣ ମାଛ ଉତ୍ପାଦନ ସମ୍ଭବ ।

୧୪) ଏଥିରେ ଦିଆଯାଉଥିବା ଖାଦ୍ୟର ସମ୍ପୂର୍ଣ୍ଣ ବିନିଯୋଗ ହୋଇଥାଏ ।

୧୫) ସବୁଠାରୁ ବଡ଼ କଥା ହେଲା ଏଥିରେ କମ୍ ଖର୍ଚ୍ଚରେ ସର୍ବାଧିକ ଲାଭ ହୋଇଥାଏ ।

(ରେମୁଣା , ବାଲେଶ୍ୱର,
ମୋ -୯୧୭୮୪୦୬୫୭)




# ମାଳିକା ବଚନରେ ଅଛି...



'ଆଗ ମରିବେ ସୂତ୍ରଧାରୀ, ମଧ୍ୟେ ମରିବେ ବଣିଜାରୀ, ଶେଷେ ମରିବେ କୃଷିକାରୀ।' ସୂତ୍ରଧାରୀଥିବା ବୃତ୍ତିଜିବୀ ବା ମନୁଷ୍ୟମାନେ, ଏଠାରେ ପ୍ରଥମେ ପଇତା ଦୀକ୍ଷିତ ବ୍ୟକ୍ତି, ସନ୍ନ୍ୟାସୀଙ୍କୁ ବୁଝାଉଛି। ତନ୍ତୀ, ନେଇ ବଞ୍ଚିବା ଦର୍ଶାଉଛି। ଅରଟରେ ସୂତା ଏମାନଙ୍କୁ ବୁଝାଉଛି। ଅରଟ ଚିହ୍ନ କଂଗ୍ରେସ ବଢ଼େଇମାନେ କାଠରେ ଦାଗ ଦେଇ କାଠ ଲୁହାଖଣ୍ଡରେ ଚକ ଖଡ଼ି ପେନସିଲର ସୂତାର ସୂତାର ଭୂଷଣରେ ପରିଚିତ ଥିବା ପକାଉଥିବା ବ୍ରାହ୍ମଣ, ଗ୍ରହବିପ୍ର, ତୁଳାଭିଣା, ସୂତା ବ୍ୟବସାୟୀଙ୍କୁ ସୂତା କାଟି ନଖି ବଳିତା ପ୍ରସ୍ତୁତକାରୀ ପାର୍ଟି ପତାକାରେ ଅଛି। ସେ ଦଳ କାଟନ୍ତି, ଧାତବ ଚାଦରରେ ବା ଦାଗ ଦେଇ ଗ୍ରାମ୍ୟ କମାର ଲୁହା ବା ଧାତୁଖଣ୍ଡକୁ ବିଚ୍ଛିନ୍ନ କରନ୍ତି। ଏମାନେ ବି ସୂତ୍ରଧର କୁମ୍ଭାର ହାଣ୍ଡି ମାଠିଆଦି ମାଟି ପିଣ୍ଡୁଳାକୁ ଚକ୍ରରେ ଘୁରାଇ ହାତକୌଶଳରେ ତାର ରୂପର ଉପରଭାଗ ପ୍ରସ୍ତୁତ କରି ଏକ ସୂତାରେ ଚକ୍ର ଉପର ମାଟିରୁ ବିଚ୍ଛିନ୍ନ କରନ୍ତି ଅତଏବ ଏବି ସୂତ୍ରଧର ଏମିତି କିଛି ସୂତ୍ରଧାରୀ ପ୍ରତ୍ୟକ୍ଷରେ ରହିଛନ୍ତି। ଭିନ୍ନ ସୂତ୍ରଧାରୀ ହେଲେ ଏକ ସମ୍ଭବନାକୁ ବୃତ୍ତି ରୂପେ ପସନ୍ଦ କରି ଜୀବିକା ଚଳାନ୍ତି। ଏ ମଧ୍ୟରେ ଓକିଲଙ୍କ ପରି ଆଇନଜୀବୀ, ବ୍ୟବହାରଜିବି, ମୋହରିର ମଧ୍ୟସ୍ଥି, ଦଲାଲ, ଖବରକାଗଜରେ ବୃତ୍ତି ଚଳାଉଥିବା ମାସିକ ପାକ୍ଷିକ ସପ୍ତାହି ପତ୍ରିକା ସମ୍ପାଦନକାରୀ ଜ୍ୟୋତିଷୀ, ଗାଡ଼ି ମାଲିକ ଡ୍ରାଇଭର, କଣ୍ଡକ୍ଟର, କ୍ଲିନର, ଗ୍ୟାରେଜ ଏ ସମ୍ବନ୍ଧ ବୃତ୍ତିରେ, ଜୀବିକାଧାରୀ, ଶିକ୍ଷା ଅନୁଷ୍ଠାନ, ଘରୋଇ ଶିକ୍ଷକ, ଏମଧ୍ୟରେ ଆସିବେ ଯେଉଁମାନେ ସୂକ୍ଷ୍ମ ସୂତ୍ରରେ ବଞ୍ଚୁଛନ୍ତି। ସଙ୍ଗୀତଜ୍ଞ ଅପେରା ପାର୍ଟିର ନଟନଟୀ ବାଜାଦାର, ଫିଲମ ଧନ୍ଦା, ନର୍ତ୍ତନ ବିଦ୍ୟାରେ ଜଡ଼ିତ ଏମାନେ ବି ସୂକ୍ଷ୍ମ ସୂତ୍ରଧର ଧନ୍ଦାରେ ଜୀବିକା ଚଳାନ୍ତି। ଏସବୁ ସୂତ୍ରଧାରୀ ଧନ୍ଦାରେ ଆସି ତାଙ୍କୁ ଆଗ ନାଶ ଦିଗକୁ ଭିଡ଼ିବ। ତନ୍ତୀଙ୍କର ସୂତା ନ ହେଲେ ବୃତ୍ତିନାହିଁ। କାଳକ୍ରମେ ବଡ଼ ବଡ଼ କାରଖାନାରେ ଲୁଗା ପ୍ରସ୍ତୁତ ହୋଇ ବଜାରକୁ ସୂତା ଛଡ଼ାଗଲା ନାହିଁ। ଶେଷରେ ସୂତାକଳ, ଲୁଗାକଳ ଚଟକଳ ପରି ସଂସ୍ଥାରେ ବୃତ୍ତି ଧରିବା ଲୋକେ କାରଖାନାର କଳ ବନ୍ଦ ଯୋଗୁ ବେକାର ହୋଇ ଗୃହାଭିମୁଖୀ ହେଲେ। ଏହି ସୂତ୍ରଧରଙ୍କ କାହାଣୀ ବହୁ ଦୁଃଖଦ। ବାଣିଜ୍ୟକାରୀମାନେ ଅନେକ ବଡ଼ରୁ ଅନେକ ଛୋଟ ଅଛନ୍ତି। ଛୋଟ ବଣିଜଙ୍କର ଆସ୍ଥା ବଡ଼ ବାଣିଜ୍ୟ ସଂସ୍ଥାରେ ଥାଏ। ଏ ପାଇଁ ପାଇକାରୀ ଖୁଚୁରା ଧନ୍ଦା ଥାଏ। ପଣ୍ୟଦ୍ରବ୍ୟ ସଂଗ୍ରହ କରି ଏକାଠି କରି ରଖି ତାକୁ ଖୁଚୁରା ବଣିକଙ୍କ ଦ୍ୱାରା ଖାଉଟି ଗ୍ରାହାକଙ୍କ ପାଖରେ ପହଞ୍ଚାଇବା କାର୍ଯ୍ୟ ସର୍ବଦା ଚାଲିଆସେ। ମାତ୍ର ଏମିତି ସମୟ ଆସିଲା ପଣ୍ୟ ଦ୍ରବ୍ୟ ପ୍ରସ୍ତୁତ ସ୍ଥାନ ଉପରେ ବଡ଼ ବଣିକଙ୍କର ଅଧିକାର ଆସିଗଲା ଓ ବଜାର ଭାଉ ନିୟନ୍ତ୍ରଣ କ୍ଷମତା ତାଙ୍କ ହାତକୁ ଆସିଗଲା। ସେମାନେ ଖୁଚୁରାଙ୍କୁ ଦେଖିବାକୁ ଆଉ ପସନ୍ଦ ନକରି ସିଧାସିଧା ଖାଉଟିଙ୍କୁ ବିକ୍ରୟ ପାଇଁ ଚେଷ୍ଟା ଆରମ୍ଭ କଲେ। ସରକାର କରିଥିବା ସହଯୋଗ ସମିତି ନିୟମକୁ କୌଶଳରେ ଆପଣେଇ ରାଜକର ରିହାତି ର ବି ଉପଭକ୍ତା ହୋଇଗଲେ। ଫଳରେ ପଣ୍ୟଦ୍ରବ୍ୟର ବହୁ ଅଭାବ, ଖୁଚୁରା ବଣିକଙ୍କ ବାଣିଜ୍ୟ ଉପରେ ଆଘାତ ତାଙ୍କ ପାଖରୁ ଦ୍ରବ୍ୟ କିଣିଲେ ମହଙ୍ଗା ମଲ୍‌ରୁ କିଣିଲେ ଶସ୍ତା ଏପରି ସ୍ଥଳେ ଛୋଟ ବଣିକ କ୍ଷତି ସହିବାରୁ ବଞ୍ଚିବା ଦୂରୁହ। ହାଟ ବଜାର ସ୍ଥଳକୁ କାନୁନ ସ୍ଥାନାନ୍ତର ହଠାତ୍ କରାଇ ଦେବାରୁ ଦ୍ରବ୍ୟ ସଂରକ୍ଷଣ ଧାରା ଗଣ୍ଡଗୋଳ ହେଲା ଓ ସମୟ ଧାର୍ଯ୍ୟରେ ଦୋକାନ ଖୋଲା ବନ୍ଦ ବୋଝ ଉପରେ କୋରଡ଼ା ଆସିଲା। ଏଥିରେ ନିଶ୍ଚେ ବିକ୍ରୟ ହେବା ସମ୍ଭାବନା ବିଲୁପ୍ତ ହୋଇ ବଣିଜାରୀଙ୍କୁ ଶେଷ କଲା। ପୁଣି ଲୋକ ଏକାଧିକ ଜମି ପାରିବେ ନାହିଁ ନିୟମରେ ମଲ୍ ଗୁଡ଼ିକ ବନ୍ଦ ହୋଇ କଞ୍ଚାଦ୍ରବ୍ୟ ଓ ମିୟାଦଯୁକ୍ତ ଦ୍ରବ୍ୟ ନଷ୍ଟ ହେଲା ଏଥିରେ ବଣିଜାରୀ ମାନେ ଶେଷ ହେଉଛନ୍ତି ନା ନାହିଁ। କୃଷିକାରୀମାନେ ଶେଷରେ ମରିବେ ଅର୍ଥ ଯେ ଚାଷ କରନ୍ତି ସେ ତାଙ୍କ କୁଟୁମ୍ବ ପାଇଁ ଶସ୍ୟ ପନିପରିବା ଆଗ ରଖନ୍ତି। କୌଣସି ଟିକେ ଖାଇ ଢ଼ୋକେ ପିଇ ସମୟ କାଟନ୍ତି। ଦିଗଛ ଶାଗ, ସଜନା ଶାଗପତ୍ର, ଲଙ୍କା, ଅମୃତଭଣ୍ଡା, ନଡ଼ିଆ, କଦଳୀ, ମାଟିଆଳୁ, ସାରୁ, ପିତା ଭାଡି କଖାରୁ, ଜହ୍ନି, ଛଚିନ୍ଦା, ପୋଇରେ କୃଷିକାରୀ ତାର ଘର ଚଳାଇ ଆସୁଛନ୍ତି। ବିଲରୁ ଧାନ-ମୁଗ, ବିରି, କୋଳଥ, ମାଣ୍ଡିଆ ବର୍ଷକ ଆହାର ସଂଗ୍ରହ କରି ନିଜର ଗୁଜୁରାଣ ମେଣ୍ଟାଇବା ଚିନ୍ତାରେ ରହୁଥିବାରୁ ପ୍ରକୃତରେ ଏମାନେ ମରୁଡ଼ି ଦୁର୍ଭିକ୍ଷ ମଡ଼କରେ ବି ରହିଯାଇ ପାରନ୍ତି ବା ଶେଷରେ ଶେଷ ହୁଅନ୍ତି। ଶାସ୍ତ୍ରକାରଙ୍କ ଭବିଷ୍ୟତ ଦର୍ଶନ ଯଥାର୍ଥ ଓ ଠିକ୍ ଏହି କରୋନା ଭୋଗ ସମୟ ଏହି ପ୍ରମାଣ କରିଦେଉଛି।

**ଉତ୍କଳାନନ୍ଦ ଅଜୟ କୁମାର ବେହେରା,** ସମ୍ପାଦକ 'ନିୟତି', ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩

## ସଖୀବଟରେ ପତ୍ରିକା 'ଅନ୍ତରୀକ୍ଷ'ର ଲୋକାର୍ପଣ ଉତ୍ସବ



କେନ୍ଦ୍ରାପଡ଼ା (ପିଏନ୍) : ଓଡିଶାର ଅନ୍ୟତମ ପର୍ଯ୍ୟଟନ ସ୍ଥଳି ସ୍ଥାନୀୟ ସଖୀବଟ ସଭା ଗୃହରେ କଳା, ସାହିତ୍ୟ, ସଂସ୍କୃତି, ସେବା ଓ ଗବେଷଣା ପ୍ରତିଷ୍ଠାନ 'ଅନ୍ତରୀକ୍ଷ ଚାରିଟେବୁଲ ଟ୍ରଷ୍ଟ'ର ବାର୍ଷିକ ମୁଖପତ୍ର "ଅନ୍ତରୀକ୍ଷ"ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କୋଭିଡ କଟକଣାକୁ ଅନୁପାଳନ ପୂର୍ବକ ଟ୍ରଷ୍ଟର ସଭାପତି ଆନନ୍ଦ କୁମାର ମାଇତିଙ୍କ ଆବାହକତ୍ୱରେ ଏବଂ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ନିରଞ୍ଜନ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଟ୍ରଷ୍ଟର ମ୍ୟାନେଜିଙ୍ଗ ଟ୍ରଷ୍ଟି ତଥା ବାର୍ଷିକ ମୁଖପତ୍ର 'ଅନ୍ତରୀକ୍ଷ'ର ସମ୍ପାଦିକା ଲକ୍ଷ୍ମୀପ୍ରିୟା ମାଇତି ସ୍ୱାଗତ ଭାଷଣ ପ୍ରଦାନ ସହ ବିବରଣୀ ପାଠ କରିଥିଲେ । ଧାନବାଦ ଆଇ.ଆଇ.ଟି.ର ଅଧ୍ୟାପକ ସଂକେତ ନାୟକ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଅଧ୍ୟାପକ ଡକ୍ଟର ଶ୍ରୀଧର ସାମଲ, ଶିକ୍ଷାବିତ୍ ଭଜକୃଷ୍ଣ ରାଉତ, ଉତ୍କଳ ଗ୍ରାମ ସ୍ୱରାଜର ସଭାପତି କଳିଙ୍ଗ ରତ୍ନ ବ୍ରହ୍ମାନନ୍ଦ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାହିତ୍ୟ ଓ ସମାଜ ସେବା ମନୁଷ୍ୟ ଚରିତ୍ରର ମାନବୀୟ ବିବେକ ପ୍ରଦାୟକ ବୋଲି ମତବ୍ୟକ୍ତ କରିଥିଲେ । ଉତ୍ସବରେ ଭାରତୀୟ ସେନାର ପ୍ରାକ୍ତନ ମେଜର ଭରତ ଚନ୍ଦ୍ର ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ସେବା ହିଁ ମଣିଷର ଏକମାତ୍ର ଧର୍ମ। ତାକୁ ଅନୁସରଣ କଲେ ଆମ୍ଭାକୁ ସଠିକ୍ ମାର୍ଗର ଠିକଣା ମିଳିଯାଏ ଓ ତାହା ସାହିତ୍ୟାନୁରାଗୀ ପାଇଁ ମଣିଷକୁ ପବର୍ତ୍ତାଇ ଥାଏ ବୋଲି ବକ୍ତବ୍ୟ ରଖିଥିଲେ । ଏହି ଅବସରରେ କୁଜଙ୍ଗର ସଚିତ୍ର ଦାସ ଓ ଭଦ୍ରକର ପ୍ରଶାନ୍ତ ସେଠୀଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆନନ୍ଦ ମାଇତିଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଦିଲ୍ଲିପ ସାହୁ ସହଯୋଗ କରିଥିଲେ। ଶେଷରେ ସମ୍ପାଦିକା ଲକ୍ଷ୍ମୀପ୍ରିୟା ମାଇତି ଧନ୍ୟବାଦ ଅର୍ପଣ କରିଥିଲେ।

## କୋରୋ ପଞ୍ଚାୟତରେ କରୋନା ଟୀକାକରଣ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରାଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୋରୋ ଗ୍ରାମପଞ୍ଚାୟତରେ କରୋନା ଟୀକାକରଣ କେନ୍ଦ୍ର ଗତ ୯ ତାରିଖଠାରୁ ଆରମ୍ଭ ହୋଇଛି। କୋରୋ ପଞ୍ଚାୟତ ସଭାପତି ଅଶୋକ କୁମାର ବରାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଟୀକାକରଣ କାର୍ଯ୍ୟକ୍ରମରେ ଗ୍ରାମର ସ୍ୱେଚ୍ଛାସେବୀ ବିଜୟ ମହାନ୍ତି, ଦିଲ୍ଲିପ କୁମାର ରାଉତ, ଜୟପ୍ରକାଶ ବରାଳ, ଆଦିତ୍ୟ ନାରାୟଣ ବରାଳ, ହୃଷିକେଶ ସେଠି, ମଳୟ ସାହୁ, ସୁରେଶ ଦାସ ପ୍ରମୁଖ ସହଯୋଗ କରିଥିଲେ। ଏହି ଟୀକାକରଣ କେନ୍ଦ୍ରରେ ୮ଶହ ଲୋକଙ୍କୁ କରୋନା ଟୀକା ପ୍ରଦାନ କରାଯାଇଛି। ଏଥିନିମନ୍ତେ ପଞ୍ଚାୟତବାସୀଙ୍କ ପକ୍ଷରୁ ବିଧାୟକ ଶ୍ରୀ ବେହେରାଙ୍କୁ କୃତଜ୍ଞତା ଅର୍ପଣ କରାଯାଇଛି।

## ରାଜ୍ୟ ସରକାରଙ୍କ ଅବହେଳା ଜଙ୍ଗଲ ଧ୍ୱଂସର କାରଣ

ଭୁବନେଶ୍ୱର (ଓଏନ୍ଏସ୍): କ୍ରମେ ଓଡ଼ିଶାରେ ଜଙ୍ଗଲ ଧ୍ୱଂସ ପାଇ ଚାଲିଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଡ଼େରାଡୁନ୍‌ଠାରେ ଥିବା ଭାରତୀୟ ବନ ସର୍ଭେକ୍ଷଣ ସଂସ୍ଥାର ରିପୋର୍ଟ ଅନୁଯାୟୀ ଆଗାମୀ ୨୦ବର୍ଷ ମଧ୍ୟରେ ରାଜ୍ୟରେ ସବୁତକ ଜଙ୍ଗଲ ଧ୍ୱଂସ ପାଇଯିବ ବୋଲି ଆଶଙ୍କା ବ୍ୟକ୍ତ କରାଯାଇଛି। ସୂଚନାଯୋଗ୍ୟ ଯେ, ୧୯୮୧ ମସିହାରେ ରାଜ୍ୟରେ ପ୍ରାୟ ୫୯୯୬୩ ବର୍ଗ କିଲୋମିଟର ଅଂଚଳ ଜଙ୍ଗଲ ପରିବେଷ୍ଟିତ ଥିଲା। ସେତେବେଳେ ଏହା ରାଜ୍ୟର ଭୌଗୋଳିକ ପରିସୀମାର ୩୮ ଭାଗ ଥିବାବେଳେ ଭାରତ ବର୍ଷର ମୋଟ ଜଙ୍ଗଲ ପରିମାଣର ୮ଭାଗ ଥିଲା। ହେଲେ ୧୯୯୭ ସୁଦ୍ଧା ରାଜ୍ୟ ସରକାରଙ୍କ ହିସାବ ଅନୁଯାୟୀ ଜଙ୍ଗଲ ପରିମାଣ ୫୮୧୩୫.୪୭ ବର୍ଗ କି.ମି.କୁ ଖସି ଆସିଥିଲା। ଏଥିମଧ୍ୟରେ ଚିହ୍ନଟ ସଂରକ୍ଷିତ ଜଙ୍ଗଲ, ଅଣ ଚିହ୍ନଟ ଜଙ୍ଗଲ, ଅଣ ଶ୍ରେଣୀଭୁକ୍ତ ଏବଂ ଅନ୍ୟାନ୍ୟ ଜଙ୍ଗଲ ପରିଣାମ ଯଥାକ୍ରମେ ୨୬୨୩୯.୧୬ବର୍ଗ କି.ମି., ୧୧୬୮୫.୬୮ ବର୍ଗ କି.ମି., ୩୮୩୮.୭୮ ବର୍ଗ କି.ମି. ଓ ୧୬୨୬୧.୩୪ ବର୍ଗ କି.ମି. ରହିଥିଲା। ବର୍ତ୍ତମାନ ରାଜ୍ୟରେ ପ୍ରାୟ ୪୫ ହଜାର ବର୍ଗ କି.ମି. ଜଙ୍ଗଲ ରହିଥିବା କୁହାଯାଉଛି। ମାତ୍ର ଜଙ୍ଗଲ ପରିମାଣକୁ ନେଇ ବିଭିନ୍ନ ସମୟରେ ଭାରତୀୟ ବନ ସଂରକ୍ଷଣ ସଂସ୍ଥାର ରିପୋର୍ଟ ଓ ରାଜ୍ୟ ସରକାରଙ୍କ ରିପୋର୍ଟରେ ତାରତମ୍ୟ ରହୁଛି। ବାସ୍ତବତା ଦେଖାଗଲେ, ବର୍ତ୍ତମାନ ଓଡ଼ିଶାରେ ୩୦ହଜାର ବର୍ଗ କି.ମି. ଜଙ୍ଗଲ ଥିବାନେଇ ସନ୍ଦେହ ରହିଛି। ପ୍ରତିବର୍ଷ ରାଜ୍ୟରେ ୭୦୦ରୁ ୯୦୦ ବର୍ଗ କି.ମି. ଆୟତନର ଜଙ୍ଗଲ ଧ୍ୱଂସ ପାଉଛି। ଏଥିରେ ଅବିଭାଜିତ କୋରାପୁଟ ଜିଲ୍ଲା ବହୁ ଆଗରେ ରହିଛି। ଉପକୂଳବର୍ତ୍ତୀ ଅଂଚଳରେ ଲୁଣା ଜଙ୍ଗଲ ସଂପୂର୍ଣ୍ଣ ରୂପେ ଧ୍ୱଂସ ପାଇ ସାରିଛି। ୧୯୯୯ ମହାବାତ୍ୟାରେ ୭୫ ଭାଗ ଲୁଣା ଜଙ୍ଗଲ ଧ୍ୱଂସ ପାଇଥିଲା। ଓଡ଼ିଶାର ଜଙ୍ଗଲ ଇତିହାସକୁ ଖେଳେଇଲେ, ଅନେକ ତଥ୍ୟ ସାମ୍ନାକୁ ଆସିବ। ସ୍ୱାଧୀନତା ବେଳେ ୧୭ଟି ଟେରିଟୋରିଆଲ୍ ଡ଼ିଭିଜନ୍ ଥିବା ଓଡ଼ିଶାର ଜଙ୍ଗଲ ବିଭାଗ ଜଣେ ପ୍ରିନ୍ସପାଲ୍ ବନ ସଂରକ୍ଷକଙ୍କ ଦ୍ୱାରା ପରିଚାଳିତ ହେଉଥିଲା। ସେତେବେଳେ ଜଙ୍ଗଲ ମାଫିଆମାନେ ସକ୍ରିୟ ହୋଇ ଉଠିଥିଲେ ଓ ଦ୍ରୁତ ଗତିରେ ଜଙ୍ଗଲ ଧ୍ୱଂସ ପାଇ ଚାଲିଲା। ଜଙ୍ଗଲ ଧ୍ୱଂସ ଆଶଙ୍କାରେ ରାଜ୍ୟ ସରକାର ୧୯୬୨ରେ ୭ଟି ଆଫୋରଷ୍ଟେସନ୍ ଡ଼ିଭିଜନ୍ ଖୋଲିଲେ। ଅର୍ଥାତ୍ ଏହା ମାଧ୍ୟମରେ ଜଙ୍ଗଲ ଧ୍ୱଂସକୁ ରୋକାଯାଇପାରିବ ଓ ଜଙ୍ଗଲ ପୁନରୁଦ୍ଧାର ହୋଇ ପାରିବ ବୋଲି ଲକ୍ଷ୍ୟ ରଖାଗଲା। କିନ୍ତୁ ଜଙ୍ଗଲ ଧ୍ୱଂସ ଅବ୍ୟାହତ ରହିଲା ଓ ୧୯୭୩ରେ ରାଜ୍ୟ ସରକାର କେନ୍ଦୁପତ୍ରକୁ ସ୍ୱତନ୍ତ୍ର ବିଭାଗରେ ପରିଣତ କଲେ ଓ ଏଥିପାଇଁ ରାଜ୍ୟରେ ୧୨ଟି ଡ଼ିଭିଜନ୍ ଖୋଲାଗଲା। ଆଶ୍ଚର୍ଯ୍ୟର କଥା ଯେ, ଜଙ୍ଗଲ ବିଭାଗକୁ ଭାଗଭାଗ କରାଯାଇ ଅଧିକରୁ ଅଧିକ କର୍ମଚାରୀଙ୍କୁ ନିଯୋଜିତ କରାଯିବା ସତ୍ତ୍ୱେ ଜଙ୍ଗଲ ଧ୍ୱଂସ ଅବ୍ୟାହତ ରହିଲା। କ୍ରମେ ରାଜ୍ୟବାସୀଙ୍କ ଉପରେ ଏହାର କୁପ୍ରଭାବ ପଡ଼ିଲା। ପରିବେଶ ପ୍ରଦୂଷିତ ହେବାରେ ଲାଗିଲା। ବର୍ଷକୁ ବର୍ଷ ତାପମାତ୍ରା ବଢିଲା। ଭବିଷ୍ୟତରେ ଭୟାବହତାର ଆଶଙ୍କା କରାଗଲା। ଆଉ ରାଜ୍ୟ ସରକାର ଜଙ୍ଗଲ ସୁରକ୍ଷା ନିମନ୍ତେ କୌଣସି ସନ୍ତୋଷଜନକ ପଦକ୍ଷେପ ନେଇପାରୁ ନଥିବାବେଳେ ୧୯୮୪ରେ ସୁଇଡ଼େନ୍ ସରକାର ରାଜ୍ୟରେ ଆରମ୍ଭ କଲା, "ସାମାଜିକ ବନ୍ୟ ପ୍ରକଳ୍ପ" କାର୍ଯ୍ୟକ୍ରମ। ଜଣେ ପ୍ରିନ୍ସପାଲ୍ ସିସିଏଫ୍‌ଙ୍କ ଦ୍ୱାରା ଜଙ୍ଗଲ ବିଭାଗ ପରିଚାଳିତ ହେଲେ ମଧ୍ୟ ଭିନ୍ନ ଭିନ୍ନ ଜଙ୍ଗଲ ସଂପଦକୁ ଅଲଗା ଅଲଗା କରାଯିବା ଦ୍ୱାରା ଜଙ୍ଗଲ ରକ୍ଷା ପାଇବା ସହ ଜଙ୍ଗଲ ସଂପଦର ସୁରକ୍ଷା ହୋଇ ପାରିବ ବୋଲି ଲକ୍ଷ୍ୟ ରଖା ଯାଇଥିଲା। ମାତ୍ର ଆଜି ସରକାର ନିଜ ଲକ୍ଷ୍ୟ ସ୍ଥଳରେ ପହଂଚିବାରେ ବିଫଳ ହୋଇଛନ୍ତି। ଜଙ୍ଗଲ କ୍ଷୟ ଅବ୍ୟାହତ ଥିବାବେଳେ ସାମାଜିକ ବନ୍ୟ ପ୍ରକଳ୍ପ ବିଫଳ ହୋଇଛି। ଜଙ୍ଗଲ ସଂପଦ ଉତ୍ପାଦନ ହ୍ରାସ ପାଇଛି ଓ ଜଙ୍ଗଲ ମାଫିଆ ତଥା କର୍ମଚାରୀଙ୍କ ଦ୍ୱାରା ମୂଲ୍ୟବାନ୍ ଜଙ୍ଗଲ ସଂପଦ ଆଖିବୁଜା ଲୁଟ୍ ହେଉଛି ଏବଂ ବହୁ ସଂଖ୍ୟାରେ ଜଙ୍ଗଲ ପ୍ରାଣୀ ଅକାଳ ମୃତ୍ୟୁ ବରଣ କରୁଛନ୍ତି। ସୂଚନାଯୋଗ୍ୟ ଯେ, ଧଳା ହରିଣ, କଇଁଛ, କୁମ୍ଭୀର ଓ ବାରହାଙ୍କର ସୁରକ୍ଷା ଓ ସେମାନଙ୍କର ବଂଶ ବୃଦ୍ଧି ପାଇଁ ରାଜନଗର ୱାଇଲଡ଼୍ ଲାଇଫ୍ ଡ଼ିଭିଜନ୍ ଖୋଲାଯାଇ ଥିବାବେଳେ ଟାଇଗର୍ ପ୍ରକଳ୍ପ ପାଇଁ ସିମିଳିପାଳ ଅଭୟାରଣ୍ୟ ବା ୱାଇଲଡ଼୍ ଲାଇଫ୍ ଡ଼ିଭିଜନ୍ ତଥା ହାତୀ, ବାଘ, ଗୟଳ, ସମ୍ବର ଆଦି ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ରାଜ୍ୟରେ ୧୮ଟି ଅଭୟାରଣ୍ୟ ଓ ୨ଟି ଜାତୀୟ ଉଦ୍ୟାନ ପ୍ରାୟ ୬୬୭୭.୫୦ବର୍ଗ କି.ମି. ଅଂଚଳରେ ପ୍ରତିଷ୍ଠା କରାଯାଇଥିଲା। ବିଭାଗୀୟ ଅବହେଳା ଓ ସୁରକ୍ଷା ଅଭାବରୁ ଅକାଳ ହାତୀ ମୃତ୍ୟୁ ଘଟଣା ବଢିଚାଲିଛି। ଭିତରକନିକା ପ୍ରାଣୀ ଅଭୟାରଣ୍ୟ, ସାମୁଦ୍ରିକ ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନ ପରିଚାଳନାରେ ବ୍ୟାପକ ତୃଟି ରହୁଥିବାରୁ କୁମ୍ଭୀର, ଅଲିଭ୍ ରିଡ଼୍ଲେ କଇଁଛ, ବିଦେଶୀ ପକ୍ଷୀ, ବାରହା ଓ ଧଳା ହରିଣ ଆଦି ଜୀବଜନ୍ତୁ ତଥା ସରୀସୃପ ଅସୁରକ୍ଷା ବଳୟ ଭିତରେ ରହୁଛନ୍ତି। କଇଁଛ ଅଣ୍ଡାଦାନ ପ୍ରକ୍ରିୟାରେ ବାଧା ସୃଷ୍ଟି ଯୋଗୁ କ୍ରମେ ଏଠାକୁ ଆସୁଥିବା କଇଁଛଙ୍କ ସଂଖ୍ୟା ହ୍ରାସ ପାଉଛି। ଜଙ୍ଗଲ ସୁରକ୍ଷା ଓ କୃତ୍ରିମ ଜଙ୍ଗଲ ସୃଷ୍ଟି ପାଇଁ ସରକାର ଅନେକ ସ୍ୱାଗତଯୋଗ୍ୟ ପଦକ୍ଷେପ ନେଉଛନ୍ତି। ଗତ ଚାରିବର୍ଷ ମଧ୍ୟରେ ବିଭିନ୍ନ ଅଂଚଳରେ କୃତ୍ରିମ ଜଙ୍ଗଲ ସୃଷ୍ଟି ପାଇଁ ପ୍ରାୟ ୫୦ହଜାର ହେକ୍ଟର ଅଂଚଳରେ ବୃକ୍ଷରୋପଣ କରା ଯାଇଥିବା ବେଳେ ୪୦ହଜାର ହେକ୍ଟର ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର, ୫ହଜାର ହେକ୍ଟର ବେଳାଭୂମିରେ ଝାଉଁ ବୃକ୍ଷ ରୋପଣ ଓ ବ୍ୟକ୍ତିବିଶେଷଙ୍କ ବାଡ଼ି ବଗିଚାରେ ବୃକ୍ଷ ସୃଷ୍ଟି ପାଇଁ ଉଦ୍ୟମ କରାଯାଉଛି। କିନ୍ତୁ ଜଙ୍ଗଲ ସୁରକ୍ଷା ଓ ନୂଆ ଜଙ୍ଗଲ ସୃଷ୍ଟି ପାଇଁ ସରକାରଙ୍କର ବିଭିନ୍ନ ପଦକ୍ଷେପର ସଫଳତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଯେହେତୁ କେତେକ କାର୍ଯ୍ୟକ୍ରମ ଖାତାପତ୍ର ବା ଘୋଷଣାରେ ସୀମିତ ରହିଥିବାବେଳେ ଆଉ କେତେକ କାର୍ଯ୍ୟକାରୀତାରେ ଅନିୟମିତତା ରହିଛି। ସରକାର ଆନ୍ତରିକତାର ସହ ଏଥିପ୍ରତି ଦୃଷ୍ଟି ଦେବା ଉଚିତ। ଏବେ ଜଙ୍ଗଲ ସଂପଦରୁ ରାଜ୍ୟ ସରକାରଙ୍କର ଆୟ ଧାର୍ଯ୍ୟଲକ୍ଷ୍ୟରୁ ବହୁ କମ୍ ରହୁଛି। ସରକାର ଦୃଷ୍ଟି ଦେଲେ, ରାଜ୍ୟରେ କେନ୍ଦୁପତ୍ରରୁ ବର୍ଷକୁ ଅତିରିକ୍ତ ୨୦୦କୋଟି ଟଙ୍କାର ରାଜସ୍ୱ ସଂଗ୍ରହ ହୋଇ ପାରନ୍ତା।

## ଜାନୁଆରୀ ପହିଲାକୁ ବିଶ୍ୱ ପ୍ରାର୍ଥନା ଦିବସ ଭାବେ ପାଳନ କରିବାକୁ ନିବେଦନ

କେନ୍ଦ୍ରାପଡ଼ା (ପିଏନ୍) : ବିଶ୍ୱରେ ଭିନ୍ନ ଭିନ୍ନ ଦିବସ ପାଳନ ହେଉଥିବା ବେଳେ 'ପ୍ରାର୍ଥନା ଦିବସ' ପାଳନ ହେଉନାହିଁ। ଆସନ୍ତୁ ଜାତିଭେଦ ଭୁଲି ଦେଶପାଇଁ ଏକ୍ ହୋଇ ପ୍ରାର୍ଥନା କରିବା ବୋଲି ଗରାପୁରସ୍ଥିତ ଦିବ୍ୟ ଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମ ପକ୍ଷରୁ ନିବେଦନ କରାଯାଇଛି । ଏକ ଜାତି ମାନବ ଜାତି, ଏକ ଧର୍ମ ପ୍ରେମର ଧର୍ମ, ଏକ ଭାଷା ହୃଦୟର ଭାଷା । ଏହାହିଁ ମାନବିକତା । ଆମେ ସମସ୍ତେ ଏକ ପରିବାର । ବର୍ତ୍ତମାନ ସମାଜର ଅବକ୍ଷୟ ଯୋଗୁଁ ଚାରିଆଡେ ଅଶାନ୍ତିର ଝଡ ସୃଷ୍ଟି ହୋଇଛି । ଅନ୍ୟାୟ, ହିଂସାକାଣ୍ଡ, ଚୋରୀ ବ୍ୟଭିଚାର ନାରୀ ନିର୍ଯ୍ୟାତନା ଇତ୍ୟାଦି ଦୁର୍ନିତୀ ଯୋଗୁଁ ପରିବେଶ ଦୂଷିତ ହୋଇଗଲାଣି । ଆମ ଭିତରୁ ମାନବିକତା ଲୋପ ହେଲାଣି, କୁସଂସ୍କାର ବ୍ୟାପି ଗଲାଣି । ଏଥିରୁ ରକ୍ଷା ପାଇବାକୁ ବ୍ୟକ୍ତିଗତ ହେଉ, କି ସାମାଜିକ ହେଉ, କି ଜାତୀୟ ବା ଆନ୍ତର୍ଜାତୀୟ ହେଉ ସକଳ ସମସ୍ୟାର ସମାଧାନ ସୁତ୍ର ହେଉଛି ଈଶ୍ୱରଙ୍କ ପ୍ରାର୍ଥନା । ଯଦି ଦେଶରେ ଶାନ୍ତି ଓ ସମୃଦ୍ଧି ଆମେ ଚାହୁଁଛେ ତେବେ ପ୍ରତ୍ୟେକ ପରିବାର ଓ ପ୍ରତ୍ୟେକ ଗ୍ରାମରେ ନିଃସ୍ୱାର୍ଥ ଭାବେ ଆନ୍ତରିକତା ସହ ଶୁଦ୍ଧ ହୃଦୟରେ ପ୍ରାର୍ଥନା କରିବା ଉଚିତ । କଥିତ ଅଛି "ସକଳେ ହୋଇ ଏକମୁଖ, ଡାକିଲେ ନାରାୟଣ ରଖ" । ଶୁଦ୍ଧ ହୃଦୟରେ ସମବେତ ହୋଇ ପ୍ରାର୍ଥନା କଲେ, ସେଥିରୁ ଏକ ଆଧ୍ୟାତ୍ମିକ ମହାଶକ୍ତି ଉତ୍ପନ୍ନ ହୋଇଥାଏ । ସେହି ମହାଶକ୍ତି ସମସ୍ତ ବାୟୁମଣ୍ଡଳରୁ ଦୂଷିତ ବାୟୁକୁ ନଷ୍ଟ କରିଦିଏ। ଏହି ସମବେତ ପ୍ରାର୍ଥନାରୁ ଯେଉଁ ଆଧ୍ୟାତ୍ମିକ ସ୍ପନ୍ଦନ ସୃଷ୍ଟି ହୁଏ, ତାହା ବହୁଦୂର ଦୂରାନ୍ତରରେ ପ୍ରସାରିତ ହୋଇ ସମସ୍ତଙ୍କୁ ଶାନ୍ତି, ଶକ୍ତି, ସୌହାର୍ଦ୍ଦ୍ୟ ପ୍ରଦାନ କରିଥାଏ ବୋଲି ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମର ଶ୍ରୀମା ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀ କହିଛନ୍ତି । ବର୍ତ୍ତମାନ ଦେଶରେ ଘଡିସନ୍ଧି ମୂହୁର୍ତ୍ତରେ ସମସ୍ତେ ମିଶି ସମବେତ ହୋଇ ସବୁଧର୍ମ, ସବୁ ସମ୍ପ୍ରଦାୟ, ସବୁମତ ପ୍ରତିବର୍ଷ ଜାନୁଆରୀ ୧ ତାରିଖକୁ ବିଶ୍ୱ ପ୍ରାର୍ଥନା ଦିବସ ରୂପେ ପାଳନ କରିବା ପଇଁ ନିବେଦନ କରିଛନ୍ତି ଶ୍ରୀମା । ଏହି ଦିନରେ ଏକ ସମୟରେ ସକାଳ ୬ଟାରୁ ୭ଟା ପର୍ଯ୍ୟନ୍ତ ବିଶ୍ୱଶାନ୍ତି ପାଇଁ ପ୍ରାର୍ଥନା କରାଯିବା ଉଚିତ୍ । ମନ୍ଦିର, ମସ୍‌ଜିଦ୍, ଗୀର୍ଜା, ଗୁରୁଦ୍ୱାର ଯେକୌଣସି ଧର୍ମାନୁଷ୍ଠାନ, କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ନିଜ ନିଜର ଇଷ୍ଟଦେବଙ୍କ ପାଖରେ ପ୍ରାର୍ଥନା କରିବାକୁ ଶ୍ରୀମା ବିନମ୍ର ନିବେଦନ କରିଛନ୍ତି ।

## ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ମୋଦୀ-ଶାହାଙ୍କ କୁଶପୁତଳିକା ଦାହ



କେନ୍ଦ୍ରାପଡ଼ା (ପିଏନ୍): ଭାରତରେ ଚାଲିଥିବା ଅନ୍ୟାୟ, ଅତ୍ୟାଚାର, କୃଷକ ଗଣହତ୍ୟା, କୃଷକ ଓ ଶ୍ରମିକ ବିରୋଧୀ ଆଇନ, ଉତ୍କଟ ମୂଲ୍ୟବୃଦ୍ଧି, କ୍ରମବର୍ଦ୍ଧିଷ୍ଣୁ ବେକାରୀ ସମସ୍ୟା, ମହିଳାମାନଙ୍କ ବିରୋଧରେ ହିଂସା, ଆକ୍ରମଣ ପ୍ରଭୃତି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଦାୟୀ। ଏମାନେ ହେଉଛନ୍ତି ଦେଶ ଏବଂ ଦେଶବାସୀଙ୍କ ପାଇଁ ଅଶୁଭ ଶକ୍ତି। ତେଣୁ ଗତ ଶନିବାର ଦଶହରା ଦିନ ପ୍ରତିବାଦସ୍ୱରୂପ ଏହି ଅଶୁଭ ଶକ୍ତିଙ୍କ ବିରୋଧରେ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଏହି ଦୁଇଜଣଙ୍କ କୁଶପୁତଳିକା ସାରା ଦେଶରେ ପୋଡାଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡା ସହରର ତିନିମୁହାଣି ଠାରେ ସଂଯୁକ୍ତ କିଷାନ ମୋର୍ଚ୍ଚା। କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ମୋଦୀ, ଅମିତ ଶାହା ଏବଂ ଯୋଗୀଙ୍କ କୁଶପୁତଳିକା ଦାହ କରାଯାଇଛି। ଏହି ଆନ୍ଦୋଳନରେ ସଂଯୁକ୍ତ କିଷାନ ମୋର୍ଚ୍ଚାର ଜିଲ୍ଲା ଆବାହକ ଗୟାଧର ଧଳ, ନିଖିଳ ଉତ୍କଳ ଚାଷୀ ମୂଲିଆ ସଙ୍ଘର ସଭାପତି ଫକିର ଚରଣ ଖଟୁଆ, ଏଆଇକେଏସର ଜିଲ୍ଲା ନେତା ଆଦିକନ୍ଦ ରାଉଳ, ଓଡିଶା କୃଷକ ସଭାର ଜିଲ୍ଲା ସଭାପତି ଉମେଶ ଚନ୍ଦ୍ର ସିଂହ, ଏଆଇକେକେଏମଏସ ଜିଲ୍ଲା ସମ୍ପାଦିକା ଏଲିନା ସାମନ୍ତରାୟ, ସିଆଇଟିୟୁ ଜିଲ୍ଲା ସମ୍ପାଦକ ଜଗତଜୀବନ ଦାଶ, ଓଷ୍ଟାର ପୂର୍ବତନ ରାଜ୍ୟ ସମ୍ପାଦକ ତ୍ରୈଲୋକ୍ୟନାଥ ସ୍ୱାଇଁ, ବରିଷ୍ଠ ଶ୍ରମିକ ନେତା ମାଧବ ଦାସ, ହୀରାମଣି ରାଉତ, ଜୟନ୍ତୀ ଜେନା, ପ୍ରହଲ୍ଲାଦ ନାୟକ, ପ୍ରଗତି ବାଳା ନାୟକ, ପ୍ରଫୁଲ୍ଲ ସ୍ୱାଇଁ, ସୌମ୍ୟାଶ୍ରୀ ନାୟକ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଯୁବ ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ ରକ୍ତଦାନ ଶିବିର



କେନ୍ଦ୍ରାପଡ଼ା (ପିଏନ୍): ଭାରତର ଜନପ୍ରିୟ ମୁଖ୍ୟମନ୍ତ୍ରୀ ତଥା ସାଢେ ୪କୋଟି ଓଡିଆଙ୍କ ହୃଦୟର ସ୍ପନ୍ଦନ ନବୀନ ପଟ୍ଟନାୟକଙ୍କ ୭୫ତମ ଜନ୍ମ ଦିବସ ଅବସରରେ କେନ୍ଦ୍ରାପଡା ଜିଲ୍ଲା ଯୁବ ବିଜେଡି ପକ୍ଷରୁ ନିକିରାଇ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ଜିଲ୍ଲା ବିଜେଡି ସଭାପତି ଉତ୍କଳ କେଶରୀ ପରିଡା, କେନ୍ଦ୍ରାପଡା ବ୍ଲକ ଅଧ୍ୟକ୍ଷ ଶିବ ପ୍ରସାଦ ଭଳ, ଡେରାବିଶ ବ୍ଲକ ଅଧ୍ୟକ୍ଷ ସରୋଜ ସାହୁ, ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ୧୭୫ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମହିଳା ବିଜେଡି ନେତ୍ରୀ ମଧୁମିତା ଅଗ୍ରୱାଲ, ଜ୍ୟୋସ୍ନାରାଣୀ ଜେନା, ଭବାନି ପ୍ରସାଦ ଓଝା,ଆଲୋକ ମାହାଳି, ମାନସ ଦାସ, ସଂଗମ ସାମଲ, ସରୋଜ ପଣ୍ଡା, ବାସୁଦେବ ଜେନା, ନିକିରାଇ ସରପଞ୍ଚ ସନତ ଜେନା, କୁତୁରଙ୍ଗ ସରପଞ୍ଚସୀତାସୁନ୍ଦରୀ ମଳିକ,ଅଙ୍କୁର ମଳିକ,ଆଲୋକ ସାହୁ, ମିନତୀ ପରିଡା, ଗାଙ୍ଗପଡା ପଞ୍ଚାୟତ ସମିତି ସଭ୍ୟା ମମତାରାଣୀ ଧଳ, ସୁମନ୍ତ ପରିଡା, ଦୁଷ୍ମନ୍ତ ମଳିକ, ମହେନ୍ଦ୍ର ମିଶ୍ର, ପ୍ରତାପ ଚନ୍ଦ୍ର ଦାସ, ରଞ୍ଜନ କର, ରଞ୍ଜନ ସାହୁ, ବିଶ୍ୱରଞ୍ଜନ ଦାସ, ହିରଣ୍ୟ ପଣ୍ଡା, କାଳି ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇ ରକ୍ତଦାନ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ସମୀର ଟିଭିଏସରେ ନୂଆ ଟିଭିଏସ ରେଡର



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡାର ଅଗ୍ରଣୀ ଦୁଇ ଚକିଆ ଗାଡିର ବିକ୍ରେତା "ସମୀର ଟିଭିଏସ" ପକ୍ଷରୁ ଏକ ନୂତନ ମଟରସାଇକେଲ 'ଟିଭିଏସ ରେଡର' ଅନାବରଣ କରାଯିବା ସହିତ ବଜାର ପ୍ରବେଶ କରାଯାଇଛି। ୧୨୫ସିସି ଇଞ୍ଜିନ ବିଶିଷ୍ଟ ଏହି ଗାଡିରେ ଅତ୍ୟାଧୁନିକ ଭାଲଭ ଟେକ୍ନୋଲୋଜି, ଜି.ପି.ଆର.ଏସ. ବ୍ୟବସ୍ଥା ସହ ମୋବାଇଲ ସଂଯୋଗ ମଧ୍ୟ ଉପଲବ୍ଧ ରହିଛି। ଯୁବବର୍ଗଙ୍କୁ ସୁହାଇଲା ଭଳି ସମ୍ପୂର୍ଣ୍ଣ ଏରୋ ଡାଇନାମିକ ଚେହେରା, ଅଧିକ ମାଇଲେଜ ପାଇଁ ଇକୋ ପାୱାର ମୋଡ, ଅଧିକ ପିକଅପ ବ୍ୟବସ୍ଥା ଥିବା ଏହି ଗାଡିର ମୂଲ୍ୟ ଡିସବ୍ରେକ ସହ ୮୮ହଜାର ୩୦୧ଟଙ୍କାରୁ ଆରମ୍ଭ ହେଉଛି। ଏହି ଗାଡିରେ ବ୍ଲୁଟୁଥ ସିଷ୍ଟମ ସହ ମୋନୋ ସକଅବଜରଭର, ହେଲମେଟ ରିମାଇଣ୍ଡର, ସାଇଡ ଷ୍ଟାଣ୍ଡ ରିମାଇଣ୍ଡର ବ୍ୟବସ୍ଥା ରହିଛି। ଏହି ଅବସରରେ ଆୟୋଜିତ ଉତ୍ସବରେ ସମୀର ଟିଭିଏସର ପରିଚାଳନା ସଦସ୍ୟ ସମୀର କୁମାର ଚାନ୍ଦ ଗାଡିର ଅନାବରଣ କରିବା ସହ ପ୍ରଥମ ଗାଡି ଗ୍ରାହକଙ୍କୁ ହସ୍ତାନ୍ତର କରିଥିଲେ। ଏହି କାର୍ଯ୍ୟକ୍ରମରେ ଶୋରୁମ ପରିଚାଳକ ପ୍ରକାଶ ଚନ୍ଦ୍ର ମିଶ୍ର, ଲକ୍ଷ୍ମୀପ୍ରିୟା ମହାପାତ୍ର, ଅନିଜା ଜେନା, ଲକ୍ଷ୍ମଣ ବେହେରା, ସୋନାଲି ଦାସଙ୍କ ସମେତ ସମସ୍ତ ଫାଇନାନ୍ସ କମ୍ପାନୀର ପରିଚାଳକମାନେ ଉପସ୍ଥିତ ଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି ।

ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠିରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ । ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶସ୍ମିତା ବେହେରା, ସରସ୍ୱତୀ ବିନ୍ଧାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତ୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

## ପୋଖରୀରୁ ମୃତଦେହ ଉଦ୍ଧାର

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ୧ ନଂ ୱାର୍ଡ ମୁକ୍ତାପୁର ଗ୍ରାମର ମୁକ୍ତାସାଗରରୁ ଏକ ମୃତ ଦେହକୁ ଖଡିଆଳ ପୁଲିସ ଉଦ୍ଧାର କରିଛି । ମୃତ ଯୁବକ ଜଣକ ଖଡିଆଳ ବ୍ଲକ ବାଦୀ ପଂଚାୟତ ଅନ୍ତର୍ଗତ ଜୁନାନୀ ଗ୍ରାମର ବ୍ରଜମୋହମ ନାଗ (୪୫) ବୋଲି ଜଣାପଡିଛି । ସୂଚନା ମତେ ବ୍ରଜମୋହନ ଗତକାଲି ଠାରୁ ନିଖୋଜ ଥିଲେ । ପରିବାର ଓ ସମ୍ପର୍କୀୟ ଖୋଜାଖୋଜି ପରେ ମଧ୍ୟ ତାଙ୍କୁ ପାଇନଥିଲେ । ଗୁରୁବାର ସକାଳ ସମୟରେ ସ୍ଥାନୀୟ ମୁକ୍ତାସାଗର ପୋଖରୀରେ ଭାସୁଥିବାର ଖବର ପାଇ ପୁଲିସକୁ ଖବର ଦେଇଥିଲେ । ପୁଲିସ ଦମକଳ ବାହିନୀର ସହାୟତାରେ ଉଦ୍ଧାର କରିଥିଲା । ଏନେଇ ଖଡିଆଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ଶବକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରଯାଇଥିବା ସୂଚନା ମିଳିଛି । ଅନ୍ୟପକ୍ଷରେ ବ୍ରଜମୋହନଙ୍କ ପରିବାର ଲୋକେ ତାଙ୍କୁ ହତ୍ୟା କରାଯାଇ ପୋଖରୀରେ ଫିଙ୍ଗି ଦେଇଥିବା ନେଇ ଅଭିଯୋଗ କରିଛନ୍ତି । ହିନ୍ଦୁସ୍ଥାନ ସମାଚାର/ହେମନ୍ତ/ଭାନୁ

## ପିଆଜ ଦର କମୁନି- ଚିନ୍ତାରେ ଖାଉଟି

ନୂଆପଡା, (ପିଏନ) ନୂଆପଡା ଜିଲ୍ଲାରେ ୧ ମାସରୁ ଅଧିକ ହେବ ପିଆଜ ଦର କମୁନଥିବା ଅଭିଯୋଗ ହେଉଛି । ପିଆଜ ଦର କେଜି ପ୍ରତି ୨୦ ଟଙ୍କା ଦରରେ ବିକ୍ରୟ କରାଯାଉଥିଲା । ହେଲେ ହଟାତ ଦର ବୃଦ୍ଧି ପାଇ ୬୦ ରୁ ୮୦ ଟଙ୍କା ରେ ବିକ୍ରୟ କରାଯାଉଛି । ଦୋକାନୀ ମାନେ କେଜି ପ୍ରତି ୬୦ ଟଙ୍କାରେ ପିଆଜକୁ ବିକ୍ରୟ କରୁଥିବା ବେଳେ ବଜାରର ବେପାରୀ ମାନେ ୭୦ ରୁ ୮୦ ଟଙ୍କାରେ ପିଆଜକୁ ବିକ୍ରୟ କରୁଛନ୍ତି । ହଟାତ ପିଆଜ ଦର ବୃଦ୍ଧି ଖାଉଟିଙ୍କୁ ବାଧୁଥିବା ବେଳେ ଦରକୁ ଦେଖି ଖାଉଟି ଆବଶ୍ୟକ ପରିମାଣରେ ପିଆଜ କିଣିକି ନେଉନଥିବା ଦେଖିବାକୁ ମିଳିଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପିଆଜ ଦର କମାଇବାକୁ ସାଧାରଣରେ ଦାବୀ ହେଉଛି ।

## ଗ୍ଲୋବାଲ ସ୍କୁଲ ଆୱାଡ୍ -୨୦୨୦ ପାଇଲେ ସିନାପାଲି ଶିକ୍ଷକ

ନୂଆପଡା,(ପିଏନ)- ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଜାମପାଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଦାନନ୍ଦ ମେହେର ଗ୍ଲୋବାଲ୍ ସ୍କୁଲ୍ ଆୱାଡ୍ -୨୦୨୦ ପାଇଥିବା ଜଣାପଡିଛି । ତାଙ୍କୁ ଗ୍ଲୋବାଲ୍ ସ୍କୁଲ୍ ଆୱାଡ୍ ଓ ଏଜୁକେସନ୍ ଟିଭି ତରଫରୁ ଲାଇଭ୍ କନ୍‌ଫରେନ୍ସ ମାଧ୍ୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତାଙ୍କୁ ବେଷ୍ଟ ଟିଚର୍ ଅଫ୍ ଦ ଇଅର -୨୦୨୦ ଭାବରେ ପୁରସ୍କୃତ କରାଯାଇଥିଲା । ଶ୍ରୀମେହେରଙ୍କ ଏଭଳି ସଫଳତାକୁ ନେଇ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁ ଥିବା ଦେଖିବାକୁ ମିଳିଛି । ପ୍ରକାଶ ଯେ ପୂର୍ବରୁ ଶ୍ରୀମେହେର ରାଜ୍ୟ ତଥା ଜାତୀୟ ସ୍ତରରେ ବିଭିନ୍ନ ଅନୁଷ୍ଠାନ ତରଫରୁ ଜଣେ ଆଦର୍ଶ ଶିକ୍ଷକ ଭାବରେ ସମ୍ମାନୀତ ହୋଇ ଚର୍ଚ୍ଚାରେ ରହି ଆସିଛନ୍ତି । ଗ୍ରାମା ଳରେ ପ୍ରାଥମିକ ଶିକ୍ଷାର ବିସ୍ତାର, ଆଦିବାସୀ ଓ ଦାଦନ ପ୍ରବଣ ଅଂଚଳରେ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ସଫଳ ଉଦ୍ୟମ ଓ ପ୍ରଚେଷ୍ଟା, ନୂତନ ଓ ଅଭିନବ ଶିକ୍ଷା ପଦ୍ଧତି ଏବଂ ଶିକ୍ଷକ ସଂଗଠନରେ ସଫଳ ନେତୃତ୍ୱ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିବା ଜଣାପଡିଛି । ଜଣେ ଶିକ୍ଷକ ସଂଗଠକ, ସିଆର୍‌ସିସି ଭାବରେ ସେ ସୁପରିଚିତ । କିଛି ମାସ ତଳେ ତାଙ୍କୁ ଗାନ୍ଧୀଜୀଙ୍କ ନୀତି ଓ ଆଦର୍ଶର ପ୍ରଚାର ପ୍ରସାର ପାଇଁ ଭୁବନେଶ୍ୱର ସ୍ଥିତ ଗାନ୍ଧୀ ଶାନ୍ତି ଫାଉଣ୍ଡେସନ୍ ତରଫରୁ ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା ।

## ସିନାପାଲି ହାଇସ୍କୁଲ ଶିକ୍ଷକଙ୍କ ପରଲୋକ

ନୂଆପଡା, (ପିଏନ) ନୂଆପଡା ଜିଲ୍ଲା ଅନ୍ତର୍ଗତ ସିନାପାଲି ସ୍ଥିତ ନୋଡାଲ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବୀର ମେହେର(୫୫)ଙ୍କ ଗୁରୁବାର ପୂର୍ବାହ୍ନରେ ହାତୀବନ୍ଧା ସ୍ଥିତ ତାଙ୍କ ବାସଭବନରେ ପରଲୋକ ଘଟିଛି । ସେ ଶାରୀରିକ ସୁସ୍ଥ ଥିବା ବେଳେ ଆଜି ହଠାତ୍ ଅସୁସ୍ଥ ଅନୁଭବ କରି ହଠାତ୍ ଟଳିପଡି ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା । ତାଙ୍କ ପୈତୃକ ଭିଟାମାଟି ହାତୀବନ୍ଧା ସ୍ଥିତ ଶ୍ମଶାନ ଭୂମିରେ ଶବସତ୍କାର କରାଯାଇଛି ।

# କର୍ମମୟ ଜୀବନ ସାରଣୀର ନିତିନିଷ୍ଠ ପ୍ରଶାସକ




ଭୁବନେଶ୍ୱର,(ପି.ଏନ):ସଂଗ୍ରାମ କେଶରୀ ମହାପାତ୍ର " ଯଥା ନାମେ ତଥା ଗୁଣେ" । ଜଣେ ବରିଷ୍ଠ ଭାରତୀୟ ପ୍ରଶାସନିକ ଅଧିକାରୀ ଭାବେ ତାଙ୍କର କାର୍ଯ୍ୟ ଧାରା ଅତ୍ୟନ୍ତ ମହନୀୟ । ନିଜର କର୍ମମୟ ଜୀବନ ସାରଣୀରେ ତାଙ୍କର ଐକାନ୍ତିକ ନିଷ୍ଠା, ଅବିରାମ ଉଦ୍ୟମ, ଉତ୍ସର୍ଗୀକୃତ ସାଂଗଠନିକ ମନୋଭାବ ଅନବଦ୍ୟ ତ୍ୟାଗ ଏବଂ ସଠିକ ସମୟରେ ସଠିକ୍ ପଦକ୍ଷେପ ଯୋଗୁ ବିଭିନ୍ନ ପଦ ପଦବୀରେ ଉପସ୍ଥାପିତ ହୋଇ ସଂସ୍କୃତି ସମ୍ପନ୍ନ ଜଗତସିଂହ ପୁର ଜିଲ୍ଲାରେ ଦୁଇ ଦୁଇ ଥର ଜିଲ୍ଲାପାଳ ଭାବେ ନିଜର କାର୍ଯ୍ୟକୁ ସୂଚାରୁ ଭାବେ ପ୍ରତିପାଦିତ କରି ଆଜି ସତୀର୍ଥ ଖୋର୍ଦ୍ଧା ମାଟିରେ ଜିଲ୍ଲାପାଳ ଭାବେ ଯୋଗଦାନ କରିଛନ୍ତି । ନିଜର ପ୍ରଶାସନିକ ଦକ୍ଷତାକୁ ଖୋର୍ଦ୍ଧର ସର୍ବାଙ୍ଗିନ ଉନ୍ନତି କ୍ରମେ ନିୟୋଜିତ କରିବା ପାଇଁ ସେ ଗଣମାଧ୍ୟମ ର ସହଯୋଗ କାମନା କରି କହିଥିଲେ ସମାଜରେ ଗଣମାଧ୍ୟମର ସ୍ଥାନ ସମସ୍ତଙ୍କ ଠାରୁ ଏପରିକି ରାଜନୈତିକ ଦଳଠାରୁ ମଧ୍ୟ ଉର୍ଦ୍ଧରେ । ତେଣୁ ଗଣମାଧ୍ୟମକୁ ଚତୁର୍ଥ ସ୍ତମ୍ଭର ମାନ୍ୟତା ଦିଆ ଯାଇଛି । ତେଣୁ ଗଣମାଧ୍ୟମ ତାର ନିଜ ଦାୟୀତ୍ୱକୁ ସୂଚାରୁ ଭାବେ ସମ୍ପାଦନ କରି ଚାଲିଛି । ସମ୍ବାଦପତ୍ର ହେଉଛି ସମାଜର ଦର୍ପଣ । ସରକାରଙ୍କର ବିଭିନ୍ନ ଗଠନ ମୂଳକ କାର୍ଯ୍ୟାବଳୀକୁ ଗଣମାଧ୍ୟମ ଜନ ସାଧାରଣ ଙ୍କ ପାଖରେ ପହଞ୍ଚାଇବାର ଗୁରୁ ଦାୟୀତ୍ୱ ବହନ କରିଥାଏ । ତେଣୁ ପ୍ରଶାସନ ଓ ଗଣମାଧମ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ନିଜର ଦକ୍ଷତା ପ୍ରଦର୍ଶନ କରି ପରିଶେଷରେ ଜଗତ ସିଂହ ଜିଲ୍ଲାର ଜିଲ୍ଲାପାଳ ଭାବେ ନିଜର କାର୍ଯ୍ୟ କରି ପ୍ରସଂସାର ପାତ୍ର ହେବା ସହ ସମସ୍ତିଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରି ଥିଲେ । ଆଜି ସେଭଳି ଜଣେ ଦକ୍ଷ ପ୍ରଶାସକଙ୍କୁ ଆମେ ଆମର ଜିଲ୍ଲାପାଳ ଭାବେ ପାଇ ଗର୍ବିତ । ଆଶା ଓ ବିଶ୍ୱାସ ସେ ଖୋର୍ଦ୍ଧର ବିଭିନ୍ନ ଗଠନ ମୂଳକ କାର୍ଯ୍ୟ କରିବା ସହ ସଂସ୍କୃତି ସମ୍ପନ୍ନ ପ୍ରଜ୍ଞାତୀର୍ଥ ଜନସାଧାରଣ ଙ୍କ ସହ ଉତମ ସମ୍ପର୍କ ପ୍ରତିଷ୍ଠା କରିବେ । ସର୍ବମଙ୍ଗଳ ଜଗନ୍ନାଥ ତାଙ୍କର ସର୍ବବିଧ ଉନ୍ନତି କରିବାସହ ତାଙ୍କର ଚଲାପଥକୁ କୁସୁମିତ କରନ୍ତୁ ଏତିକି ତାଙ୍କ ପାଦପଦ୍ମରେ ନିବେଦନ ।

# ଏସ୍.ବି.ଆଇ ଅଧିକାରୀଙ୍କ ବିରୁଦ୍ଧରେ ଠକେଇ ଓ ଦୁର୍ନୀତି ଅଭିଯୋଗ



ଭୁବନେଶ୍ୱର, ୨୨।୧୦ : ଷ୍ଟେଟ୍‌ବ୍ୟାଙ୍କ ଅଫ ଇଣ୍ଡିଆର କିଛି ଅସାଧୁ ଅଧିକାରୀଙ୍କ ବିରୁଦ୍ଧରେ ଗୁରୁତର ଠକେଇ ଓ ଦୁର୍ନୀତି ଅଭିଯୋଗ କରାଯାଇଛି । ଭୁବନେଶ୍ୱର ରୋଟାରୀ କ୍ଲବ ଇକୋର ସଭାପତି ତଥା ଆରଡି କମର୍ସିଆଲ ପ୍ରାଇଭେଟ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ରାମକୃଷ୍ଣ ଦାଶ ଏ ସଂକ୍ରାନ୍ତରେ ପୁଲିସ ନିକଟରେ ଅଭିଯୋଗ କରିଛନ୍ତି । ଶ୍ରୀ ଦାଶ ଦାଖଲ କରିଥିବା ନଥିପତ୍ର ଓ ତ୍ତେରାଦକୁ ଆଧର କରି ସ୍ଥାନୀୟ ଖଣ୍ଡଗିରି ଥାନାରେ ଏକ ଏତଲା ରୁଜୁ କରାଯାଇଛି । ଭାରତୀୟ ପିଙ୍ଗଳ କୋଡର ବିଭିନ୍ନ ଗମ୍ଭୀର ଦନ୍ତା ଯଥା ୩୪,୧୨୦(ବି) , ୧୭୬, ୨୯୪,୩୮୩,୪୦୬, ୪୦୯, ୪୧୮, ୪୧୯, ୪୨୦, ୪୨୫, ୪୬୭, ୪୬୮, ୫୦୩ ଓ ୫୦୬ ଆଦିକୁ ଲଗାଯାଇ ଗତ ଅକ୍ଟୋବର ୪ ତାରିଖରେ ଥାନାରେ ୫୧୭/୨୦୨୧ ନମ୍ବରର ଏତଲା ପଞ୍ଜିକୃତ କରାଯାଇଛି । ଏତଲାରେ ହୋଇଥିବା ଅଭିଯୋଗ ମୁତାବକ ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ (ଏସ୍.ବି.ଆଇ)ର କଟକ ସହର ସ୍ଥିତ ମଧୁପାଟଣା, ଗଣ୍ଡରପୁର ଓ ଅନ୍ୟାନ୍ୟ ଶାଖାର କିଛି ଅଧିକାରୀ ମୁଷ୍ଟିମେୟ ଜମି ମାଫିଆଙ୍କ ସହ ସାମିଲ ହୋଇ ବ୍ୟାଙ୍କର ଦୀର୍ଘସ୍ଥାୟୀ ଉପଭୋକ୍ତା ରାମକୃଷ୍ଣ ଦାଶଙ୍କର ସମ୍ପତ୍ତିକୁ ହଡ଼ପ କରିବା ପାଇଁ ବସିଛନ୍ତି । ଋଣ ଆଣିବା ପାଇଁ ଶ୍ରୀ ଦାଶ ବ୍ୟାଙ୍କଠାରେ ବନ୍ଧକ ରଖିଥିବା ତାଙ୍କର ମୂଲ୍ୟବାନ ସମ୍ପତିକୁ ଚକ୍ରାନ୍ତକାରୀ ମାନେ ଶାଗ ମାଛ ମୂଲ୍ୟରେ ବିକ୍ରି କରିବାର ଯୋଜନା ଭିଆଇଥିବା ଜାଣି ସେ ପିଟିସନ ନମ୍ବର ଏସ. ଏ. ୧୦୪/୨୧ ଜରିଆରେ ପ୍ରଥମେ ଡେବଟ ରିକଭରି ଟ୍ରିବୁନାଲ ଏବଂ ପରେ ରିଟ ପିଟିସନ ନମ୍ବର ୩୦୬୬୪/୨୧ ମାଧ୍ୟମରେ ଓଡ଼ିଶାର ଉଚ୍ଚତମ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ଘଟଣାରୁ ପ୍ରକାଶ ଯେ ଶ୍ରୀ ଦାଶ ଋଣ ପାଇଁ ୨୦୦୪ ମସିହା ରେ ରାଉରକେଲା ଏବଂ ଭୁବନେଶ୍ୱରର ବରମୁଣ୍ଡା ମୌଜା ଠାରେ ଥିବା ତାଙ୍କର ଜମି ଓ ଅଟ୍ଟାଳିକାକୁ ଏସ.ବି. ଆଇକୁ ବନ୍ଧକ ସୂତ୍ରରେ ପ୍ରଦାନ କରିଥିଲେ । ଜଣେ ଆଇନ ପାଳନକାରୀ ନାଗରିକ ଭାବରେ ସେ ନିଜର ଋଣ ପରିଶୋଧ କରି ଆସୁଥିବା ସାଙ୍ଗକୁ ବ୍ୟାଙ୍କ୍ ତରଫରୁ ୱାନ୍ ଟାଇମ୍ ସେଟେଲମେଣ୍ଟ ପାଇଁ ଦିଆଯାଇଥିବା ପ୍ରସ୍ତାବକୁ ଗ୍ରହଣ କରି ପ୍ରଥମ କିସ୍ତି ଭାବରେ ୧୮ ଲକ୍ଷ ୨୫ ହଜାର ଟଙ୍କା ପୈଠ କରିସାରିଥିଲେ । ଏହି ପରିପ୍ରେକ୍ଷୀରେ ହଠାତ୍ ଗତ ୨୫।୧୦।୨୦୨୧ରେ ଏସବିଆଇର କିଛି ଉଚ୍ଚ ପଦସ୍ଥ ଅଧିକାରୀ ଗ୍ୟାରେଣ୍ଟରଙ୍କ ନାମରେ ଥିବା ବରମୁଣ୍ଡା ସ୍ଥିତ ଜମି ଓ ଅଟ୍ଟାଳିକାକୁ ବିକ୍ରି କରିବା ପାଇଁ ନିଲାମ ଆହ୍ୱାନ କରୁଥିବା ଜାଣି ଶ୍ରୀ ଦାଶ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ । ଗ୍ୟାରେଣ୍ଟରଙ୍କୁ ପୂର୍ବ ସୂଚନା ନ ଦେଇ ତାଙ୍କର ସମ୍ପତ୍ତିକୁ ନିଲାମ କରିବା ପରେ ଏହାକୁ ଜବରଦଖଲ କରିବା ପାଇଁ ଭୁଲ ଆନ୍ତିଡେଭିଟର ସାହାରା ନେଇ ସର୍ଫେଇସି ଆଇନ୍ ୨୦୦୨ର ଧାରା ୧୪କୁ ଅପବ୍ୟବହାର କରି ଜିଲ୍ଲାପାଳଙ୍କର ଅନୁମତି ପତ୍ର ହାସଲ କରିବା କଥିତ ବ୍ୟାଙ୍କ୍ ଅଧିକାରୀ ମାନଙ୍କର ଭୟଙ୍କର ଆର୍ଥିକ ଅପରାଧର ବଳିଷ୍ଠ ପ୍ରମାଣ ବହନ କରୁଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶ୍ରୀ ଦାଶଙ୍କର କଥିତ ନିଲାମଭୁକ୍ତ ସମ୍ପତି ଉପରେ ଆଗରୁ ଆସ୍କା ସଭିଲ ଜଜ୍‌ଙ୍କ ଅଦାଲତରୁ ସି.ଆଇ.ଏସ୍ ନଂ.- ଆଇ.ଏ.୦୩/୨୦୨୦ ଅନୁଯାୟୀ ରହିତାଦେଶ ବଳବତ୍ତର ରହିଛି । ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କର ଏତାଦୃଶ ଅସ୍ପୃହଣୀୟ ଆଚରଣକୁ ସାଧାରଣ ରେ ଘୋର ନାପସନ୍ଦ କରାଯାଉଛି । ବିଶେଷ କରି କରୋନା କାଳରେ ସମଗ୍ର ବିଶ୍ୱ ଓ ଦେଶର ଅର୍ଥ ବ୍ୟବସ୍ଥା ଭୁଷୁଡି ପଡିଥିବା ବେଳେ ଏସ.ବି.ଆଇ ଭଳି ବିଶ୍ୱାସନୀୟ ବ୍ୟାଙ୍କ ଶ୍ରୀ ଦାଶଙ୍କ ପରି ଜଣେ ଉଦୀୟମାନ ଶିଳ୍ପଦ୍ୟୋଗୀ ଏବଂ ନିରୀହ ଗ୍ରାହକଙ୍କ ପ୍ରତି ସମବେଦନା ଭାବନା ବ୍ୟକ୍ତ କରିବା ପରିବର୍ତ୍ତେ ଏଭଳି କଠୋର ଅମାନବିକ ଆଚରଣ ଗ୍ରହଣ କରିବା ତୀବ୍ର ନିନ୍ଦନୀୟ ବୋଲି ନ୍ୟାସନାଲ ବ୍ୟାଙ୍କ୍ ୱାଚ୍‌ର ଓଡ଼ିଶା ଶାଖା ସଭାପତି କୃଷ୍ଣ ଚନ୍ଦ୍ର ଆଇଚ ମତପ୍ରକାଶ କରିଛନ୍ତି ।ବର୍ତ୍ତମାନ ଏହି ମାମଲା ଉପରେ ଖଣ୍ଡଗିରି ଥାନାର ଅଧିକାରୀ ଏମ୍.ଡି. ଜାମସେଦ ଅନୁସନ୍ଧାନ ଜାରି ରଖିଥିବା ଜଣାଯାଇଛି । ଅଭିଯୋଗକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଦେବୀ ପ୍ରସାଦ ତ୍ରିପାଠୀ ଉଚ୍ଚ ନ୍ୟାୟାଳୟରେ ମକଦ୍ଦମା ପରିଚାଳନା କରୁଛନ୍ତି ।

# ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ




ଭୁବନେଶ୍ୱର,(ପି.ଏନ) ଆଜି ପୂର୍ବାହ୍ନ ୧୧ଟାରେ ଓଡିଆ ସଂସ୍କୃତି ମଂଚ ପକ୍ଷରୁ ଭୁବନେଶ୍ୱରସ୍ଥ ୟୁଟିଆ ଭବନଠାରେ ଗଣକବି ବୈଷ୍ଣବ ପାଣିଙ୍କ ଜୟ'ୀ ଓ କବି ଡ. ମାୟାଧର ମାନସିଂହଙ୍କ ଶ୍ରାଦ୍ଧ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ୟୁଟିଆର ସଭାପତି ଡ. ଉପେନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ମଧ ବିଧାୟକ ଅନ' ନାରାୟଣ ଜେନା,ପିପିଲି ବିଦାୟକ ରୁଦ୍ରପ୍ରସାଦ ମହାରଥି, ପୂର୍ବତନ ଗଣଶିକ୍ଷା ନିର୍ଦ୍ଦେଶକ ଶରତ ଚନ୍ଦ୍ର ବିଶ୍ୱାଳଙ୍କ ସମେତ ନାରାୟଣ ମୁଦୁଲି, ଲଡୁକିଶୋର ପଡିହାରି ପ୍ରମୁଖ ଯୋଗଦେଇ ଗଣକବି ବୈଷ୍ଣବ ପାଣି ଓ ମାୟାଧର ମାନସିଂହଙ୍କ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଓ ୟୁଟିଆର ବହୁ କର୍ମକର୍ତା ଏଥିରେ ଅଂଶଗ୍ରହଣ କରିଥିଲେ ।

# ପୋଲିସ କାର୍ଯ୍ୟନୁଷ୍ଠାନ ନେଉ ନଥିବା ଅଭିଯୋଗ

କେନ୍ଦୁଝର(ପିଏନ) ଝୁମ୍ପୁରା ତହସିଲ ଅନ୍ତର୍ଗତ ବସନ୍ତପୁର ପଞ୍ଚାୟତର ନଇବୁଗା ପଂଚାୟତ ରାସ୍ତାକୁ କେତେକ ମୃଷ୍ଟିମେୟ ଲୋକ ଜେସିବି ମେସିନ ଦ୍ୱାରା ରାସ୍ତା କାଟି ଦେବା ଘଟଣାକୁ ନେଇ ବିବାଦ ଘନୀଭୂତ ହେବାରେ ଲାଗିଛି । ଏହି ଘଟଣାକୁ ନେଇ ଚମ୍ପୁଆ ଉପଜିଲ୍ଲାପାଳ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ କରି ରାସ୍ତା କାଟିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଏହି ବେଆଇନ କାମ ପ୍ରତିବାଦରେ ସ୍ଥାନୀୟ ବସନ୍ତପୁର ସରପଞ୍ଚ ଲିପାରାଣୀ ନାୟକ ବାମେବାରୀ ଥାନାରେ ଲିଖିତ ଏତଲା ଦେଇଥିଲେ ହେଁ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଅସନ୍ତୋଷ ବଢୁଛି । ପ୍ରକାଶ ଯେ, ଉକ୍ତ ଗ୍ରାମ୍ୟ ରାସ୍ତା ୧୯୬୫ ମସିହାରୁ ଓଏମ୍‌ସି ଖଣି ପରିବହନ ପାଇଁ ବ୍ୟବହାର କରାଯାଇ ଆସୁଥିଲା । ସେହି ରାସ୍ତାରେ ଗ୍ରାମବାସୀ ମଧ୍ୟ ଯାତାୟତ କରୁଥିଲେ । ତେବେ ଦୀର୍ଘ ପ୍ରାୟ ୧୦୦ ବର୍ଷ ପରେ ୨ଜଣ ଆଦିବାସୀ ରାଇମଣୀ ଚମ୍ପିଆ ଓ ଜୟରାମ ମୁଣ୍ଡା ଚମ୍ପୁଆ ଉପଜିଲ୍ଲାପାଳଙ୍କ କୋର୍ଟରେ ତାଙ୍କ ଜମି ଉପରେ ମେସର୍ସ ତାରିଣୀ ପ୍ରସାଦ ମହାନ୍ତି ଜବର ଦଖଲ କରି ରାସ୍ତା ନିର୍ମାଣ କରି ଖଣି ପରିବହନ କରୁଥିବା ଅଭିଯୋଗ କରିଥିଲେ । ଅଭିଯୋଗ ପରେ ଏହି ରାସ୍ତା ଉପରେ ଉପଜିଲ୍ଲାପାଳ ଜମି ଚିହ୍ନଟ ପାଇଁ ପାଇଁ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ ଦେଇଥିଲେ । ୨୧ ତାରିଖ ଦିନ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ମାପଚୁପ କରାଯାଇଥିଲା । ଜମି ମାପଚୁପ ବେଳେ ଝୁମ୍ପୁରା ଅତିରିକ୍ତ ତହସିଲଦାର କ୍ରେସନସିୟା ତିର୍କି କହିଥିଲେ ଉପଜିଲ୍ଲାପାଳଙ୍କ ଫାଇନାଲ ଅର୍ଡର ହେବା ପର୍ଯ୍ୟନ୍ତ ଜମି ଯେପରି ଅଛି ସେପରି ରହିବ ଏବଂ ଯେପରି ବ୍ୟବହାର ହେଉଛି ସେପରି ବ୍ୟବହାର ହେବ । କିନ୍ତୁ ତାଙ୍କ ଆଦେଶକୁ ଅବମାନନା କରି କେତେକ ମୃଷ୍ଟିମେୟ ଲୋକ ରାସ୍ତା କାଟି ଦେବା ଫଳରେ ବିବାଦୀୟ ପରିସ୍ଥିତି ଦେଖାଦେଇଛି । ଜେସିବି ମେସିନ ସହାୟତାରେ ରାସ୍ତାକୁ କାଟି ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ କରିବା ଫଳରେ ଗାଁ ଅଶାନ୍ତ ହୋଇପଡିଛି । ଏହି ରାସ୍ତା ଉପରେ ଚୁଡିସାହି,ମୁଣ୍ଡାସାହି,ସାକ୍ରାଡିହି,ନଇବୁଗା ଆଦି ୧୦ଟି ସାହି ବିଚ୍ଛିନ୍ନ ହୋଇଯିବା ଫଳରେ ପାଣି,ଆମ୍ବୁଲାନ୍ସ,ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣରେ ବାଧାପ୍ରାପ୍ତ ହୋଇଥିଲା । ଏହି ବେଆଇନ ରାସ୍ତା ଖୋଳା ନେଇ ସ୍ଥାନୀୟ ସରପଞ୍ଚ ବାମେବାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ବାମେବାରୀ ପୋଲିସ ପକ୍ଷରୁ ତତ୍ପରତା ପ୍ରଦର୍ଶନ କରୁନଥିବାରୁ ଉକ୍ତ ଅଞ୍ଚଳ ଅଶାନ୍ତ ହୋଇପଡିଛି । ଗତକାଲି ରାସ୍ତାର ସ୍ଥିତାବସ୍ଥା ଫେରାଇ ଆଣିବାକୁ ଝୁମ୍ପୁରା ତହସିଲଦାର ପ୍ରତିମା ପୃଷ୍ଟି ଏବଂ ଏସ୍‌ଡିପିଓ ବଡବିଲ ହିମାଂଶୁ ବେହେରାଙ୍କ ଉପସ୍ଥିତିରେ ଉଦ୍ୟମ କରିଥିଲେ ହେଁ କିଛି ଅସାମାଜିକ ଲୋକ ଗଣ୍ଡଗୋଳ କରି କାମ କରାଇ ଦେଇନଥିଲେ । ପୋଲିସ ନୀରବଦ୍ରଷ୍ଟା ସାଜି ଚୁପ ବସିଥିବାବେଳେ ଅସାମାଜିକ ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ନେଇନଥିଲା । ଏନେଇ ଉପଜିଲ୍ଲାପାଳ ଚମ୍ପୁଆ ପ୍ରତାପ ପ୍ରିତିମୟଙ୍କ ସହ ଯୋଗାଯୋଗ କରିବାରୁ ରାସ୍ତାର ମାପଚୁପ ପାଇଁ କୁହାଯାଇଥିଲା । ଯେଉଁମାନେ ରାସ୍ତା କାଟିଛନ୍ତି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ କୁହାଯାଇଛି । ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଗତକାଲି ରାତିରେ କିଛି ଲୋକ ଉକ୍ତ ରାସ୍ତାକୁ ପୁଣି ଥରେ ହାଣି ଦେଇଥିବାରୁ ଯାତାୟତ ବ୍ୟାଘାତ ହୋଇଛି । ସରପଞ୍ଚଙ୍କ ଅଭିଯୋଗ ଅନୁଯାୟୀ ବ୍ରହ୍ମେଶ୍ୱର ମହାକୁଡ,ସୁବାସ ମହାକୁଡ,ମଦନ ମୋହନ ବେହେରା,ସୁବ୍ରତ ପଲେଇଙ୍କ ସମେତ ଅନ୍ୟମାନେ ତାଙ୍କୁ ଜାତିଆଣ ଗାଳିଗୁଲଜ କରିବା ସହ ୨ଟି ଜେସିବି ମେସିନ ସାହାଯ୍ୟରେ ରାସ୍ତା କାଟିଥିବା ନେଇ ଅଭିଯୋଗ କରିଛନ୍ତି । ଦୁଇ ଦୁଇ ଥା ରାସ୍ତା କାଟିବା ପରେ ଅଭିଯୋଗ ପରେ ପୋଲିସ କାର୍ଯ୍ୟନୁଷ୍ଠାନ ନେଉନଥିବାରୁ ସ୍ଥାନୀୟ ଗ୍ରାମବାସୀ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି । କିଛି ଖଳ ପ୍ରକୃତିର ଲୋକ ପରିବହନ କାର୍ଯ୍ୟ ହାତେଇବା ପାଇଁ ଆଦିବାସୀଙ୍କୁ ଢାଲ କରି ବାରମ୍ବାର ଗଣ୍ଡଗୋଳ କରୁଥିବା ଟିପି ମହାନ୍ତି ଖଣିର ପରିଚାଳକ ଇଂ ଚନ୍ଦ୍ରଶେଖର ଜେନା ପ୍ରକାଶ କରିଛନ୍ତି । ଆଦିବାସୀଙ୍କ ଜମି ଟିପି ମହାନ୍ତି ଖଣି ଜବର ଦଖଲ କରିନାହିଁ । ଏହି ରାସ୍ତା ବହୁ ବର୍ଷ ଧରି ଜନସାଧାରଣ ବ୍ୟବହାର କରୁଛନ୍ତି । ଗ୍ରାମ୍ୟ ରାସ୍ତା ଦୀର୍ଘ ବର୍ଷ ଧରି ଜନସାଧାରଣ ବ୍ୟବହାର କରୁଥିବାବେଳେ ଅଭିଯୋଗ ପରେ ସୁପରଭାଇଜର ଭୁବନାନନ୍ଦ ନାୟକ,ମଲଦା ରାଜସ୍ୱ ନୀରିକ୍ଷକ ସୋନାଲୀ ସେଠୀ ଏବଂ ଅମିନ ସୁରେଶ ନାୟକ ଠିକ୍ ଭାବରେ ମାପଚୁପ ନକରି ନଥିବା ସ୍ଥାନୀୟ ସରପଞ୍ଚ ଅଭିଯୋଗ କରିଛନ୍ତି । ମାପଚୁପ କରୁଥିବା କର୍ମଚାରୀ ପ୍ରଭାବିତ ହୋଇ ଚିହ୍ନଟ କରିଥିବା ସେ ଅଭିଯୋଗ କରିବା ସହ ଚମ୍ପୁଆ ଉପଜିଲ୍ଲାପାଳ ଏ ଦିଗରେ ତ୍ୱରିତ ପଦକ୍ଷେପ ନେଇ ଅନ୍ୟ ସର୍କଲରୁ କର୍ମଚାରୀ ଆଣି ମାପଚୁପ କରିବାକୁ ସେ ଦାବୀ କରିଛନ୍ତି । ଏଥିସହ ଏହି ଅଞ୍ଚଳରେ ଦୀର୍ଘ ଦିନ ଧରି ଅରାଜକତା କରୁଥିବା ଲୋକଙ୍କୁ ଗିରଫ କରି ଶାନ୍ତି ଫେରାଇ ଆଣିବାକୁ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଦାବୀ କରିଛନ୍ତି ।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK
ପର୍ଯ୍ୟବେକ୍ଷକ



Bhubaneswar Saturday October 23, 2021 | ଭୁବନେଶ୍ୱର ଶନିବାର, ଅକ୍ଟୋବର ୨୩,୨୦୨୧ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮


## ସାମକୋ ମ୍ୟୁଚୁଆଲ ଫଣ୍ଡ ଓଡିଶା ବଜାରରେ ୧୦ ପ୍ରତିଶତ ଏମ୍ଏଫ୍ଡିଏସ୍ ହାସଲ ଲକ୍ଷ୍ୟ ରଖିଛି

ଭୁବନେଶ୍ୱର,(ପି.ଏନ): ସାମକୋ ମ୍ୟୁଚୁଆଲ ଫଣ୍ଡ ଓଡିଶାରେ ଏହାର ବ୍ୟବସାୟକୁ ବିସ୍ତାର କରିବାକୁ ଯୋଜନା ପ୍ରସ୍ତୁତ କରିଛି। ସାରା ରାଜ୍ୟରେ ୩୦୦ରୁ ଅଧିକ ବିତରକଙ୍କ ସହିତ ମିଳିତ ଭାବେ କାରବାର ବୃଦ୍ଧି ସହ ୧୦ ପ୍ରତିଶତ ଏମ୍ଏଫ୍ଡିଏସ୍ ହାସଲ ଲକ୍ଷ୍ୟ ୨୦୨୧ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରଖିଛି। ଭାରତର ଜିଡିପିରେ ଓଡିଶାର ୨.୫୮ ପ୍ରତିଶତ ଯୋଗଦାନ ରହିଛି। ତେବେ ମ୍ୟୁଚୁଆଲ ଫଣ୍ଡ ଇଣ୍ଡଷ୍ଟ୍ରିରେ ରାଜ୍ୟର ଯୋଗଦାନ ମାତ୍ର ୦.୯୮ ପ୍ରତିଶତ। ଏହାର ଅର୍ଥ ହେଉଛି ନିବେଶକମାନ ଅଙ୍କ ସଂଖ୍ୟା ଅତି କମ୍ ରହିଛି। ଅଭିବୃଦ୍ଧିର ପ୍ରମୁଖ ବଜାର ମଧ୍ୟରେ ଭୁବନେଶ୍ୱରକୁ ଚିହ୍ନଟ କରି ସାମକୋ ମ୍ୟୁଚୁଆଲ ଫଣ୍ଡ ଏଠାରେ କାରବାର ବୃଦ୍ଧିର ଯୋଜନା କରିଛି। ସାମକୋ ଗ୍ରୁପ ପକ୍ଷରୁ ଗ୍ରାହକଙ୍କ ପାଇଁ ଉପଯୁକ୍ତ ଉତ୍ପାଦ ଏବଂ ସମାଧାନ ଉପଲବ୍ଧ କରାଯାଇଛି। ବିନିଯୋଗ ହେଉଛି ବ୍ୟବସାୟ ସହିତ ଟଙ୍କା ରୋଜଗାର କରିବା ପାଇଁ ଏକ ଆର୍ଥିକ ରଣନୀତି। ସାମକୋର ଉତ୍ପାଦ ଗୁଡ଼ିକ ପରୀକ୍ଷଣ କରାଯିବା ପରେ ଡିଜାଇନିଂ କରାଯାଇଛି। ଏହା ବିଭିନ୍ନ ମାକ୍ରୋ ଏବଂ ମାଇକ୍ରୋ ଇକୋନୋମିକ ଚାପରେ ମଧ୍ୟ ସ୍ଥିଷ୍ଟି ରହିବାକୁ ସକ୍ଷମ। ସମକୋ ହେକ୍ସାଶିଲ୍ଡ ଫ୍ରେମୱାର୍କ ଏକ୍ଷେତ୍ରରେ ବିଶେଷ ଉପଯୋଗୀ ସାବ୍ୟସ୍ତ ହୋଇଥାଏ।ଏହି ଅବସରରେ ସାମକୋ ଆସେଟ ମ୍ୟାନେଜମେଂଟ ପ୍ରାଇଭେଟ ଲିମିଟେଡର ସିଇଓ ଉମେଶକୁମାର ମେହେଟ୍ଟା କହିଲେ, ଭୁବନେଶ୍ୱର ଫଣ୍ଡ ହାଉସ ଏବଂ ପରାମର୍ଶଦାତାମାନଙ୍କ ପାଇଁ ହଟସ୍ପଟ ଭାବେ ଉଭା ହୋଇଛି। ଆମେ ଛୋଟ ସହରରେ ମ୍ୟୁଚୁଆଲ ଫଣ୍ଡ ବିଷୟରେ ସଚେତନତା ବୃଦ୍ଧି ପାଇଁ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରୁଛୁ। ରାଜ୍ୟର ସାମଗ୍ରିକ ଜନସଂଖ୍ୟା ତୁଳନାରେ ସକ୍ରିୟ ନିବେଶକଙ୍କ ସଂଖ୍ୟା ଅତ୍ୟନ୍ତ କମ୍। ଅଟେ ସଠିକ ଉତ୍ପାଦ ଏବଂ ବିତରଣ ନେଟୱାର୍କ ଦ୍ୱାରା ଆମେ ଆମର ଧାର୍ଯ୍ୟ ଲକ୍ଷ ୟପୂରଣ କରିବାକୁ ସକ୍ଷମ ହେବୁ। ଏହି ଅବସରରେ ସାମକୋ ଗ୍ରୁପ୍‌ର ପୂର୍ବ ଜୋନାଲ ମୁଖ୍ୟ ଶତାଦ୍ରୁ ଗୁପ୍ତା କହିଲେ, ଆମେ ହାଇଦ୍ରାବାଦରେ ଆମର ବ୍ୟବସାୟକୁ ବିସ୍ତାର କରିପାରିଥିବାରୁ ବେଶ୍ ଉତ୍ସାହିତ। ଏଥି ପାଇଁ ରାଜ୍ୟରେ ଆମେ ଶ୍ରେଷ୍ଠ ଟିମ୍‌କୁ ନିଯୁକ୍ତ କରିଥିଲୁ। ହାଇଦ୍ରାବାଦର ବିତରକମାନେ ସେମାନଙ୍କ ନିବେଶକଙ୍କ ପାଇଁ ଆକର୍ଷଣୀୟ ଉତ୍ପାଦ ଯୋଗାଇବାକୁ ପ୍ରତିଶ୍ରୁତିବଦ୍ଧ। ସୂଚନାଯୋଗ୍ୟ, ସାମକୋ ଆସେଟ ମ୍ୟାନେଜମେଂଟ ପ୍ରାଇଭେଟ ଲିମିଟେଡର ୨୫୦୦୦୦ରୁ ଅଧିକ ଗ୍ରାହକ ରହିଛନ୍ତି। ଏହା ଡିସକାଉଂଟ ବ୍ରୋକିଂ ଇଣ୍ଡଷ୍ଟ୍ରିରେ ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ କମ୍ପାନୀ। କମ୍ପାନୀ ଏହାର ଗ୍ରାହକମାନଙ୍କ ପାଇଁ ସମସ୍ୟାର ସମାଧାନ ଯୋଗାଇଦେବାର କାର୍ଯ୍ୟ କରିଥାଏ।

## ବିଜେପି ନେତା ଧନୁର୍ଜୟ ସିଦ୍ଧୁ ବିଜେଡିରେ ମିଶିବା ନେଇ ଚର୍ଚ୍ଚା

କେନ୍ଦୁଝର: ବିଜେପି ନେତା ଧନୁର୍ଜୟ ସିଦ୍ଧୁ ବିଜେଡି ଦଳରେ ମିଶିବା ନେଇ ଜିଲ୍ଲାବ୍ୟାପି ଚର୍ଚ୍ଚା ହେଉଛି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଜେପି ସହ ସମ୍ପର୍କ ତୁଟାଇ ସେ ତାଙ୍କ ସମର୍ଥକଙ୍କ ସହ ବିଜେଡିରେ ମିଶିବା ନେଇ କଳ୍ପନାଜଳ୍ପନା ହେଉଛି। ଗତ କିଛି ମାସ ଧନୁର୍ଜୟ ସିଦ୍ଧୁ ଶାରିରୀକ ଅସୁସ୍ଥତା କାରଣ ଦର୍ଶାଇ ବିଜେପିର ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେଉନାହାନ୍ତି। ବିଜେଡିର ଶୀର୍ଷ ନେତାଙ୍କ ସହ ତାଙ୍କର ଆଲୋଚନା ସରିଥିବାବେଳେ ଆଗାମୀ କିଛି ଦିନ ମଧ୍ୟରେ ବିଜେଡିରେ ଆନୁଷ୍ଠାନିକ ଭାବେ ଯୋଗ ଦେବେ। ୨୦୧୯ ନିର୍ବାଚନରେ ସେ ୫୯୨୦ ଖଣ୍ଡ ଭୋଟ ବ୍ୟବଧାନରେ ବିଜେଡିର ପ୍ରେମାନନ୍ଦ ନାୟକଙ୍କଠାରୁ ପରାଜିତ ହୋଇଥିଲେ। ତେଲକୋଇ ନିର୍ବାଚନ ମଣ୍ଡଳୀରେ ତାଙ୍କର ସଂଗଠନ ସୁଦୃଢ଼ ରହିବା ସହ ପ୍ରଭାବ ରହିଛି। ତେଲକୋଇ ନିର୍ବାଚନ ମଣ୍ଡଳୀରେ ବିଜେପି ସଂଗଠନ ଦୁର୍ବଳ ଥିବାବେଳେ ଧନୁର୍ଜୟ ସିଦ୍ଧୁ କଂଗ୍ରେସ ଛାଡି ୨୦୧୭ରେ ବିଜେପିରେ ସାମିଲ ହୋଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ବିଜେପି ତାଙ୍କୁ ତେଲକୋଇ ନିର୍ବାଚନମଣ୍ଡଳୀରୁ ଦଳୀୟ ଟିକେଟ ଦେବା ପରେ ଭଲ ପ୍ରଦର୍ଶନ କରି ଅଳ୍ପ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। ବିଜେପି ୨୦୧୯ ରେ ୩୮.୬୩ ପ୍ରତିଶତରେ ୬୮୨୨୮ ଭୋଟ ପାଇଥିଲା। ୨୦୧୪ ରେ ତେଲକୋଇ ନିର୍ବାଚନ ମଣ୍ଡଳୀରେ ବିଜେପି ୧୨.୫୨ ପ୍ରତିଶତରେ ୨୧୦୧୮ ଖଣ୍ଡ ଭୋଟ ପାଇଥିଲା। ଧନୁର୍ଜୟ ସିଦ୍ଧୁ ଅନୁସୂଚିତ ଜନଜାତି ବର୍ଗର ହୋଇଥିବାବେଳେ ତେଲକୋଇ ନିର୍ବାଚନ ମଣ୍ଡଳୀରେ ନିଜର ରଣକୌଶଳ ପାଇଁ ଦଳକୁ ସୁଦୃଢ଼ କରିଥିଲେ।

## ସରକାରୀ ବାସଭବନ ଛାତ ଧାନ କିଆରୀର ଭ୍ରମ ସୃଷ୍ଟି କରୁଛି

ଖଣ୍ଡପଡା : ପ୍ରତିବର୍ଷ ସରକାରୀ ବାସଭବନଗୁଡିକର ରକ୍ଷଣାବେକ୍ଷଣ ଓ ଆନୁସଙ୍ଗିକ ମରାମତି ବାବଦରେ ରାଜ୍ୟ ସରକାର ଲକ୍ଷଲକ୍ଷ ଟଙ୍କା ବ୍ୟୟ କରୁଛନ୍ତି । ମାତ୍ର ସରକାରୀ ବାସଭବନଗୁଡିକରେ ରହୁଥିବା କର୍ମଚାରୀଙ୍କ ଦାୟିତ୍ୱ ହୀନତା ଓ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ସରକାରୀ ଅନୁଦାନ ଅର୍ଥ କିଭଳି ପାଣିରେ ପଡୁଛି ତାହା ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ବାସଭବନର ଛାତଗୁଡିକୁ ଦେଖିଲେ ସ୍ପଷ୍ଟ ବାରି ହୋଇପଡୁଛି। ଗ୍ରୀଷ୍ମ ଋତୁରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳିରୁ ରକ୍ଷା ପାଇବା ନିମନ୍ତେ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ଘରର ଛାତ ଉପରେ ନଡା ବିଛାଇଥିଲେ । ଗ୍ରୀଷ୍ମଋତୁ ଯାଇ ଏବେ ବର୍ଷା ଋତୁ ଚାଲିଥିଲେ ମଧ ବର୍ଷାଦିନ ପୂର୍ବରୁ ଘରର ଛାତ ଉପରୁ ନଡା ବିଡାଗୁଡିକ ସଫା କରାଯାଇ ନଥିବାରୁ ଏବେ ସେଥିରେ ଥିବା ଧାନ ଗଜା ହୋଇ ଗଛ ଉଠିଛି । ଫଳରେ ସରକାରୀ ବାସଗୃହର ଛାତ ଉପର ସାରା ଧାନଗଛ ଠିଆ ହୋଇଥିବାରୁ ଏହା ଦୂରରୁ ଏକ ଧାନ କିଆରୀ ପରି ପ୍ରତୀୟମାନ ହେଉଛି । ଦୈନିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ଆସୁଥିବା ଜନସାଧାରଣଙ୍କ ନଜରକୁ ଏହି ଧାନଗଛଗୁଡିକ ଆସୁଥିବା ବେଳେ ଉକ୍ତ ବାସଭବନରେ ରହୁଥିବା କର୍ମଚାରୀମାନେ ଏଥିପ୍ରତି ଦୃଷ୍ଟି ନଦେବା ଆଶ୍ଚର୍ଯ୍ୟର ବିଷୟ । ସୂଚନାଯୋଗ୍ୟ ଧାନଗଛଗୁଡିକ ଯୋଗୁଁ ବାସଭବନର ଛାତ ଉପରେ ବର୍ଷା ପାଣି ଜମି ରହିବା ଫଳରେ ସ୍ୱଳ୍ପ ଦିନ ମଧ୍ୟରେ ସିମେଂଟ କଂକ୍ରିଟ ଛାତରୁ ପାଣି ଗଳି ଘରଗୁଡିକ ନଷ୍ଟ ହୋଇଯାଉଥିବାର ନଜିର ରହିଛି । ତେଣୁ ଖଣ୍ଡପଡା ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ଏଥିପ୍ରତି ଦୃଷ୍ଟିଦେଇ ଘରର ଛାତ ଉପରୁ ଧାନଗଛଗୁଡିକୁ ତୁରନ୍ତ ହଟାଇବାକୁ ସାଧାରଣରେ ଦାବି ହେଉଛି ।

## ମାଗଣା ଚକ୍ଷୁ ଚିକିତ୍ସା ଶିବିର

ଆନନ୍ଦପୁର: ଆନନ୍ଦପୁର ସ୍ଥିତ ଟୁକୁଣା ବଳଭଦ୍ର ନାରାୟଣ ମହାବିଦ୍ୟାଳୟରେ ଏନ୍ଏସ୍ଏସ୍ ୟୁନିଟ୍-୧, ଏନ୍ଏସ୍ଏସ୍ ୟୁନିଟ୍-୨ ଓ ୱାଇଆରସିର ମିଳିତ ସହଯୋଗରେ ଯାଜପୁର ଭୂମିକା ଚକ୍ଷୁ ହସ୍ପିଟାଲ ଦ୍ୱାରା ରୋଗୀ ମାନଙ୍କ ମୋତିଆବିନ୍ଦୁ ଚିହ୍ନଟ କରାଯିବା ପରେ ଯାଜପୁର ଭୂମିକା ହସ୍ପିଟାଲ ନେଇ ମାଗଣା ଅପରେସନ୍ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ସାହୁ, ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଦର୍ଶନ ସାହୁ, ଡଃ. ଗୋପୀନାଥ ପଣ୍ଡା, ମନୋରଜନ ପାଢୀ, କିରାଣୀ ଯଦୁମଣି ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବା ସହିତ ଦିବ୍ୟଜ୍ୟୋତି ମୁଦୁଲି, ସତ୍ୟବ୍ରତ ଦେବତା, ରୁଦ୍ରନାରାୟଣ ମିଶ୍ର, ବିଶ୍ୱଜିତ ସାହୁ, ଶୁଭଶ୍ରୀ ମହାନ୍ତ, ପ୍ରିୟଙ୍କା ସିଂ, ସ୍ୱପ୍ନାରାଣୀ ମହାନ୍ତ, ପ୍ରତିକ୍ଷା ମିଶ୍ର, ଝୁନୁଲତା ମହାନ୍ତି, ପୂର୍ଣ୍ଣିମା ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ ।

## ଆନନ୍ଦପୁର ମହାବିଦ୍ୟାଳୟରେ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କର ତାଲିମ୍ ଶିବିର

ଆନନ୍ଦପୁର: ଆନନ୍ଦପୁର ମହାବିଦ୍ୟାଳୟରେ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କର ଦ୍ୱିତୀୟ ଦିବସ ତାଲିମ ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡଃ. ଦିଲ୍ଲୀପ କୁମାର ଦାଶ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଦିବସରେ ପରିବେଶ ସଚେତନତା ଶୀର୍ଷକ ଗ୍ଲୋବାଲ ୱାର୍ମିଙ୍ଗ ବିଷୟରେ ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପକ ଡଃ. ଦିବ୍ୟ ଲୋଚନ ଭୂୟାଁ ବକ୍ତବ୍ୟ ପ୍ରଦାନ କରିଥିଲେ । ଏଚ୍ଆଇଭି ଏଡ୍ସ ସଚେତନତା ସମ୍ପର୍କରେ କନକ ମରୀ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପକ ଚିନ୍ତାମଣୀ ବେହେରା ଏବଂ ଫାଷ୍ଟଏଡ୍ ସମ୍ବନ୍ଧରେ କୁଶଳେଶ୍ୱର ଆଂଚଳିକ ମହାବିଦ୍ୟାଳୟର ଅଧ୍ୟାପକ ବିଜୟ କୁମାର ସାହୁ ଏବଂ ଆନନ୍ଦପୁର ମେଡିକାଲର ଡାକ୍ତର ଜଗନ୍ନାଥ ଦାଶ ବକ୍ତବ୍ୟ ପ୍ରଦାନ କରିଥିଲେ। ଉମାକାନ୍ତ ନାୟକ ଗତକାଲିର ତାମିଲ ସମ୍ବନ୍ଧରେ ପିଲାମାନଙ୍କୁ ସଚେତନ କରିଥିଲେ । ଡଃ. କମଳିନୀ ପାଣିଗ୍ରାହୀ, ପ୍ରଧାପକ ଶିବଚରଣ ବେହେରା, ନରେନ୍ଦ୍ର କୁମାର ସାହୁ, ମନୋରଜନ ପାଢୀ, ଗୀତାଳି ମିଶ୍ର, ଅଧ୍ୟାପକ ଭଗବାନ ସାହୁ, ରଘୁଦିପ୍ତୀ ନାୟକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ୱେଚ୍ଛାସେବୀ ମାନଙ୍କ ମଧ୍ୟରେ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଅପରାହ୍ନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ପ୍ରଫୁଲ କୁମାର ପଣ୍ଡା, ଉପେନ୍ଦ୍ର ମିଶ୍ର, ପୁଷ୍ପଲତା ରାମ, ସୁଲୋଚନା ସାହୁ, ଅନନ୍ତ ଚରଣ ସାହୁ, ଲକ୍ଷ୍ମୀଧର ପାତ୍ର, ବିଶ୍ୱଜିତ ରାଉତ, ଦିବ୍ୟଲୋଚନ ସାହୁ, ଦେବବ୍ରତ ରାମ ପ୍ରମୁଖ ପରିଚାଳନା କରିଥିଲେ ।

## ରେନୋ କାଇଗର ଏହାର ସେଗମେଂଟରେ ସର୍ବୋତ୍ତମ ୨୦.୫ କିମି/ଲି. ର ମାଇଲେଜ୍ ପ୍ରଦାନ କରୁଛି

ନୂଆଦିଲ୍ଲୀ : ରେନୋ, ଭାରତରେ ୧୦ମ ବର୍ଷରେ ପଦାର୍ପଣ କରିଛି, ଆଜି ଏହାର ଚାରି ମିଟରରୁ କମ୍ କମ୍ପାକ୍ଟ ଏସୟୁଭି, କାଇଗର ର ଆଉ ଏକ ସଫଳତା ସମ୍ପର୍କରେ ଘୋଷଣା କରିଛି। ଏଥିରେ ରହିଛି ବିଶ୍ୱଶ୍ରେଣୀୟ ଟର୍ବୋଚାର୍ଜଡ୍ ୧.୦ ଲି ପେଟ୍ରୋଲ୍ ଇନ୍। କାଇଗର କେବଳ କାର୍ଯ୍ୟଦକ୍ଷତା ଓ ସ୍ପୋର୍ଟି ଡ୍ରାଇଭ୍ ପ୍ରଦାନ କରେ ନାହିଁ ବରଂ ଏଥିରେ ରହିଛି ଏହି ସେଗମେଂଟରେ ସର୍ବୋତମ ଶ୍ରେଣୀୟ ୨୦.୫ କିମି/ଲି. ର ଇନ୍ଧନ ଦକ୍ଷତା ଯାହାକି ଏଆରଏଆଇ ଟେଷ୍ଟିଂ ପ୍ରମାଣନ ଅନୁସାରେ ଅଟେ। ରେନୋ କାଇଗରରେ ରହିଛି ତିନି- ସିଲିଣ୍ଡର ଟର୍ବୋଚାର୍ଜଡ୍ ୧.୦ ଲିଟର ପେଟ୍ରୋଲ୍ ଇନ୍ ଓ ୧୦୦ ପିଏସର ପାୱାର ଆଉଟପୁଟ୍ ଓ ୧୬୦ ଏନଏମ ର ଟର୍କ (୫ ସ୍ପିଡ୍ ମାନୁଆଲ୍ : ୨୮୦୦-୩୬୦୦ ଆରପିଏମ୍ ମଧ୍ୟରେ ଉପଲବ୍ଧ)। ଏହି ଇନ୍ ବିଶ୍ୱସନୀୟତା ଓ ଦୀର୍ଘସ୍ଥାୟୀତ୍ୱ ପାଇଁ ପରୀକ୍ଷିତ, ଏବଂ ଏହା ସଦ୍ୟତମ ବୈଷୟିକି ନୂତନତା ପ୍ରଦାନ କରେ ଯାହାକି ୟୁରୋପରେ କ୍ଲିଓ ଓ କ୍ୟାପଚରରେ ଦେଖିବାକୁ ମିଳିଥାଏ। ରେନୋ କାଇଗର ଦୁଇଟି ଇନ ବିକଳ୍ପରେ ଉପଲବ୍ଧ ହେଉଛି ଯଥା ୧.୦ ଲି ଏନର୍ଜି ଓ ୧.୦ ଲି ଟର୍ବୋ ଓ ଏହାର ପ୍ରାରମ୍ଭିକ ମୂଲ୍ୟ ରହିଛି ଟ.୫.୬୪ ଲି.। ଏଥିରେ ରହିଛି ୨ ପେଡାଲ୍ ଅଫରିଂ ଏଏମଟି ଓ ସିଭିଟି ଓ ଏହା ସହିତ ରହିଛି ମଲ୍‌ଟି-ସେନ୍ସ ଡ୍ରାଇଭ୍ ମୋଡ୍ ଯାହାକି ଉନ୍ନତ ଇନ୍ଧନ ଦକ୍ଷତା ଓ କାର୍ଯ୍ୟଦକ୍ଷତା ୩ ଟି ମାଧ୍ୟମରେ ପ୍ରଦାନ କରେ (ଇକୋ, ନର୍ମାଲ୍ ଓ ସ୍ପୋର୍ଟ)। ଗ୍ରାହକମାନେ ପାଂଚଟି ଉପଲବ୍ଧ ଟ୍ରିମ୍ ମଧ୍ୟରୁ ବାଛି ପାରିବେ ଯଥା - ଆରଏକ୍ସଇ, ଆରଏକ୍ସଏଲ୍, ଆରଏକ୍ସଟି, ଆରଏକ୍ସଟି (ଓ) ଓ ଆରଏକ୍ସଜେଡ୍। ପ୍ରତ୍ୟେକ ଭର୍ସନକୁ ଗ୍ରାହକଙ୍କ ଆବଶ୍ୟକତା ଓ ସୁବିଧାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ




କରାଯାଇଛି ଓ ଏହାର ମୂଲ୍ୟ ମଧ୍ୟ ବହୁତ ଆକର୍ଷଣୀୟ ରହିଛି। ଗ୍ରାହକମାନେ ପ୍ରତି ସ୍ତରରେ ଆକର୍ଷଣୀୟ ସୁବିଧା ପାଇପାରିବେ ଓ ଉଚ୍ଚତମ ଭାରିଆଂଟରେ ଷ୍ଟାଇଲିସ୍ ଡୁଆଲ୍ ଟୋନ୍ କମ୍ବିନେସନ ମଧ୍ୟ ପାଇପାରିବେ। ଆକର୍ଷଣୀୟ କୁପ୍ ଏସୟୁଭି ଡିଜାଇନ୍, ଉତ୍କୃଷ୍ଟ ସ୍ପେସ/ୟୁଟିଲିଟି, ସ୍ମାର୍ଟ ବୈଶିଷ୍ଟ୍ୟ ଓ ବିଶ୍ୱଶ୍ରେଣୀୟ ସ୍ପୋର୍ଟି ଇନ୍ ସହିତ ରେନୋ କାଇଗର ହେଉଛି ଭାରତୀୟ ଅଟୋମେଟିଭ୍ ବଜାରରେ ଏକ ଆଧୁନିକ ଉତ୍ପାଦ। ଭାରତରେ ଏହା ଏକ ସ୍ପୋର୍ଟି, ସ୍ମାର୍ଟ ଓ ଚମତ୍କାର ବି-ଏସୟୁଭି, ରେନୋ କାଇଗର ଏହାର ଉପସ୍ଥିତିକୁ ବିଶ୍ୱ ବଜାରରେ ପ୍ରମାଣିତ କରିଛି। ରେନୋ ଏହାର କାଇଗରକୁ ଦକ୍ଷିଣ ଆଫ୍ରିକାର ଓ ସାର୍କ ବଜାରକୁ ରପ୍ତାନୀ କରିଛି ଓ ଆହୁରି ଅନେକ ଆନ୍ତର୍ଜାତିକ ବଜାରରେ ପ୍ରବେଶ କରିବାର ଲକ୍ଷ୍ୟ ରଖିଛି ଯେଉଁଥିରେ ରହିଛି ଇଣ୍ଡୋନେସିଆ ଓ ଆଫ୍ରିକାର ଅନ୍ୟ କେତେକ ଅଂଶ। ୧୦ମ ବାର୍ଷିକୋତ୍ସବର ପାଳନ ସ୍ୱରୂପ, ରେନୋ କାଇଗରର ନୂଆ ଆରଏକ୍ସଟି (ଓ) ଭାରିଆଂଟର ଶୁଭାରମ୍ଭ କରିଛି। ଏଥିରେ ଅନେକ ଗୁଡ଼ିକ ଆକର୍ଷଣୀୟ ସ୍କିମ ଓ ପ୍ରମୋସନ ସୁବିଧା ସମସ୍ତ ପୁରୁଣା ଓ ନୂଆ ଗ୍ରାହକମାନଙ୍କ ପାଇଁ ରହିଛି। ରେନୋ ଏହାର ଗ୍ରାହକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫରର ଘୋଷଣା କରିଛି ଯାହାକି ଟ.୧୩୦,୦୦୦ପର୍ଯ୍ୟନ୍ତ ସର୍ବାଧିକ ଲାଭ ବଛା ବଛା ଭାରିଆଂଟରେ ପ୍ରଦାନ କରୁଛି। ଏହି ଅଫରକୁ ଏହି ଅବଧି ସମୟରେ ଏକ ନୂଆ ରେନୋ ଗାଡ଼ିକୁ କିଣିବା ସମୟରେ ଉପଲବ୍ଧ କରାଯାଇପାରିବ। ଏହା ସହିତ, କମ୍ପାନୀ ମଧ୍ୟ ୧୦ ବର୍ଷର ପାଳନ ଅବସରରେ ୧୦ ଟି ୟୁନିକ୍ ଲୟାଲିଟି ରିୱାର୍ଡ଼ସର ଶୁଭାରମ୍ଭ କରିଛି ଓ ଏଥିରେ ସର୍ବାଧିକ ଲୟାଲିଟି ସୁବିଧା ଆଇଏନଆର ୧୧୦,୦୦୦ ପର୍ଯ୍ୟନ୍ତ ରହିଛି ଯାହାକି ନିୟମିତ ଗ୍ରାହକ ଅଫର ଅତିରିକ୍ତ ଅଟେ।

## ବିଜେଡିର ନିର୍ବାଚନୀ ପ୍ରସ୍ତୁତି ବୈଠକ

ଉଖୁଣ୍ଡା: ଆଜି କେନ୍ଦୁଝର ସଦର ବ୍ଲକ ବିଜୁ ଜନତା ଦଳର ସଭାପତି ଚକ୍ରଧର ପରିଡାଙ୍କ ଅଧକ୍ଷତାରେ ଜିଲ୍ଲା ବିଜୁ ଜନତା ଦଳ କାର୍ଯ୍ୟାଳୟରେ ନିର୍ବାଚନୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ବିଜୁ ଜନତା ଦଳର ସଭାପତି ମାଧବ ସର୍ଦ୍ଦାର ଓ ସଦର ନିର୍ବାଚନ ମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ଏମ୍‌ଡି ମବିନ୍ ଉପସ୍ଥିତ ଥିଲେ। ଏହି ନିର୍ବାଚନୀ ବୈଠକରେ ଜିଲ୍ଲା ଉପସଭାପତି ପ୍ରମୋଦ ପଟ୍ଟନାୟକ, ଜିଲ୍ଲା ସମ୍ପାଦକ ହୃଦାନନ୍ଦ ପ୍ରଧାନ, ସଦର ବ୍ଲକ ଯୁବ ସଭାପତି ଅରୁଣ କୁମାର ବ୍ରହ୍ମ, ମହିଳା ସଭାପତି ଶ୍ରୀମତୀ ସ୍ୱରତୀ ଘଣା, ୪ନଂ ଜୋନ୍ ଜିଲ୍ଲାପରିଷଦ ସଦସ୍ୟ ରଥ ମୁଣ୍ଡାଙ୍କ ସହ ୨୫ଟି ଗ୍ରାମ ପଂଚାୟତର ସଭାପତି ତଥା ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଉକ୍ତ ବୈଠକରେ ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଦଳ କିପରି ଶତପ୍ରତିଶତ କୃତକାର୍ଯ୍ୟ ହେବ ସେ ବିଷୟରେ ଆଲୋଚନା କରାଯାଇଥିଲା ।

## ୫ଟି କ୍ଲାସକୁ ଗୋଟିଏ ଶ୍ରେଣୀ ଗୃହରେ ଚାଲିଛି ଭାଲିଆଡିହି ସ୍କୁଲ

କେନ୍ଦୁଝର: କେନ୍ଦୁଝର ସଦର ବ୍ଲକ ଭାଲିଆଡିହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ ଶ୍ରେଣୀ ଗୃହରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢା ହେଉଛି। ଜନାର୍ଦ୍ଦନପୁର ପଞ୍ଚାୟତର ସର୍ବପୁରାତନ ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ମଧ୍ୟରେ ୪୬ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଥିବା ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହର ଆବଶ୍ୟକତା ଥିଲେ ମଧ୍ୟ ସମଗ୍ର ଶିକ୍ଷା ଅଭିଯାନ କିମ୍ବା ବ୍ଲକ ତରଫରୁ ନୂତନ ଶ୍ରେଣୀ ଗୃହ ନିର୍ମାଣ କରାଯାଉନାହିଁ। ଗୋଟିଏ ଛୋଟ ଶ୍ରେଣୀ ଗୃହରେ ୪୬ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ବିଦ୍ୟାଳୟ ପରିସରରେ ଥିବା ପୁରୁଣା ଶ୍ରେଣୀ ଗୃହ ବିପଦସଂକୁଳ ଅବସ୍ଥାରେ ଥିଲେ ମଧ୍ୟ ଘରକୁ ଭଙ୍ଗା ଯାଉନଥିବାରୁ ଭଙ୍ଗା ଘର ଭିତରେ ଅନେକ ସମୟରେ ସ୍କୁଲ ଛାତ୍ରଛାତ୍ରୀ ଯାଉଥିବାରୁ ବିପଦ ଆଶଙ୍କା ମଧ୍ୟ ରହିଛି। ସ୍କୁଲର ଏହି ଅସୁରକ୍ଷିତ ଘର ଭାଙ୍ଗିବାକୁ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ହେଁ ଏଥିପ୍ରତି ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟର ପାଚେରୀ ନଥିବାରୁ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ନିକଟସ୍ଥ ଗାଁରୁ ବହୁ ଯୁବକ ସ୍କୁଲ ବାଡ ଡେଇଁ କ୍ୟାମ୍ପସ ଭିତରେ ପ୍ରବେଶ କରି ଭୋଜିଭାତ କରି ମଦ୍ୟପାନ କରୁଛନ୍ତି। ସ୍କୁଲ ଭିତରେ ମଦ ବୋତଲ ପଡୁଥିବାରୁ ବିଦ୍ୟାଳୟ ପରିବେଶ ନଷ୍ଟ ହେଉଛି। ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ଏହାର ପ୍ରତିବାଦ କରି ସ୍କୁଲ ଗେଟରେ ଲେଖି ବାହାର ଲୋକଙ୍କୁ ବାରଣ କରିଥିଲେ ମଧ୍ୟ ଏହାକୁ କେହି ମାନୁ ନାହାନ୍ତି। ବିଦ୍ୟାଳୟର ସୁରକ୍ଷା ପାଚେରୀ ପାଇଁ ଗ୍ରାମବାସୀମାନେ ଦାବୀ କରୁଥିଲେ ହେଁ ଏଥିପ୍ରତି ବିଡିଓ ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି। ବିଦ୍ୟାଳୟ ପରିସରରେ ଥିବା ନଳକୂପରୁ ନାଲି ପାଣି ବାହାରୁ ଥିବାରୁ ଛାତାଛାତ୍ରୀଙ୍କ ପିଇବା ପାଣି ପାଇଁ ସମସ୍ୟା ହେଉଛି। ସ୍କୁଲ ଛାତ୍ରଛାତ୍ରୀଙ୍କ ପିଇବା ପାଣି ପାଇଁ ବିକଳ୍ପ ବ୍ୟବସ୍ଥା କରାଯିବା ସହ ରହିଥିବା ଅଭାବ ଅସୁବିଧା ଦୂର ଦିଗରେ ପଦକ୍ଷେପ ନେବାକୁ ଭାଲିଆଡିହି ଗ୍ରାମବାସୀ ଦାବୀ କରିଛନ୍ତି।

## ଜାତୀୟ ସେବା ଯୋଜନାର ଉଦ୍‌ଯାପନୀ ଦିବସ

ହରିଚନ୍ଦନପୁର: ହରିଚନ୍ଦନପୁର ବ୍ଲକର ବ୍ରଜବନ୍ଧୁ ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ଛାତ୍ର ମାନଙ୍କୁ ନେଇ ସିଂହବିଲା ପ୍ରାଥମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବ୍ରଜବନ୍ଧୁ ମହାବିଦ୍ୟାଳୟର ଅଧକ୍ଷ ଅମୀୟ ପ୍ରସାଦ ମହାନ୍ତ, ସଭାପତି ଶରଚ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ନରୋତ୍ତମ ପାତ୍ର, ବ୍ରଜବନ୍ଧୁ ମହାବିଦ୍ୟାଳୟର ପ୍ରୋଗ୍ରାମ ଅଫିସର ଶିବ ଚରଣ ପାତ୍ରଙ୍କ ସହିତ ମହାବିଦ୍ୟାଳୟର ଅନ୍ୟାନ୍ୟ ସଦସ୍ୟ ଖଗେଶ୍ୱର ମହାନ୍ତ, ଏକ୍ସପୋ ପ୍ରତାପ ଚନ୍ଦ୍ର ସାହୁ, ନିର୍ମଳ କୁମାର ବିରୁଆ, ଛାତ୍ର ବିଜୟ ବେହେରା, ଚକ୍ରଧର ବିଶ୍ୱାଳ, ସରୋଜ କୁମାର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମ ଗତ ୧୬ତାରିଖରୁ ଆରମ୍ଭ ହୋଇ ୨୨ତାରିଖରେ ଉଦ୍‌ଯାପନ ହୋଇଥିଲା। ଏହି ଶିବିର କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମାଜରେ ସ୍ୱେଚ୍ଛାସେବୀ ଭାବେ ସେବା କରିବା ସହ ଜନସାଧାରଣଙ୍କୁ ସଚେତନ କରିବା ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities



MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray